# ଧରିତ୍ରୀ
DHARITRI

ରାୟଗଡ଼ା, ଶୁକ୍ରବାର, ଅକ୍ଟୋବର ୨୬ /୨୦୧୮ (୧୬ ପୃଷ୍ଠା) Rayagada, Friday, October 26 / 2018 ★

୮ମ ଭାଗ ୨୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**‘# ମିଟୁ’ ଅଭିଯାନକୁ ଜ୍ୟାକ୍ଲିନଙ୍କ ସମର୍ଥନ**

‘# ମିଟୁ’ ଅଭିଯାନକୁ ଅଭିନେତ୍ରୀ ଜ୍ୟାକ୍ଲିନ ଫର୍ନାଣ୍ଡିଜ୍ ସମର୍ଥନ ଜଣାଇଛନ୍ତି। ଆମ ଚାରିପାଖେ ଯୌନ ଶୋଷଣକାରୀ ଘୂରି ବୁଲୁଛନ୍ତି ବୋଲି ସେ କହିଛନ୍ତି।


୦୨

୧୪

**ବ୍ରାଭୋଙ୍କ ଅବସର**

ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି।





# ମିଲର ନେଇଗଲେ ୧୯୭ କୋଟି ଟଙ୍କାର ଧାନ

- ୭୦ ଜଣଙ୍କ ବିରୋଧରେ ମାମଲା
- ଶତ ପ୍ରତିଶତ ଚାଉଳ ନ ଫେରାଇଲେ ସାମିଲ ହେବେନି ମିଲର
- ଖରିଫ ଧାନ କିଣା ପାଇଁ ୧୧ ଲକ୍ଷ ଚାଷୀ ପଞ୍ଜୀକୃତ
- ୧ଲକ୍ଷ ୫୬ ହଜାର ନୂଆ ଚାଷୀ
- ନଭେମ୍ବର ୧୫ ଯାଏ ବଢ଼ିଲା ଚାଷୀ ପଞ୍ଜୀକରଣ
- ଧାନ କିଣାରେ ଯୋଡ଼ିହେଲେ ୮୦ହଜାର କ୍ଷୁଦ୍ର ଚାଷୀ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ରାଜ୍ୟ ସରକାର ଆସନ୍ତା ନଭେମ୍ବର ୧ ତାରିଖରୁ ଖରିଫ ଧାନ ସଂଗ୍ରହ କରିବେ। ଏହି ପ୍ରକ୍ରିୟା ୨୦୧୯ ଏପ୍ରିଲ ୩୦ ଯାଏ ଚାଲିବ। ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଚାଷୀମାନଙ୍କର ଇ-ପଞ୍ଜୀକରଣଠାରୁ ଆରମ୍ଭକରି ପି-ପାସ୍ ବ୍ୟବସ୍ଥା କରାଯାଇଛି। ଚାଷୀଙ୍କୁ ଅନ୍‌ଲାଇନରେ ଟଙ୍କା ପଇଠ କରାଯାଉଛି। ହେଲେ ମିଲରମାନଙ୍କୁ ସରକାରଙ୍କ ବଳ ପାଉନାହିଁ। ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ଚାଉଳ ଦେବା ବାହାନାରେ ମିଲରମାନେ ହଜାର ହଜାର ମେଟ୍ରିକ ଟନ୍ ଧାନ ନେଇ ପାର୍ ହୋଇଯାଉଛନ୍ତି। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୦୩-୦୪ରୁ ୨୦୧୬-୧୭ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ଯୋଗାଣ ନିଗମ ଅଧୀନରେ ଧାନ କିଣାରେ ସାମିଲ ହୋଇଥିବା ୧୧୦ ଜଣ ମିଲର ୧୯୭କୋଟି ୪୩ ଟଙ୍କାର ଧାନ ନେଇ ପାର୍ ହୋଇଯାଇଛନ୍ତି।

ରାଜ୍ୟ ଯୋଗାଣ ନିଗମ ଅଧୀନରେ ଧାନ କିଣିଥିବା ୯୫ ଜଣ ମିଲର ୧ଲକ୍ଷ ୩୫ ହଜାର ୬୭୫ ମେଟ୍ରିକ ଟନ୍ ଧାନ ଅର୍ଥାତ ୯୨ ଲକ୍ଷ ୨୨ ହଜାର ମେଟ୍ରିକ ଟନ୍ ଚାଉଳ ନେଇଯାଇଛନ୍ତି। ଏହାର ମୂଲ୍ୟ ୧୮୮ କୋଟି ୮୪ ଲକ୍ଷ ୬୧ ହଜାର ୮୪୬ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବାଲେଶ୍ୱର ଜିଲାରେ ୯ ଜଣ ମିଲର ଏଭଳି ଜାଲିଆତି କରିଥିବା ବେଳେ ବରଗଡ଼ ୯, ବଲାଙ୍ଗୀର ୧, କଟକ ୫, ଦେବଗଡ଼ ୨, ଢେଙ୍କାନାଳ ୨, ଗଞ୍ଜାମ ୧୧, ଜଗତ୍‌ସିଂହପୁର ୩, ଯାଜପୁର ୧, ଝାରସୁଗୁଡ଼ା ୪, କଳାହାଣ୍ଡି ୧୯, କେନ୍ଦ୍ରାପଡ଼ା ୨, ଖୋର୍ଦ୍ଧା ୩, କୋରାପୁଟ ୨, ମୟୂରଭଞ୍ଜ ୧, ନବରଙ୍ଗପୁର ୩, ନୂଆପଡ଼ା ୬, ସମ୍ବଲପୁର ୬ ଏବଂ ସୁବର୍ଣ୍ଣପୁର ଜିଲାରେ ୬ ଜଣ ମିଲର ଧାନ ନେଇ ଚାଉଳ ଫେରାଇ ନାହାନ୍ତି। ସେହିପରି ମାର୍କଫେଡ ଅଧୀନରେ ଧାନ କିଣୁଥିବା ୧୫ ଜଣ ମିଲର ୫୮୭୫.୯୪୧ ମେଟ୍ରିକ ଟନ୍ ଚାଉଳ ଫେରାଇ ନାହାନ୍ତି, ଯାହାର ମୂଲ୍ୟ ହେବ ୮ କୋଟି ୫୯ ଲକ୍ଷ ୯୬ ହଜାର ୮୧୫ ଟଙ୍କା।

ତେବେ ଖିଲାପି ମିଲରମାନଙ୍କ ମଧ୍ୟରୁ ୭୦ ଜଣଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଥିବାବେଳେ ୫୬ ଜଣଙ୍କ ବିରୋଧରେ ସାର୍ଟିଫିକେଟ କେସ୍ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କଠାରୁ ୪୪ କୋଟି ୮୭ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ଧାନ କିଣାରେ ଆଉ ଖିଲାପି ମିଲରଙ୍କୁ ସାମିଲ କରାଯିବ ନାହିଁ। ୨୦୧୭-୧୮ ଖରିଫ ଓ ରବି ଧାନ ସଂଗ୍ରହରେ ସାମିଲ ହୋଇଥିବା ମିଲରମାନଙ୍କ ମଧ୍ୟରୁ ଯଦି କେହି ୧୦୦ ପ୍ରତିଶତ ଚାଉଳ ଜମା ଦେଇ ନ ଥିବେ ସେମାନେ ଆସନ୍ତା ଖରିଫ ଋତୁରେ ଧାନ କିଣାରେ ସାମିଲ ହୋଇ ପାରିବେ ନାହିଁ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଖରିଫ ଧାନ ସଂଗ୍ରହ ସକାଶେ ଚାଷୀମାନଙ୍କର ପଞ୍ଜୀକରଣ ଜାରି ରହିଛି। ଏଥିପାଇଁ ଜୁଲାଇ ୧୫ରୁ ଅକ୍ଟୋବର ୧୫ ଯାଏ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧିକୁ ନଭେମ୍ବର ୧୫ ତାରିଖ ଯାଏ ପୁଣି ବୃଦ୍ଧି କରାଯାଇଛି। ବିଭାଗରୁ ମିଳିଥିବା ସୂଚନା ମୁତାବକ ଏ ପର୍ଯ୍ୟନ୍ତ ☞ପୃଷ୍ଠା-୪

## ନୀରବ ମୋଦିଙ୍କ ୨୫୫ କୋଟିର ସମ୍ପତ୍ତି ଜବତ କଲା ଇଡି



**ନୂଆଦିଲ୍ଲୀ,୨୫।୧୦**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ହଂକଂରେ ଥିବା ୨୫୫ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରିଛି। ଏଥିପୂର୍ବରୁ ଇଡି ୪ଟି ଦେଶରେ ମୋଦିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହି ସମୟରେ ୫ଟି ବିଦେଶୀ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରାଯାଇଥିଲା। ସେତେବେଳେ ଏଥିରେ ୨୭୮ କୋଟି ଟଙ୍କା ଜମା ଥିଲା। ଏଥିସହିତ ତାଙ୍କର ମୁମ୍ବାଇ ସ୍ଥିତ ଘର ଓ ଗହଣା ଦୋକାନକୁ ମଧ୍ୟ ଜବତ କରାଯାଇଥିଲା। ଇତିମଧ୍ୟରେ ନୀରବଙ୍କ ୪୭୪୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇସାରିଛି।

■ ୨ରୁ ଅଧିକ ସନ୍ତାନ ଥିଲେ...

# ପଞ୍ଚାୟତ ନିର୍ବାଚନ ଲଢ଼ିବା ମନା

**ନୂଆଦିଲ୍ଲୀ,୨୫।୧୦**

ଯେଉଁ ବ୍ୟକ୍ତିଙ୍କ ୩ ସନ୍ତାନସନ୍ତତି ଥିବେ ସେ ପଞ୍ଚାୟତ ନିର୍ବାଚନ ଲଢ଼ିବାରୁ ସ୍ୱତଃ ଅଯୋଗ୍ୟ ହୋଇଯିବେ। କେବଳ ଏତିକି ନୁହେଁ, ଏଭଳି ବ୍ୟକ୍ତି କୌଣସି ପଞ୍ଚାୟତର ସଭ୍ୟ ବା ସରପଞ୍ଚ ପଦବୀରେ ମଧ୍ୟ ରହିପାରିବେ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

ଓଡ଼ିଶାର ଜଣେ ଆଦିବାସୀ ସରପଞ୍ଚଙ୍କ ୩ ପିଲା ଅଛନ୍ତି। ୨ରୁ ଊର୍ଦ୍ଧ୍ୱ ପିଲାପିଲି ଥିବା ବ୍ୟକ୍ତି ସରପଞ୍ଚ ପଦବୀରେ ରହିପାରିବେ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିୟମ ରହିଛି। ତେଣୁ ସେ ସେମାନଙ୍କ ମଧ୍ୟରୁ ଜଣକୁ ପୋଷ୍ୟ ସନ୍ତାନ ଭାବେ ଅନ୍ୟ ଜଣକୁ ଦେଇଛନ୍ତି। ଏହାକୁ ନେଇ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିଜ ପ୍ରତିକ୍ରିୟାରେ କହିଛନ୍ତି, ୩ ଜୀବିତ ପିଲାଙ୍କ ମା କିମ୍ବା ବାପାଙ୍କ ପଞ୍ଚାୟତ ନିର୍ବାଚନ ଲଢ଼ିବା ଅଥବା କୌଣସି ପଦବୀରେ ରହିବା ଉପରେ କଟକଣା ଜାରି କରିବା ହେଉଛି ପଞ୍ଚାୟତିରାଜ ଆଇନର ଉଦ୍ଦେଶ୍ୟ। ହିନ୍ଦୁ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ଆଇନ ଅନୁସାରେ ୨ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ପୋଷ୍ୟ ଦେଇ ସୁବିଧା ହାସଲ କରିବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ନୂଆପଡ଼ା ଜିଲାର ଏକ ପଞ୍ଚାୟତର ସରପଞ୍ଚ ଭାବେ ୨୦୦୨ ଫେବୃୟାରୀରେ ମିନାସିଂ ମାଝି ନିର୍ବାଚିତ ହୋଇଥିଲେ। ୨୦୦୨ ଅଗଷ୍ଟରେ ତାଙ୍କର ତୃତୀୟ ସନ୍ତାନ ଜନ୍ମ ହେବା ପରେ ଓଡ଼ିଶା ହାଇକୋର୍ଟ ତାଙ୍କୁ ସରପଞ୍ଚ ପଦରୁ ଅଯୋଗ୍ୟ ଘୋଷଣା କରିଥିଲେ। ମିନାସିଂ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମିନାସିଂଙ୍କ ପକ୍ଷରୁ ଆଇନଜୀବୀ ପୁନୀତ ଜୈନ ଏକ ପିଟିଶନ ଦାଏର କରିଥିଲେ। ସେ ଏଥିରେ ଯୁକ୍ତି ବାଢ଼ିଥିଲେ ଯେ, ମିନାସିଂ ତାଙ୍କର ପ୍ରଥମ ସନ୍ତାନକୁ ପୋଷ୍ୟ ଭାବେ ଦେଇଥିବାରୁ ଏବେ ତାଙ୍କର ୨ ଜଣ ପିଲା ଅଛନ୍ତି। ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରି କହିଛନ୍ତି, ସରପଞ୍ଚମାନଙ୍କୁ ୨ ସନ୍ତାନରେ ଆବଦ୍ଧ କରି ସାରା ଦେଶର ଆଦର୍ଶ ଭାବେ ଗ୍ରହଣ କରାଯିବା ପାଇଁ ଆଇନରେ ଉଲ୍ଲେଖ ଅଛି କି ନାହିଁ, ତାହା ଆମକୁ ଜଣାନାହିଁ। କିନ୍ତୁ ଏହି ଆଇନର ଉଦ୍ଦେଶ୍ୟ ସ୍ପଷ୍ଟ ଯେ, ପଞ୍ଚାୟତର ପଦବୀରେ ରହିବାକୁ ହେଲେ ପିଲାପିଲିଙ୍କ ସଂଖ୍ୟା ୨ରେ ସୀମିତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସଫଳତା କାମ୍ୟ**

**ଆଜିର ମନ୍ତବ୍ୟ**

“ପାକିସ୍ତାନ ଇଙ୍ଗିତରେ କାର୍ଯ୍ୟକଳାପ ବନ୍ଦ ନ କରିବା ଯାଏ ବିଚ୍ଛିନ୍ନତାବାଦୀଙ୍କ ସହ ଆଲୋଚନା ହେବ ନାହିଁ।

-ସତ୍ୟପାଳ ମଲିକ୍, ଜମ୍ମୁ-କଶ୍ମୀର ରାଜ୍ୟପାଳ

**କିଛି ତଥ୍ୟ**

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶରୁ ୪.୫୮ ଲକ୍ଷ ମେଟ୍ରିକ ଟନ୍ ଜୈବିକ ଉତ୍ପାଦ ରପ୍ତାନି ହୋଇଛି।

– ବାଣିଜ୍ୟ ମନ୍ତ୍ରଣାଳୟ


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges


NECC NATIONAL EGG CO-ORDINATION COMMITTEE 25.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 76 | 127 | 137 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 76 | 127 | 137 |
| ANG | 77 | 128 | 138 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers

## ଭିନଳାରେ ଗୋଷ୍ଠୀ ସଂଘର୍ଷ: ୮ ଗୁରୁତର

**ପାରଳାଖେମୁଣ୍ଡି, ୨୫।୧୦(ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣି ବ୍ଲକ ଅଗ୍ରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଭିନଳା ଗ୍ରାମରେ ପୂର୍ବ ବିବାଦକୁ ନେଇ ଗୁରୁବାର ସନ୍ଧ୍ୟାରେ ଦୁଇ ରାଜନୈତିକ ଦଳ କଂଗ୍ରେସ ଓ ବିଜେଡି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୮ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସରପଞ୍ଚ ଶିଶିର ପ୍ରଧାନ ଓ ତାଙ୍କ ପିତାଙ୍କ ସମେତ ଦୀନବନ୍ଧୁ ପ୍ରଧାନ, ସୁକୁମାରୀ ପ୍ରଧାନ, ରତନ ପ୍ରଧାନ, ଅରୁଣ ସ୍ୱାଇଁ ଏବଂ ପିଙ୍କି ସ୍ୱାଇଁ। ଏମାନଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ବାତ୍ୟା ପ୍ରଭାବିତ ଅଞ୍ଚଳରୁ ଅନାଥ ନାବାଳକ ଉଦ୍ଧାର

■ ନବଜୀବନ ବାଳାଶ୍ରମରେ ଥଇଥାନ କଲା ପ୍ରଶାସନ

**ପାରଳାଖେମୁଣ୍ଡି, ୨୫।୧୦ (ସ୍ୱ.ପ୍ର.)**

ଗଜପତି ଜିଲାର ବାତ୍ୟା ପ୍ରଭାବିତ ରାୟଗଡ ବ୍ଲକ ଅଧୀନ ବାରଘର ଗ୍ରାମରୁ ମା’ ବାପ ଛେଉଣ୍ଡ ଜଣେ ଅନାଥ ନାବାଳକଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ତାଙ୍କ ନାମ କାର୍ତ୍ତିକ ଭୂୟାଁ(୧୦)। ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ନବଜୀବନ ବାଳାଶ୍ରମରେ ଥଇଥାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୧୯ତାରିଖରେ କାର୍ତ୍ତିକଙ୍କ ଅନ୍ୟ ଦୁଇଭାଇ ରାମ ଭୂୟାଁ(୬) ଓ ସୀମାଞ୍ଚଳ ଭୂୟାଁ(୧୨)ଙ୍କୁ ପ୍ରଶାସନ ଉଦ୍ଧାର କରି ନବଜୀବନ ବାଳାଶ୍ରମରେ ଥଇଥାନ କରିଥିଲା। ଏହି ୩ଶିଶୁଙ୍କର ବାପା ଦଣ୍ଡପାଣି ଭୂୟାଁ ଓ ମାଆ ସୁମିତ୍ରା ଭୂୟାଁ ତିତ୍‌ଲି ବାତ୍ୟାରେ ପ୍ରାଣ ହରାଇଥିଲେ। ବାତ୍ୟା ବେଳେ ପାଖ ପାହାଡ଼ ଉପରୁ ପ୍ରବଳ ବେଗରେ ବାରଘର ଗ୍ରାମକୁ ବର୍ଷାପାଣି ମାଡ଼ିଆସିଥିଲା। ଏଥିରେ ଦଣ୍ଡପାଣି ଓ ସୁମିତ୍ରାଙ୍କ ଜୀବନ ଯାଇଥିଲା। ତେବେ ସେମାନଙ୍କ ୩ ପିଲା କୌଣସିମତେ ରକ୍ଷା ପାଇଯାଇଥିଲେ ମଧ୍ୟ ଅନାଥ ହୋଇପଡ଼ିଥିଲେ। ଏହାପରେ କାର୍ତ୍ତିକ ନିଜ ପିଉସୀଙ୍କ ପାଖରେ ରହୁଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ଅଣାଯାଇ ଜିଲା ଶିଶୁ କଲ୍ୟାଣ ସମିତି ମାଧ୍ୟମରେ ନବଜୀବନ ବାଳାଶ୍ରମରେ ଥଇଥାନ କରାଯାଇଛି । ବାତ୍ୟା ଯୋଗୁ ଅନାଥ ହୋଇପଡିଥିବା ଏହି ୩ଜଣ ପିଲାଙ୍କ ଥଇଥାନ ପାଇଁ ସରକାରଙ୍କ ଘୋଷଣା ଅନୁଯାୟୀ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।






"ସିବିଆଇ ମୁଖ୍ୟ ଭାବେ ଆଲୋକ ବର୍ମା କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରୁଥିଲେ । କିନ୍ତୁ ତାଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏପରି କରି ଆମ ସରକାର ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଦେଉଛନ୍ତି ।"
- ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍ପି



## ସଂକ୍ଷେପରେ

### ଜଗନ୍‌ମୋହନଙ୍କୁ ଛୁରାମାଡ଼



**ବିଶାଖାପାଟଣା,୨୫।୧୦(ଆଇଏଏନ୍‌ଏସ୍)-** ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଅଧକ୍ଷ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀଙ୍କୁ ବିଶାଖାପାଟଣାମ୍ ବିମାନବନ୍ଦରରେ ଗୁରୁବାର ଛୁରାମାଡ଼ ହୋଇଛି। ଜଗନ୍‌ମୋହନ୍ ଏଥିରେ ଆହତ ହୋଇଥିବା ଜଣାପଡ଼ିଛି। ଆକ୍ରମଣରେ ତାଙ୍କ ଶାର୍ଟ ରକ୍ତାକ୍ତ ହୋଇଯାଇଥିବା ଫଟୋ ଜଗନ୍‌ମୋହନ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଆକ୍ରମଣକାରୀଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି। ବିଶାଖାପାଟଣାମ୍ ବିମାନବନ୍ଦରସ୍ଥିତ ଏକ ରେଷ୍ଟୁରାଣ୍ଟରେ ୱେଟର୍ ଭାବେ ଜରିପଲ୍ଲୀ ଶ୍ରୀନିବାସ ରାଓ ନାମକ ଜଣେ ଯୁବକ କାମ କରନ୍ତି। ଜଗନ୍‌ମୋହନ ବିମାନବନ୍ଦରକୁ ଯାଇଥିବାବେଳେ ଶ୍ରୀନିବାସ ତାଙ୍କ ସହ ସେଲ୍‌ଫି ନେବାକୁ ଯାଇଥିଲେ। ଜଗନ୍‌ମୋହନ ତାଙ୍କୁ ମନାକରିବାରୁ ସେ ଏକ ଛୋଟ ଛୁରି କାଢ଼ି ତାଙ୍କ କାନ୍ଧରେ ଆଘାତ ଦେଇଥିଲେ। ସିଆଇଏସ୍‌ଏଫ୍‌ର ଜଣେ କମାଣ୍ଡାଣ୍ଟ ଶ୍ରୀନିବାସଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଚିକିତ୍ସା ପରେ ଜଗନ୍‌ମୋହନ୍ ବିମାନରେ ହାଇଦ୍ରାବାଦ ଯାଇଥିଲେ। ଏହି ଘଟଣାକୁ ନେଇ ବିମାନବନ୍ଦର ବାହାରେ ରୁଣ୍ଡ ହୋଇଥିବା ଶତାଧିକ ୱାଇଏସ୍‌ଆର୍ କଂଗ୍ରେସ କର୍ମୀ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

ଏୟାରସେଲ୍-ମାକ୍ସିସ୍ ମାମଲା

### ଚିଦାମ୍ବରମ୍‌ଙ୍କ ନାଁରେ ଚାର୍ଜଶିଟ

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**-ଏୟାରସେଲ୍-ମାକ୍ସିସ୍ ମନି ଲଣ୍ଡରିଂ ମାମଲା ଯୋଗୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଅଡୁଆ ବଢ଼ିଲା। ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ତାଙ୍କ ନାଁରେ ଚାର୍ଜଶିଟ ଦାଖଲ କରିଛି। ଦିଲ୍ଲୀର ଏକ କୋର୍ଟରେ ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦରେ ବରିଷ୍ଠ କଂଗ୍ରେସ ନେତା ଚିଦାମ୍ବରମ୍‌ଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ରହିଛି। ଅର୍ଥମନ୍ତ୍ରୀ ଥିବାବେଳେ ସେ ପଦର ଅପବ୍ୟବହାର କରି ବିଦେଶୀ ନିବେଶକଙ୍କୁ ସହଯୋଗ କରିବାକୁ ଯାଇ ନିଜ ପକେଟ ଭାରି କରିଥିଲେ ବୋଲି ସେଥିରେ ଦର୍ଶାଯାଇଛି। ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତିଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏସ୍. ଭାସ୍କରମନ୍‌ଙ୍କ ନାମ ମଧ ଚାର୍ଜଶିଟରେ ରହିଛି। ତେବେ ତଦନ୍ତ ସଂସ୍ଥା ସିବିଆଇ ଏବଂ ଇଡି ଆଣୁଥିବା ଅଭିଯୋଗକୁ ଉଭୟ ଚିଦାମ୍ବରମ୍ ଏବଂ ତାଙ୍କ ପୁଅ ଖଣ୍ଡନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଓ.ପି. ସାଇନି ଉକ୍ତ ଚାର୍ଜଶିଟକୁ ଗ୍ରହଣ କରିବା ସହ ମାମଲାର ବିଚାର ନଭେମ୍ବର ୨୬ରୁ ଆରମ୍ଭ ହେବ ବୋଲି କହିଛନ୍ତି। ଦୋଷୀ ସାବ୍ୟସ୍ତ ହେଲେ ଚିଦାମ୍ବରମ୍ ଓ ଅନ୍ୟ ଅଭିଯୁକ୍ତମାନେ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଭୋଗିବା ସହ ଜରିମାନା ମଧ ଦେବେ।

■ ତାମିଲନାଡୁ ସରକାରଙ୍କ ବିପଦ ଟଳିଲା

# ୧୮ ବିଦ୍ରୋହୀ ବିଧାୟକ ଅଯୋଗ୍ୟ

**ଚେନ୍ନାଇ,୨୫।୧୦(ଆଇଏଏନ୍‌ଏସ୍)**

ତାମିଲନାଡୁରଶାସକଏଆଇଏଡିଏମ୍‌କେର ୧୮ ବିଦ୍ରୋହୀ ବିଧାୟକ ଗୁରୁବାର ଆନୁଷ୍ଠାନିକ ଭାବେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ବିଧାନସଭା ବାଚସ୍ପତି ସେମାନଙ୍କ ସଦସ୍ୟତା ରଦ୍ଦ କରିଥିବାବେଳେ ଏବେ ମାଡ୍ରାସ୍ ହାଇକୋର୍ଟ ଏହି ନିଷ୍ପତ୍ତିକୁ ବୈଧ ଘୋଷଣା କରିଛନ୍ତି। ଫଳରେ ୬ ମାସ ମଧ୍ୟରେ ଅନ୍ୟ ୨ ନିର୍ବାଚନମଣ୍ଡଳୀ ସହ ମୋଟ ୨୦ ଆସନରେ ଉପନିର୍ବାଚନ ହେବାର ପଥ ଉନ୍ମୁକ୍ତ ହୋଇଛି। ହାଇକୋର୍ଟଙ୍କ ଏହି ରାୟ ଏଆଇଏଡିଏମ୍‌କେ ସରକାରଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଥିବାବେଳେ ବିଦ୍ରୋହୀ ନେତା ଟିଟିଭି ଧିନାକରନ୍‌ଙ୍କୁ ଶକ୍ତ ଝଟକା ଲାଗିଛି।

ଧିନାକରନ୍ ଗୋଷ୍ଠୀର ୧୮ ବିଧାୟକଙ୍କ ବିଦ୍ରୋହ ପରେ ୨୦୧୭ ସେପ୍ଟେମ୍ବର ୧୮ରେ ବାଚସ୍ପତି ପି. ଧନପାଲ ଦଳବଦଳ ଆଇନରେ



ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ବିଧାୟକମାନେ ତତ୍କାଳୀନ ରାଜ୍ୟପାଳ ସି. ବିଦ୍ୟାସାଗର ରାଓଙ୍କୁ ଭେଟି ଇ. ପଲାନିସାମୀ (ଇପିଏସ୍) ସରକାର ଆସ୍ଥା ହରାଇଥିବା ଏକ ସ୍ମାରକପତ୍ରରେ ଦର୍ଶାଇବା ସହ ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପାଇଁ ଦାବି କରିଥିଲେ। ଏହାସହ ସେମାନେ ବାଚସ୍ପତିଙ୍କ ରାୟ ବିରୋଧକୁ ମାଡ୍ରାସ୍ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜୁନ୍ ୧୪ରେ ତତ୍କାଳୀନ ମୁଖ୍ୟ ବିଚାରପତି ଇନ୍ଦିରା ବାନାର୍ଜୀ ଓ ଜଷ୍ଟିସ୍ ଏମ୍. ସୁନ୍ଦରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଥିଲେ। ଜଷ୍ଟିସ୍ ବାନାର୍ଜୀ ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିବାବେଳେ ଜଷ୍ଟିସ୍ ସୁନ୍ଦର ଭିନ୍ନମତ ଦେଇଥିଲେ। ଫଳରେ ସୁପ୍ରିମକୋର୍ଟ ଜଷ୍ଟିସ୍ ଏମ୍. ସତ୍ୟନାରାୟଣନ୍‌ଙ୍କୁ ହାଇକୋର୍ଟରେ ତୃତୀୟ ବିଚାରପତି ଭାବେ ନିଯୁକ୍ତ କରିଥିଲେ। ଜଷ୍ଟିସ୍ ସତ୍ୟନାରାୟଣନ୍ ଗୁରୁବାର ଜଷ୍ଟିସ୍ ବାନାର୍ଜୀଙ୍କ ରାୟକୁ ବଳବତ୍ତର ରଖି ୧୮ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ୨୩୫ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଏଆଇଏଡିଏମ୍‌କେ ବିଧାୟକଙ୍କ ସଂଖ୍ୟା ୧୧୫ । ସେହିପରି ଡିଏମ୍‌କେର ୮୮, କଂଗ୍ରେସର ୮, ଆଇୟୁଏମ୍‌ଏଲ୍ ୧ ଓ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତି। ବାଚସ୍ପତିଙ୍କୁ ବାଦ୍ ଦେଲେ ୨୦ ଆସନ ଖାଲି ରହିଛି। ଏବେ ଇପିଏସ୍ ସରକାର ଆସ୍ଥାଭୋଟ ଜିତିବା ସମ୍ଭାବନା ରହିଛି। ୬ ମାସ ମଧ୍ୟରେ ହେବାକୁ ଥିବା ଉପନିର୍ବାଚନ ମୁଖ୍ୟମନ୍ତ୍ରୀ ପଲାନିସାମୀଙ୍କ ପାଇଁ ଅଗ୍ନିପରୀକ୍ଷା ସଦୃଶ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ଧିନାକରନ୍ କହିଛନ୍ତି, ଏହା ଆମ ପାଇଁ ଏକ ଅନୁଭୂତି। ଅଯୋଗ୍ୟ ଘୋଷିତ ୧୮ ବିଧାୟକଙ୍କ ସହ ଆଲୋଚନା ପରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଆବଶ୍ୟକ ହେଲେ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରାଯିବ।

**ଇପିଏସ୍‌ଙ୍କୁ ଆଶ୍ୱସ୍ତି**
- ଏଆଇଏଡିଏମ୍‌କେର ୧୮ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ
- ବାଚସ୍ପତିଙ୍କ ରାୟ ହାଇକୋର୍ଟରେ ବଳବତ୍ତର
- ୨୦ ଆସନରେ ୬ ମାସ ମଧ୍ୟରେ ହେବ ଉପନିର୍ବାଚନ

# ୪ ଆତଙ୍କବାଦୀ ନିହତ



**ଶ୍ରୀନଗର,୨୫।୧୦(ଆଇଏଏନ୍‌ଏସ୍)**

ଅଶାନ୍ତ କଶ୍ମୀର ଉପତ୍ୟକାର ଦୁଇଟି ପୃଥକ୍ ସ୍ଥାନରେ ଗୁରୁବାର ଏନ୍‌କାଉଣ୍ଟର ଘଟିଛି। ଏଥିରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

ବାରମୁଲ୍ଲା ଜିଲାର ଅଥୁରା ଗ୍ରାମରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିଥିଲେ। ଉଭୟ ପଟୁ ଘମାଘୋଟ ଗୁଳି ବିନିମୟ ହେବା ପରେ ୨ ଆତଙ୍କବାଦୀ ଟଳିପଡ଼ିଥିଲେ। ଅପରେଶନବେଳେ କୌଣସି ସୁରକ୍ଷାକର୍ମୀ ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ନିହତ ଆତଙ୍କବାଦୀ କେଉଁ ସଙ୍ଗଠନର ସଦସ୍ୟ ଥିଲେ ତାହା ଜଣାପଡ଼ି ନାହିଁ। ତେବେ ସେମାନେ କଶ୍ମୀରବାସୀ ବୋଲି କୁହାଯାଉଛି।

ଗୁରୁବାର ସନ୍ଧ୍ୟାରେ ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲା ଅନ୍ତର୍ଗତ ଅରୱାନି ଗ୍ରାମରେ ମଧ ଏନ୍‌କାଉଣ୍ଟର ଘଟିଛି। ଦମନ ଅଭିଯାନବେଳେ ଏଠାରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଉ ଜଣେ ଆତଙ୍କବାଦୀ ମଧ ଟଳିପଡ଼ିଥିବା ଅନୁମାନ କରାଯାଉଛି। ତାଙ୍କ ମୃତଦେହ ଠାବ କରିବା ଲାଗି ଅଭିଯାନ ଜାରି ରହିଥିଲା (ଶେଷ ଖବର ସୁଦ୍ଧା)। ଅରୱାନି ଗ୍ରାମରେ ଅପରେଶନ ଚାଲିଥିବାବେଳେ ସ୍ଥାନୀୟ ଯୁବକମାନେ ବାଧା ଦେବାକୁ ଯାଇ ସୁରକ୍ଷାକର୍ମୀଙ୍କ ଉପରକୁ ଟେକାମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ଲାଗି ଯବାନମାନେ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲେ।

■ ୨୭ ଏଏପି ବିଧାୟକଙ୍କ ବିରୋଧରେ ଲାଭଜନକ ପଦବୀ ମାମଲା

# ଆବେଦନ ଖାରଜ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**

ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ଆଶ୍ୱସ୍ତି ମିଳିଛି। ଏଏପିର ୨୭ ବିଧାୟକ ଲାଭଜନକ ପଦବୀରେ ରହିଥିବା ଅଭିଯୋଗରେ ଦାଏର ଏକ ପିଟିଶନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖାରଜ କରିଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରାଷ୍ଟ୍ରପତିଙ୍କ ଏହି ରାୟକୁ ସ୍ୱାଗତ କରିଛନ୍ତି।

ଦିଲ୍ଲୀସ୍ଥିତ ବିଭିନ୍ନ ସରକାରୀ ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ଅଧକ୍ଷ ଭାବେ ୨୭ ବିଧାୟକ ନିଯୁକ୍ତ ହୋଇଛନ୍ତି। ୨୦୧୬ ଜୁନ୍ ୨୧ରେ ବିଭୋର ଆନନ୍ଦ ନାମକ ଜଣେ





ବ୍ୟକ୍ତି ଏହାକୁ ଚ୍ୟାଲେଞ୍ଜ କରି ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୭ ଏଏପି ବିଧାୟକ ଲାଭଜନକ ପଦବୀରେ ରହିଥିବାରୁ ସେମାନେ ହସ୍ପିଟାଲର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିପାରନ୍ତି ବୋଲି ଆଶଙ୍କା କରି ସେମାନଙ୍କ ସଦସ୍ୟତା ରଦ୍ଦ କରିବାକୁ ସେ ଉଲ୍ଲେଖ କରିଥିଲେ। ଉକ୍ତ ପିଟିଶନ ଉପରେ ଜୁଲାଇ ୧୦ରେ ଇସିଙ୍କ ପକ୍ଷରୁ ମତାମତ ଦିଆଯାଇଥିଲା। ଏହାକୁ ଭିତ୍ତିକରି ରାଷ୍ଟ୍ରପତି ଅକ୍ଟୋବର ୧୫ରେ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ଏଏପିର ୨୦ ବିଧାୟକଙ୍କ ସଂସଦୀୟ ସଚିବ ଭାବେ ନିଯୁକ୍ତ ହୋଇଥିବା ଦର୍ଶାଇ ସେମାନଙ୍କ ବିରୋଧରେ ଅନ୍ୟ ଏକ ଲାଭଜନକ ପଦବୀ ମାମଲା ନିର୍ବାଚନ କମିଶନଙ୍କ ନିକଟରେ ବିଚାରାଧୀନ ଅଛି।

# ୪ ଆଇବି ଅଧିକାରୀଙ୍କୁ ଉଠାଇନେଲା ପୋଲିସ

**ନୂଆଦିଲ୍ଲୀ,୨୫।୧୦(ପି.ଟି.)**–କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନ ବାହାରେ ଗୁରୁବାର ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ୪ ଜଣଙ୍କୁ ପୋଲିସ ଉଠାଇନେଇଛି। ପଚରାଉଚରା ପରେ ସେମାନେ ଗୋଇନ୍ଦା ବ୍ୟୁରୋ (ଆଇବି)ର ବୋଲି ଜଣାପଡ଼ିଛି।

ସାଧାରଣ ଶୃଙ୍ଖଳା ଓ ଆଭ୍ୟନ୍ତରୀଣ ନିରାପତ୍ତାକୁ ପ୍ରଭାବିତ କରିବା ଭଳି ସ୍ଥିତି ନେଇ ଗୋଇନ୍ଦା ତଥ୍ୟ ସଂଗ୍ରହ କରିବା ପାଇଁ ଆଇବିକୁ ଦାୟିତ୍ୱ ଦିଆଯାଇଛି। ଏଥିସହ ଏହାର ୟୁନିଟ୍‌ଗୁଡ଼ିକ ନିୟମିତ ଭାବେ ସମ୍ବେଦନଶୀଳ ଅଞ୍ଚଳରେ ନିୟୋଜିତ ହୋଇଥାନ୍ତି। ଏହି କ୍ରମରେ ୨ ଜନପଥସ୍ଥିତ ବର୍ମାଙ୍କ ବାସଭବନ ବାହାରେ ଆଇବିର ୪ ଜଣ କର୍ତ୍ତବ୍ୟରତ ଥିବାବେଳେ ପୋଲିସ ସେମାନଙ୍କୁ ଉଠାଇନେଇ ପଚରାଉଚରା କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ସିବିଆଇ ମୁଖ୍ୟଙ୍କ ଘର ବାହାରେ ବୁଲୁଥିଲେ**



## ଫୁର୍‌ସତ

### ଜେସିବି ପୁରସ୍କାର ବିଜେତା ବେନ୍ୟାମିନ

**ନୂଆଦିଲ୍ଲୀ:**

ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ଲାଗି ସର୍ବାଧିକ ଆର୍ଥିକ ପ୍ରୋତ୍ସାହନ ଯୋଗାଉଥିବା ଜେସିବି ପୁରସ୍କାର ବିଜେତାଙ୍କ ନାମ ଘୋଷଣା ହୋଇଛି। ଏଥର 'ଯସ୍ମିନ୍ ଡେଜ୍'ର ଲେଖକ ବେନ୍ୟାମିନଙ୍କୁ ଏଥିଲାଗି ଯୋଗ୍ୟ ବିବେଚିତ କରାଯାଇଛି। ତାଙ୍କୁ ପୁରସ୍କାର ରାଶି ସ୍ୱରୂପ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ବୁଧବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ନୈଶଭୋଜିରେ ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି। 'ଯସ୍ମିନ୍ ଡେଜ୍' ହେଉଛି ଏକ ମାଲୟାଲମ୍ ପୁସ୍ତକର ଅନୁବାଦ। ୨୦୧୪ରେ ପ୍ରଥମେ



ଏହା ପ୍ରକାଶ ପାଇଥିଲା, ଯାହାର ନାମ ରହିଥିଲା 'ମୁଲ୍ଲାପ୍ପୋ ନିରାମୁଲ୍ଲା ପକାଲୁକଲ'। ଶାହନାଜ୍ ହବିବ୍ ଏହାର ଇଂଲିଶ ଅନୁବାଦ କରିଥିଲେ।

# ଦୁର୍ଭିକ୍ଷ ଆଁରେ ୟେମେନବାସୀ

**ସାନା:** ବିଶ୍ୱ ବିକାଶର ପଥେ ଅଗ୍ରସର ହେଉଥିଲେ ସୁଦ୍ଧା ଏବେ ମଧ ଅନେକ ଭାଗରେ ଲୋକେ ଭୋକିଲା ରହୁଛନ୍ତି। ଦୁଇଗୁଣ୍ଡା ଖାଇବାକୁ ପାଉ ନ ଥିବାରୁ ଉଦର ଯନ୍ତ୍ରଣା ଦେଇ ଗତି କରୁଛନ୍ତି। ଦୁର୍ଭିକ୍ଷ ଓ ଅନାହାରର ଜ୍ୱଳନ୍ତ ଉଦାହରଣ ପାଲଟିଛି ୟେମେନ। ଏଠାରେ ଭୋକରେ ଆଉଟୁପାଉଟୁ ହୋଇ ବହୁ ଲୋକ ପ୍ରାଣ ହରାଉଛନ୍ତି। ଆଗକୁ ୟେମେନର ଏହି ସ୍ଥିତି ଅଧିକ ଜଟିଳ ହୋଇପାରେ ବୋଲି ଜାତିସଂଘର ଜାରୁରିକାଳୀନ ରିଲିଫ୍ ଅଧିକାରୀ ସତର୍କ କରାଇଛନ୍ତି।

ଦୁର୍ଭିକ୍ଷ ଯୋଗୁ ୟେମେନ୍‌ର ଅସଂଖ୍ୟ ଲୋକଙ୍କ ଜୀବନ ଏବେ ବିପଦମୁଖକୁ ଠେଲି ହୋଇଯାଇଛି। ଦେଶର ୮ ନିୟୁତ ଲୋକ ଆହାର ପାଇଁ ଅନ୍ୟ ହାତକୁ ଚାହିଁରହିଛନ୍ତି। ଖାଦ୍ୟ ଯୋଗାଇଦେଲେ ଏମାନଙ୍କ ପେଟରେ ଦାନା ପଡୁଛି। କିନ୍ତୁ ଦେଶର ସବୁ ଅନାହାର ଲୋକଙ୍କୁ ଖାଦ୍ୟ ଯୋଗାଇବା ସମ୍ଭବ




ହେଉନାହିଁ। ଦେଶର ମୋଟ ଜନସଂଖ୍ୟାରୁ ଅର୍ଦ୍ଧେକ ଅର୍ଥାତ୍ ପାଖାପାଖି ୧୪ ନିୟୁତ ଲୋକ ଆହାର ପାଇଁ ନିର୍ଭରଶୀଳ ବୋଲି 'ଦ ଗାର୍ଡିଆନ୍' ରିପୋର୍ଟରେ ପ୍ରକାଶ ପାଇଛି। ଏହି ବିପର୍ଯ୍ୟୟ ଆଗକୁ ମହାବିପଦର ରୂପ ନେବ ବୋଲି ଆଶଙ୍କା କରାଯାଉଛି। ଏବେ ୟେମେନ୍‌ରେ ଖାଦ୍ୟ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହେଲାଣି। ଇରାନ୍‌କୁ ସମର୍ଥନ କରୁଥିବା ହୁଥି ବିଦ୍ରୋହୀମାନେ ୟେମେନ୍‌ର ଅଧିକାଂଶ ଭାଗକୁ କବ୍‌ଜା କରିବା ପରେ ଦେଶରେ ଗୃହଯୁଦ୍ଧ ଲାଗିରହିଛି। ରାଜଧାନୀ ସାନାର ସ୍ଥିତି ମଧ ଜଟିଳ ହୋଇଛି। ଅନ୍ୟାନ୍ୟ ଅଞ୍ଚଳର ଦୁଃସ୍ଥିତି ମଧ ଅବର୍ଣ୍ଣନୀୟ। ହଜାର ହଜାର ୟେମେନ୍‌ବାସୀଙ୍କୁ କବ୍‌ଜା କରି ରଖାଯିବା ସହ ଆକାଶମାର୍ଗରୁ ବୋମା ବର୍ଷଣ ହେଉଛି। ପ୍ରାଣବିକଳରେ ଲୁଚିରହୁଥିବା ଲୋକେ ଭୋକ ଉପାସରେ ରହିବା ସହ ମହାମାରୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସୂଚନା ମୁତାବକ, ୟେମେନର ୧୦,୦୦୦ ଲୋକ ପ୍ରାଣ ହରାଇଲେଣି।

## ଇତିହାସର ଆଇନାରେ

### ଅକ୍ଟୋବର ୨୬ର ପ୍ରମୁଖ ଘଟଣା

୧୯୪୭ ଅକ୍ଟୋବର ୨୬ରେ ଜମ୍ମୁ-କଶ୍ମୀରର ମହାରାଜା ହରି ସିଂ ଭାରତ ସହ ମିଶିବା ଲାଗି ପ୍ରସ୍ତାବ ଦେଇଥିଲେ। ଫଳରେ ଏହାର ଦିନକ ପରେ ଅର୍ଥାତ୍ ଅକ୍ଟୋବର ୨୭ରେ ଭାରତ ସହ ଜମ୍ମୁ-କଶ୍ମୀରର ମିଶ୍ରଣ ହୋଇଥିଲା। ବ୍ରିଟିଶ ଶାସନାଧୀନ ଭାରତରେ ଏହା ଏକ ପ୍ରିନ୍ସଲି ଷ୍ଟେଟ୍ ଭାବେ ରହିଥିଲା। ଦେଶ ବିଭାଜିତ ହୋଇ ସ୍ୱତନ୍ତ୍ର ଭାରତ ଓ ପାକିସ୍ତାନ ଗଠନ ହେବା ପରେ ଏହି ରାଜ୍ୟ କାହାରି ସହ ମିଶି ନ ଥିଲା।

୨୦୦୧ ଅକ୍ଟୋବର ୨୬ରେ ଆମେରିକାରେ ପାଟ୍ରିୟଟ୍ ଆଇନ ଗୃହୀତ ହୋଇଥିଲା। ସେହିବର୍ଷ ସେପ୍ଟେମ୍ବର ୧୧ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଏଭଳି ଏକ ଆଇନ ଆଣିବାକୁ ଆମେରିକୀୟ କଂଗ୍ରେସ ନିଷ୍ପତ୍ତି ନେଇଥିଲା। କଂଗ୍ରେସ ପକ୍ଷରୁ ଆଗତ ଏହି ଆଇନରେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍ ସ୍ୱାକ୍ଷର କରିଥିଲେ। ଆତଙ୍କବାଦୀ ଆକ୍ରମଣ ଭଳି ବିପର୍ଯ୍ୟୟ ବେଳେ ଆମେରିକାକୁ ସୁଦୃଢ଼ କରିବା ଏବଂ ଏହାର ମୁକାବିଲା ପାଇଁ ଏହି ଆଇନ ବେଶ୍ ସହାୟକ ଥିଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପରିଷ୍କାର ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୮.୮ |
| ଚାନ୍ଦବାଲି | ୩୨.୫ | ୨୨.୧ |
| କଟକ | ୩୨.୮ | ୨୦.୮ |
| ପାରାଦ୍ୱୀପ | ୩୩.୫ | ୨୩.୬ |
| ଭୁବନେଶ୍ୱର | ୩୩.୬ | ୨୧.୮ |
| ଗୋପାଳପୁର | ୩୩.୦ | ୨୩.୩ |
| ପୁରୀ | ୩୩.୦ | ୨୪.୪ |
| ଅନୁଗୋଳ | ୩୩.୧ | ୧୮.୦ |
| ବାରିପଦା | --- | ୧୮.୪ |
| ଝାରସୁଗୁଡ଼ା | ୩୪.୨ | ୧୫.୧ |
| କେନ୍ଦୁଝର | ୩୦.୬ | ୧୬.୦ |
| ସମ୍ବଲପୁର | ୩୪.୮ | ୧୭.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୨ | ୧୭.୮ |
| ତାଳଚେର | --- | ୧୮.୫ |
| ଭବାନୀପାଟଣା | ୩୧.୦ | ୧୭.୦ |
| ବଲାଙ୍ଗୀର | ୩୩.୨ | ୧୮.୫ |
| କୋରାପୁଟ | ୩୦.୦ | ୧୫.୬ |
| ଫୁଲବାଣୀ | --- | ୧୬.୨ |
| ଟିଟିଲାଗଡ଼ | ୩୪.୨ | ୧୭.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୪.୨ | ୧୮.୪ |
| ଦାରିଙ୍ଗିବାଡ଼ି | --- | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଚାରିପାଖେ ଅଛନ୍ତି ବ୍ୟଭିଚାରୀ

**ମୁମ୍ବାଇ:** କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ବିରୋଧରେ ମୁହଁ ଖୋଲିବା ଲାଗି ଚାଲିଥିବା '# ମିଟୁ' ଅଭିଯାନ ବଳବତ୍ତର ରହିଛି। ଅନେକ ପୀଡ଼ିତା ନିଜ ସହ ଘଟିଥିବା କରୁଣ ପରିସ୍ଥିତି ବିଷୟରେ ଅଭିଯୋଗ କରୁଥିବାବେଳେ ଅନ୍ୟ କଳାକାରମାନେ ସେମାନଙ୍କୁ ଦେଉଛନ୍ତି ସମର୍ଥନ। ଏହି କ୍ରମରେ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍ ମଧ '# ମିଟୁ' ଅଭିଯାନକୁ ନେଇ ନିଜ ମତ ରଖିଛନ୍ତି। ମହିଳାଙ୍କ ପ୍ରତି ବ୍ୟଭିଚାର ଘଟଣା ବହୁ ଆଗରୁ ଘଟିଆସୁଛି'। କେବଳ ଫିଲ୍ମ ଇଣ୍ଡଷ୍ଟ୍ରି ଭିତରେ ଏହା ସୀମିତ ହୋଇ ରହିନାହିଁ। ସମାଜର ପ୍ରତ୍ୟେକ ଭାଗରେ ମହିଳା ନିର୍ଯାତିତା ବୋଲି ଜ୍ୟାକ୍‌ଲିନ୍ କହିଛନ୍ତି। ଏକ ର୍‍ୟାମ୍ପ ଶୋ'ରେ ଯୋଗଦେବା ପରେ ସେ ଆହୁରି କହିଛନ୍ତି ଯେ, ଯୌନ ପିପାସୁମାନେ ଆମ ଚାରିପାଖେ ରହିଛନ୍ତି। ଏହା ଅତି ଦୁର୍ଭାଗ୍ୟର ବିଷୟ। କେତେବେଳେ ଆମ ନିଜ ଘରେ ମଧ ବ୍ୟଭିଚାରୀ ରହିଥାଆନ୍ତି। ତେଣୁ ଯୌନ ନିର୍ଯାତନା ସଂକ୍ରାନ୍ତ ପ୍ରକୃତ ପ୍ରସଙ୍ଗକୁ ଏଡ଼ାଇଯିବା ଅନୁଚିତ। ପ୍ରକୃତରେ କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଚାହୁଁଥିଲେ, ସଭିଏଁ ସଚେତନ ରହିବା ସହ ବିରୋଧର ସ୍ୱର ଉଠାଇବା ଉଚିତ ବୋଲି ଜ୍ୟାକ୍‌ଲିନ କହିଛନ୍ତି। ଭାରତରେ '# ମିଟୁ' ଅଭିଯାନ ଜାରି ରହୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। କୌଣସି ମହିଳାଙ୍କ ପ୍ରତି ଅସଦାଚରଣ ହେଲେ କିମ୍ବା କେହି ଯୌନ ନିର୍ଯାତନାର ଶିକାର ହେଲେ ତାଙ୍କୁ ଗଭୀର ଆଘାତ ଲାଗେ ବୋଲି ଜ୍ୟାକ୍‌ଲିନ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଲିଉଡ ଜଗତର ନାମୀ ଦାମୀ କଳାକାର ନାନା ପାଟେକର, ଆଲୋକ ନାଥ, ସାଜିଦ୍ ଖାନ, ରଜତ କପୁର, କୈଳାସ ଖେର, ବିକାଶ ବହଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର, ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।



ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ୍–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.




## ସଂକ୍ଷେପରେ

### ଖୁରାନିଆ ହେଲେ ବିଏସ୍‌ଏଫ୍ ଆଇଜି

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)- ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ୱାଇ.ବି. ଖୁରାନିଆଙ୍କୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଆଇଜି ଭାବେ ନିଯୁକ୍ତି ଦେଇଛି। ଭୁବନେଶ୍ୱର-କଟକ କମିଶନରେଟ ପୋଲିସର କମିଶନର ପଦରୁ ତାଙ୍କୁ ହଟାଯିବା ପରେ ଏଡିଜି ପ୍ରୋଭିଜନିଂ ଭାବେ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଖୁରାନିଆ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ତାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ନିଯୁକ୍ତିର ୫ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଖୁରାନିଆଙ୍କ ସ୍ଥାନରେ ବିନୟତୋଷ ମିଶ୍ରଙ୍କୁ ଏଡିଜି ପ୍ରୋଭିଜନିଂ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିଭଳି ପୋଲିସ ମୁଖ୍ୟାଳୟରେ ଆଇଜି ଥିବା ଆଇପିଏସ୍ ଅଧିକାରୀ ଅସିତ କୁମାର ପାଣିଗ୍ରାହୀଙ୍କୁ ପୋଲିସ କମ୍ୟୁନିକେଶନ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

### ଆସୁଛି ଲଘୁଚାପ: ୩ ଦିନ ଭିଜେଇବ

ଭୁବନେଶ୍ୱର,୨୫।୧୦(ବ୍ୟୁରୋ)- ଆସୁଛି ଲଘୁଚାପ। ୩ ଦିନ ଭିଜେଇବ। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ହେବା ସମ୍ଭାବନା ରହିଛି। ୨୮ ତାରିଖ ସନ୍ଧ୍ୟାରୁ ଝିପିଝିପି ବର୍ଷା ଆରମ୍ଭ ହେବ। ୨୯ ଓ ୩୦ ଦୁଇଦିନ ଧରି କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ପୁରୀ, ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷିବ। କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ମଧ ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସିକ୍କିମ ଓ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଲଘୁଚାପ ଘନୀଭୂତ ହେବା ସମ୍ଭାବନା ରହିଛି। ରାଜ୍ୟରେ ହାଲ୍‌କା ଶୀତ ଆରମ୍ଭ ହୋଇଛି।

### ମୋବାଇଲ ଶୌଚାଳୟ ପୋଡ଼ିଦେଲେ ଦୁର୍ବୃତ୍ତ

ଜୟପୁର,୨୫।୧୦(ଡି.ଏନ୍.ଏ.): ଜୟପୁର ପୌରସଂସ୍ଥାର ୩ ନମ୍ବର ୱାର୍ଡ ଖ୍ରୀଷ୍ଟିଆନ ସାହିରେ ଥିବା ମୋବାଇଲ ଶୌଚାଳୟକୁ କେହି ଦୁର୍ବୃତ୍ତ ପୋଡ଼ି ଦେଇଛି। ୬ଟି ପାଇଖାନା ମଧରୁ ଗୋଟିଏର ପ୍ଲାଷ୍ଟିକ କବାଟକୁ ନିଆଁ ଲଗାଇ ଦିଆଯାଇଛି। ପୌରସଂସ୍ଥା ପକ୍ଷରୁ ୫ଟି ମୋବାଇଲ ଶୌଚାଳୟ ସହରର ବାଇପାସ ରୋଡ, ଜୟନଗର, ଖ୍ରୀଷ୍ଟିଆନ ସାହି, ମେଦ୍ରୀ ସାହିରେ ସ୍ଥାପନ କରାଯାଇଥିଲା । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ କହିଛନ୍ତି, ଏନେଇ ଥାନାରେ ଏତଲା ଦିଆଯାଇନାହିଁ । ସମସ୍ତ ମୋବାଇଲ ଶୌଚାଳୟକୁ ପୌର କାର୍ଯ୍ୟାଳୟକୁ ଫେରାଇ ଅଣାଯିବ । ପର୍ବପର୍ବାଣି କିମ୍ବା ବଡ଼ ବୈଠକ ବେଳେ ଏହାକୁ ଅସ୍ଥାୟୀ ଭାବେ ସହରରେ ସ୍ଥାପନ କରାଯିବ।




# ନୂଆ ରୂପରେ ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ଦେଶ ବିଦେଶରେ ରହୁଥିବା ଓଡ଼ିଆଙ୍କ ପାଖରେ ଓଡ଼ିଆ ଭାଷାକୁ ପହଞ୍ଚାଇବା ଏବଂ ଭାଷା ଭଣ୍ଡାରକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା 'ଓଡ଼ିଆ ଭର୍ଚ୍ଚୁଆଲ୍ ଏକାଡେମୀ'କୁ ସମ୍ପୂର୍ଣ୍ଣ ନୂଆ ରୂପରେ ଦେଖିବାକୁ ପାଇବେ ବ୍ୟବହାରକାରୀ। ଓଡ଼ିଆ ସାହିତ୍ୟର ଏହି ଭର୍ଚ୍ଚୁଆଲ୍ ଭଣ୍ଡାର ପୂର୍ବାପେକ୍ଷା ଆହୁରି ଉନ୍ନତ ହେବ। ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଜ୍ଞାନ ଓ ଇତିହାସ ସମ୍ବନ୍ଧୀୟ ରଚନା, ଲୋକ ସଂସ୍କୃତି, ଜନଜାତି ଭାଷା ଓ ସାହିତ୍ୟ, ବିଶିଷ୍ଟ ବ୍ୟକ୍ତିଙ୍କ ଅଭିଭାଷଣ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିକୁ ଡିଜିଟାଇଜେଶନ ରୂପରେ ଏହି ନୂଆ ୱେବ୍ ପୋର୍ଟାଲ www.ova.gov.in ରେ ଦେଖିବାକୁ ମିଳିବ। କେବଳ ସେତିକି ନୁହେଁ, ୧୭୦ ଖଣ୍ଡ କାଳଜୟୀ ଓ ଲୋକପ୍ରିୟ ଓଡ଼ିଆ ପୁସ୍ତକକୁ ଡିଜିଟାଇଜ୍ କରାଯାଇ ଏହି ନୂତନ ପୋର୍ଟାଲରେ ସ୍ଥାନିତ କରାଯାଇଥିବା ବେଳେ ଇ-ବୁକ୍ ମାଧ୍ୟମରେ ଏହା ପାଠକଙ୍କ ଲାଗି ଉପଲବ୍ଧ ହେବ। 'ଓଡ଼ିଆ ଭର୍ଚ୍ଚୁଆଲ ଏକାଡେମୀ'ର ଏହି ନୂତନ ୱେବ୍ ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟ ସଚିବାଳୟ ସମ୍ମିଳନୀ କକ୍ଷରେ ଉନ୍ମୋଚନ କରିବେ। ଏହାସହ ଇଣ୍ଟରନେଟ୍‌ରେ ଓଡ଼ିଆ ଭାଷା ବିଭବକୁ ଆହୁରି ସୁଦୃଢ଼ କରିବାକୁ ରାଜ୍ୟ ସରକାର ସି-ଡାକ୍, ୟୁନିକୋଡ ଏବଂ ସେଣ୍ଟର ଫର୍ ଇଣ୍ଟରନେଟ୍ ସୋସାଇଟି ସହ ବୁଝାମଣା ପତ୍ର ସ୍ୱାକ୍ଷର କରିବେ।

ଡିଜିଟାଲ ଏବଂ ଇଣ୍ଟରନେଟ୍‌ଭିତ୍ତିକ ସେବାର ଲୋକପ୍ରିୟତା ଦିନକୁ ଦିନ ବଢ଼ୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା ଓ ସଂସ୍କୃତି ସଂକ୍ରାନ୍ତ ବିଭବକୁ ଡିଜିଟାଲ ରୂପରେ ଉପଲବ୍ଧ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। 'ଓଡ଼ିଆ ଭର୍ଚ୍ଚୁଆଲ୍ ଏକାଡେମୀ' ପ୍ରସ୍ତୁତ କରାଯାଇ ସେଥିରେ ଓଡ଼ିଆ ଭାଷାରେ ପ୍ରକାଶିତ ବିଭିନ୍ନ ପୁସ୍ତକ, ଓଡ଼ିଶାର ପରମ୍ପରା, ସଂସ୍କୃତି, ପର୍ବପର୍ବାଣି ସମ୍ପର୍କିତ ବିସ୍ତୃତ ତଥ୍ୟ ଉପଲବ୍ଧ କରାଯାଇଥିଲା। ୨୦୧୭ ଏପ୍ରିଲ ୧୪ ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନବବର୍ଷ ଅବସରରେ ଏହି ବହୁ ପ୍ରତୀକ୍ଷିତ ୱେବ୍ ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ତେବେ ବଦଳୁଥିବା ପ୍ରଯୁକ୍ତିବିଦ୍ୟା ସହ ତାଳଦେଇ କମ୍ପ୍ୟୁଟରରେ ଓଡ଼ିଆ ଭାଷାର ସହଜ ଓ ସୁଗମ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଏବେ ଏହି ୱେବ୍ ପୋର୍ଟାଲକୁ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରସ୍ତୁତ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ, ଓଡ଼ିଆ ସାହିତ୍ୟର କିଛି କାଳଜୟୀ ରଚନାକୁ ଇ-ବୁକ୍ ମାଧ୍ୟମରେ ଏଥିରେ ସ୍ଥାନିତ କରାଯାଇଛି। ଏହା ମଧ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଅର୍ଥ କୋଇଲି', ଅଚ୍ୟୁତାନନ୍ଦ ଦାସଙ୍କ 'ଓଗାଳ ଖଣ୍ଡ', କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ସୁଭଦ୍ରା ପରିଣୟ', 'ଯମକରାଜ ଚଉତିଶା', 'ଲାବଣ୍ୟବତୀ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଲୋକପ୍ରିୟ ପୁସ୍ତକ 'ମାଟିର ମଣିଷ', କବିସୂର୍ଯ୍ୟ ବଳଦେବ ରଥଙ୍କ 'ପ୍ରମୋଦୟ ଚମ୍ପୂ' ଓ 'ରତ୍ନାକର ଚମ୍ପୂ', କବିବର ରାଧାନାଥ ରାୟଙ୍କ 'ତୁଳସୀ ସ୍ତବକ', 'ଦରବାର', 'ମେଘଦୂତ', 'ଚିଲିକା', 'କେଦାରଗୌରୀ', ଉତ୍କଳମଣି ଗୋପବନ୍ଧୁ ଦାସଙ୍କ 'ଅବକାଶ ଚିନ୍ତା', 'ବନ୍ଦୀର ଆତ୍ମକଥା', 'କାରା କବିତା', 'ନଚିକେତା ଉପାଖ୍ୟାନ', ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଲଛମା', 'ଛ ମାଣ ଆଠଗୁଣ୍ଠ',



- ଆଜି ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ
- 'ଇ-ବୁକ୍' ରୂପରେ ୧୭୦ ଖଣ୍ଡ କାଳଜୟୀ ପୁସ୍ତକ
- ସେଣ୍ଟର ଫର୍ ଇଣ୍ଟରନେଟ୍ ସୋସାଇଟି ସହ ବୁଝାମଣା ପତ୍ର ସ୍ୱାକ୍ଷର କରିବେ ସରକାର
- ସ୍ଥାନ ପାଇବ ପ୍ରାଚୀନ ପୋଥି, ଇଣ୍ଟରନେଟ୍‌ଭିତ୍ତିକ ଶବ୍ଦକୋଷ

'ପ୍ରାୟଶ୍ଚିତ୍ତ' ପୁସ୍ତକ ଆଦି ରହିଛି। ସେହିଭଳି ସାରଳା ଦାସ, ସଖୀ ଯଶୋବନ୍ତ ଦାସ, ଭକ୍ତକବି ଦୀନକୃଷ୍ଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ସଖୀ ଅତିବଡ଼ୀ ଜଗନ୍ନାଥ ଦାସ, ଅନନ୍ତ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ସନ୍ଥକବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ନାରୀକବି କୁନ୍ତଳା କୁମାରୀ ସାବତ, ଗୋପୀନାଥ ମହାନ୍ତି, ଗଣକବି ବୈଷ୍ଣବ ପାଣି, ପଣ୍ଡିତ ଗୋଦାବରୀଶ ମିଶ୍ର, ଭକ୍ତକବି ମଧୁସୂଦନ ରାଓ ପ୍ରମୁଖଙ୍କ ରଚନା ସହ ରାଜ୍ୟ ଅଭିଲେଖାଗାରର କେତେକ ଗବେଷଣାତ୍ମକ ପୁସ୍ତକ ଏଥିରେ ସ୍ଥାନିତ ହୋଇଛି। ଏହାବ୍ୟତୀତ ଭାଷା ପାଇଁ ଶବ୍ଦ ଭଣ୍ଡାର ଓ ବ୍ୟାକରଣର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତାହାର ସହଜ ବିକାଶ ଏବଂ ବିତରଣ ଲାଗି ଇଣ୍ଟରନେଟ୍‌ଭିତ୍ତିକ ଶବ୍ଦକୋଷ, ଭାଷାକୋଷ, ଜ୍ଞାନକୋଷ, ବ୍ୟାକରଣ ପ୍ରଚଳନ କରିବାକୁ ମଧ ସ୍ଥିର ହୋଇଛି। ଏଥିସହ ପ୍ରାଚୀନ ଓଡ଼ିଆ ପୋଥି, ପତ୍ରପତ୍ରିକା, ପାଞ୍ଜି ଓ ପଞ୍ଜିକା ଆଦିକୁ ଏଥିରେ ଉପଲବ୍ଧ କରାଯାଇଛି। ସାର୍ବଜନୀନ ଉପଯୋଗିତା ଦୃଷ୍ଟିରୁ ୟୁନିକୋଡ୍ ଫଣ୍ଟ ବ୍ୟବହାର ଓ ପ୍ରୟୋଗକୁ ଗୁରୁତ୍ୱ ଦିଆଯାଇଛି।

## ■ପ୍ରଧାନଶିକ୍ଷକଙ୍କ ମନମୁଖି କାର୍ଯ୍ୟର ପ୍ରତିବାଦ

# ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଲେ ଗ୍ରାମବାସୀ

**ବାଲିମେଳା,୨୫।୧୦**

ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ତର୍ଲାକୋଟ ପଞ୍ଚାୟତର ତର୍ଲାକୋଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ଗୁରୁବାର ତାଲା ପକାଇ ଦେଇଛନ୍ତି। ପ୍ରଧାନଶିକ୍ଷକଙ୍କ କାର୍ଯ୍ୟରେ ଅବହେଳା ଓ ମନୋମୁଖୀ କାର୍ଯ୍ୟ ନେଇ ଅଭିଯୋଗ ଆଣି ଗ୍ରାମବାସୀ ଏହି ପଦକ୍ଷେପ ନେଇଥିବା ଜଣାପଡିଛି। ବିଦ୍ୟାଳୟରେ ତାଲା ପକାଇ ସେମାନେ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି।

ଖବରରୁ ଜଣାପଡିଛି ବିଦ୍ରାଳୟ ପରିଚାଳନା କମିଟି ପକ୍ଷରୁ ଗତ ୮।୧୦।୧୮ରେ ବିଦ୍ୟାଳୟ ଅବ୍ୟବସ୍ଥାରେ ଚାଲିଥିବା ନେଇ ବିଡିଓ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ମାଲକାନଗିରି ବିଧାୟକ ମାନସ ମାଡକାମୀ ଓ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଭେଟି ଗ୍ରାମବାସୀ ଅଭିଯୋଗ କରିବା ସହ ଏକ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଦାବିପତ୍ର ଗ୍ରହଣ ପୂର୍ବକ ସେତେବେଳେ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ୭ ତାରିଖରେ ଗ୍ରାମ ବୈଠକରେ ଗ୍ରାମବାସୀ ଏକାଠି ହୋଇ ପ୍ରଧାନଶିକ୍ଷକ ରଜନୀକାନ୍ତ ନାୟକଙ୍କ ମନୋମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ନାୟକ ନିଜେ କରୁଥିବା କାମ ଓ କହୁଥିବା କଥା ଅନ୍ୟ ଉପରେ ଲଦି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ।


ଧାରଣାରେ ବସିଥିବା ଗ୍ରାମବାସୀ ।

- ■ଗ୍ରାମବାସୀଙ୍କ ନାମରେ ମିଥ୍ୟା ଅଭିଯୋଗ କରୁଛନ୍ତି
- ■ଗ୍ରାମବାସୀଙ୍କ ସହ ଆଲୋଚନା କଲେନି ପ୍ରଧାନଶିକ୍ଷକ
- ■୭ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ବିଡିଓଙ୍କ ପ୍ରତିଶ୍ରୁତି

ଗ୍ରାମବାସୀଙ୍କ ନାମରେ ସେ ମିଥ୍ୟା ଅଭିଯୋଗ କରିଥିଲେ। ଗ୍ରାମବାସୀ ତାଙ୍କୁ ମାଡ ମାରିବା ସହ ଖାତା ଛଡେଇ ନେଇଛନ୍ତି ବୋଲି ପ୍ରଧାନଶିକ୍ଷକ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୫ରେ ଗୁରୁଦିବସ ଦିନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅବ୍ୟବସ୍ଥା ଦେଖି ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ନିଲମ୍ବନ କରାଇବା, ରୋଷେୟା ଦାୟିତ୍ୱରେ ଥିବା ହରି ଗୋଲେରିଙ୍କୁ କାର୍ଯ୍ୟରୁ ବହିଷ୍କାର କରାଇଥିଲେ। ସେବେଠାରୁ ଏଯାଏ ବିଦ୍ୟାଳୟରେ ଅବ୍ୟବସ୍ଥା ଲାଗି ରହିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ପ୍ରଧାନଶିକ୍ଷକ ନାୟକ ବିଦ୍ୟାଳୟଠାରେ ପହଞ୍ଚି କିଛି ସମୟ ରହି ଚାଲିଯାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ କୋରକୋଣ୍ଡା ବିଡିଓ ଡ.ଗୁଣନିଧି ନାୟକ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ୧୧ ଦଫା ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ। ସମସ୍ତ ବିଷୟ ଜିଲାପାଳଙ୍କୁ ଅବଗତ କରାଇ ୭ ଦିନ ମଧ୍ୟରେ ଏହାର ସ୍ଥାୟୀ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ତେବେ ୭ଦିନ ମଧ୍ୟରେ ପଦକ୍ଷେପ ନିଆଯାଇ ସମସ୍ୟାର ସମାଧାନ ନ ହେଲେ ଆଗକୁ ବଡଧରଣର ଆନ୍ଦୋଳନ ହେବ ବୋଲି ସରପଞ୍ଚ ସୋମନାଥ ବାସେ କହିଥିଲେ। ପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଥିଲା। ଫାଟକ ଖୋଲିବା ପରେ ବିଡିଓ ନାୟକ ହଷ୍ଟେଲ ଆବାସ ଗୃହ ବୁଲି ଦେଖିଥିଲେ। ଆବଶ୍ୟକ ସ୍ଥାନରେ ମରାମତି ଲାଗି ପିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାରଣାରେ ନାଏବ ସରପଞ୍ଚ, ସମସ୍ତ ୱାର୍ଡସଭ୍ୟଙ୍କ ସହ ଗ୍ରାମବାସୀ ହରିବନ୍ଧୁ ନାୟକ, ଗଙ୍ଗାଧର ବଡନାୟକ, ଘେନୁ ମୁଦୁଲି, ଭୀଷ୍ମ ପାଙ୍ଗି, କାର୍ତ୍ତିକ ଖେମୁଡୁ, ସଦାନନ୍ଦ ନାୟକ, ସୁଭାଷ ଭୂୟାଁ, ବିଦେଶୀ ଗୌଡ, ବିଦ୍ୟାଳୟ ସଭାପତି ଲଚ୍ଛମନ ପଡିଆମୀ, ସମ୍ବାରୁ ଦୁରୁଆଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।




# ୪ ଦିନିଆ ରିମାଣ୍ଡରେ ଗଲେ ଅଭିଜିତ

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)**



ଓଡିଶା ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ପର୍କରେ କଟୁ ମନ୍ତବ୍ୟ ଦେଇ ଗିରଫ ହୋଇଥିବା ସାମ୍ବାଦିକ ଅଭିଜିତ୍ ଆୟର ମିତ୍ରଙ୍କୁ କୋଣାର୍କ ପୋଲିସ ଗୁରୁବାର ୪ ଦିନିଆ ରିମାଣ୍ଡରେ ନେଇଛି। କୋଣାର୍କ ଥାନାର ଏକ ଟିମ୍ ଗୁରୁବାର ସନ୍ଧ୍ୟାରେ ତାଙ୍କୁ କଡା ସୁରକ୍ଷା ବଳୟରେ ଝାରପଡା ଜେଲରୁ କୋଣାର୍କ ଥାନାକୁ ନେଇଥିଲେ। ପୋଲିସ ୪ଦିନ ଆୟରଙ୍କୁ ନିଜ ହେପାଜତରେ ରଖି ସେ ସୂର୍ଯ୍ୟମନ୍ଦିର ଏବଂ ଶ୍ରୀମନ୍ଦିର ସମ୍ପର୍କରେ ଦେଇଥିବା ଅରୁଚିକର ମନ୍ତବ୍ୟ ଏବଂ ଚିଲିକା ଉପରେ ହେଲିକପ୍ଟରରେ ବୁଲିବା ସମ୍ପର୍କରେ ପଚରାଉଚରା କରିବେ। ଆୟରଙ୍କୁ କିଭଳି ପଚରାଉଚରା କରାଯିବ ସେନେଇ ମଧ କୋଣାର୍କ ପୋଲିସ ଏକ ଯୋଜନା ପ୍ରସ୍ତୁତ କରିଛି। ଏ ନେଇ ଗୁରୁବାର ସନ୍ଧ୍ୟାରେ ଡିଜିପିଙ୍କ କ୍ୟାମ୍ପ ଅଫିସରରେ ଏକ ବୈଠକ ବସିଥିବା ଜଣାପଡିଛି। ବୈଠକରେ ପୋଲିସ ଡିଜି ଉପସ୍ଥିତ ରହିଥିଲେ କି ନାହିଁ ସେନେଇ କିଛି ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ରହିଥିବା ଜଣାପଡିଛି। ଆୟର ସୂର୍ଯ୍ୟମନ୍ଦିର ସମ୍ପର୍କରେ କଟୁ ମନ୍ତବ୍ୟ ଦେବା ସମୟରେ ତାଙ୍କ ସହ କେଉଁମାନେ ଉପସ୍ଥିତ ରହିଥିଲେ ଏବଂ ସେମାନେ ତାଙ୍କୁ ଏଭଳି ଭିଡିଓ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ କି ନାହିଁ ସେନେଇ ପଚରାଉରା କରାଯିବ। ସେହିଭଳି ଅରଖକୁଦା ସାମୁଦ୍ରିକ ଥାନା ମାମଲାରେ ସେ ସାକ୍ଷୀ ଅଛନ୍ତି। ତେଣୁ ସେ ବିଷୟରେ ମଧ ତାଙ୍କୁ ପଚରାଉଚରା କରାଯିବ।

ଅନ୍ୟପଟେ ଆୟରଙ୍କ ପାଇଁ ଏକ ପ୍ରକାର ଅଡୁଆ ବଢୁଛି। କାରଣ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ତାଙ୍କ ଜାମିନ୍ ନାମଞ୍ଜୁର କରିବା ପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେଣୁ ଏହାରି ଭିତରେ ତାଙ୍କ ଓକିଲ ଭୁବନେଶ୍ୱର ଜିଲା ଓ ଦୌରାଜଜ୍ କୋର୍ଟରେ ଜାମିନ ପାଇଁ ଆବେଦନ କରିବେ। ଯଦି ଦୌରାଜଜ୍ କୋର୍ଟ ତାଙ୍କୁ ଜାମିନ ଦେବେ ନାହିଁ ତେବେ ଆୟର ଦୀର୍ଘସମୟ ଧରି ଜେଲ ଚାରିକାନ୍ଥ ଭିତରେ ରହିବେ। କାରଣ ଦୌରାଜଜ୍ କୋର୍ଟ ଜାମିନ ନାମଞ୍ଜୁର କଲେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରନ୍ତି। କିନ୍ତୁ ପୋଲିସ ଏବଂ ଓକିଲଙ୍କ ଗଣ୍ଡଗୋଳ ଯୋଗୁ ହାଇକୋର୍ଟ ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି। ଏଭଳି ସ୍ଥିତିରେ ଆୟରଙ୍କୁ ଜାମିନ୍ ମିଳିବା କଷ୍ଟକର ହେବ। ଅଭିଜିତ୍‌ଙ୍କ ଓକିଲ ନିଖିଲ ମେହେର କହିଛନ୍ତି, ସେ ପ୍ରଥମେ ଜାମିନ୍ ପାଇଁ ଭୁବନେଶ୍ୱର ଜିଲା ଓ ଦୌରାଜଜ୍ କୋର୍ଟରେ ଆବେଦନ କରିବେ। ଯଦି କୋର୍ଟ ତାଙ୍କୁ ଜାମିନ ନ ଦିଅନ୍ତି, ତେବେ ସେ ହାଇକୋର୍ଟରେ ଆବେଦନ କରିବେ ବୋଲି କହିଛନ୍ତି। ସେପଟେ ଅଭିଜିତ୍ ଟୁଇଟର୍‌ରେ ପୋଷ୍ଟ କରିଥିବା ଭିଡିଓ ଏବଂ ଗଣମାଧ୍ୟମରେ ଦେଇଥିବା ମନ୍ତବ୍ୟକୁ କମିଶନରେଟ ପୋଲିସ ପ୍ରମାଣ ସ୍ୱରୂପ ସଂଗ୍ରହ କରିଛି। ଏସବୁ ପ୍ରମାଣକୁ କୋର୍ଟରେ ଦାଖଲ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୀତିକା
ପରିବାରବର୍ଗ



କୁନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



**SALE**

46,000km. run July 2014 Swift Dizire ZXI white colour. 9437284700.D-9059



Samal Packers Movers provide household shifting in reasonable price. 9437035016.D-63861

### 5th Birthday Wish



(Lucy)
**Anwesha Priyadarshini Sahoo**

ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋ ଚଲାପଥ କୁସୁମିତ ତଥା ପୁଷ୍ପିତ ହେଉ। ଶୁଭେଚ୍ଛା ସହ: ଜେଜେ, ମା, ପାପା, ମାମା, ଦିଦି, ମାମୁ, ମାଇଁ, ପିଉସା, ପିଉସୀ, ଅଜା, ଆଈ ଓ ଭାଇମାନେ। ଧ-୯୦୪୯



**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337



Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

### ଜନ୍ମଦିନ ଶୁଭେଚ୍ଛା



(ଓମ୍)
**ଜଗତକୃଷ୍ଣ ମହାନ୍ତି**
କଣିଆ, ବାଲିକୁଦା, ଜଗତ୍‌ସିଂହପୁର

ଆଜି ତୋର ଷୋଡ଼ଶ ଜନ୍ମବାର୍ଷିକ ଅବସରରେ ଶ୍ରୀଶ୍ରୀ ଗଦାଧର ମହାପ୍ରଭୁ ତତେ ଦୀର୍ଘାୟୁ, ନିରୋଗୀ କରିବା ସହିତ ପ୍ରତି ମୁହୂର୍ତ୍ତରେ ସହାୟ ହୁଅନ୍ତୁ, ଏହାହିଁ କାମନା। ଶୁଭେଚ୍ଛା ସହ: ଜେଜେ, ମା, ବୋଉ, ବାବା, ମାମା, ଦାଦା, ସାନମାମା, ଦିଦି, ସୋମ୍, ବନ୍ଧୁ ଓ ସାଙ୍ଗସାଥୀ। ଧ-୯୦୩୭

**INSURANCE**

ସମ୍ପୂର୍ଣ୍ଣ ପରିବାରର ସ୍ୱାସ୍ଥ୍ୟବୀମା କରିବାକୁ ଚାହୁଁଛନ୍ତି କି? ତେବେ Star Health and Allied Insuranceକୁ ଯୋଗାଯୋଗ କରନ୍ତୁ। 9938668739. D-59918

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Book 3BHK duplex house Jagamara, Bhubaneswar having land area 1260 sqft. and 1900 construction area. Price-77 lakhs. Bank finance available. 9078151122. D-65127

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349

1BHK, studio apartment at Mangalahat Square, Puri (Immediate rent after possession). Mobile: 9040089501, 9040089507. D-63396

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9937494527, 9937927876. D-9027



Construct your building in finished house contact: 9937004680. D-27282

Now Matrimonial ads. only on Wednesday & Sunday Book 1 Get 1 FREE


ଜେଇଇ ମେନ୍-୨୦୧୯

# ଓଡ଼ିଶାରେ ୯ କେନ୍ଦ୍ରରେ ହେବ ପରୀକ୍ଷା

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ)-ମେନ୍ ୨୦୧୯ ପରୀକ୍ଷା ପାଇଁ ନ୍ୟାଶନାଲ ଟେଷ୍ଟ ଏଜେନ୍ସି(ଏନ୍‌ଟିଏ) ପରୀକ୍ଷା କେନ୍ଦ୍ର ତାଲିକା ପ୍ରକାଶ କରିଛି। ଦେଶର ବିଭିନ୍ନ ରାଜ୍ୟରେ ମୋଟ ୨୬୧ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ସେଥିମଧ୍ୟରେ ଓଡ଼ିଶାରେ ୯ଟି କେନ୍ଦ୍ର ରହିଛି। ସେହିପରି ବିଦେଶରେ ଛାତ୍ରୀଛାତ୍ରଙ୍କ ପାଇଁ ୯ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର କରାଯାଇଛି ବୋଲି ଏନ୍‌ଟିଏ ୱେବସାଇଟରେ ପ୍ରକାଶ ପାଇଥିବା ତାଲିକାରୁ ଜଣାପଡ଼ିଛି।

ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆସନ୍ତା ଜାନୁୟାରୀ ୬ରୁ ୨୦ ତାରିଖ ମଧ୍ୟରେ ଜେଇଇ-ମେନ୍ ଅନୁଷ୍ଠିତ ହେବ। ପୂର୍ବରୁ ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରୀଛାତ୍ର ଫର୍ମ ଆବେଦନ କରି ସାରିଛନ୍ତି। ପରୀକ୍ଷାର୍ଥୀଙ୍କ ସଂଖ୍ୟାକୁ ଲକ୍ଷ୍ୟ କରି ଏନ୍‌ଟିଏ ଦେଶ ଏବଂ ବିଦେଶରେ ମୋଟ ୨୭୦ ପରୀକ୍ଷା କେନ୍ଦ୍ର କରିଛି। ଓଡ଼ିଶାର ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଜୟପୁର, ରାଉରକେଲା ଏବଂ ସମ୍ବଲପୁର ସହରରେ ପରୀକ୍ଷା ଆୟୋଜନ କରାଯିବ। ଏସବୁ ପରୀକ୍ଷା କେନ୍ଦ୍ରରେ ୨ଟି ସିଟିଂରେ ପରୀକ୍ଷା ହେବ। ସେହିପରି ବିଦେଶୀ ଛାତ୍ରୀଛାତ୍ରଙ୍କ ପାଇଁ ଏନ୍‌ଟିଏ ପକ୍ଷରୁ ବାହାରିନ୍, କଲମ୍ବୋ, ଦୋହା, ଦୁବାଇ, କାଠମାଣ୍ଡୁ, ମସ୍କାଟ, ରିୟାଧ, ଶାରଜା ଏବଂ ସିଙ୍ଗାପୁରରେ ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରମାନେ ଆସନ୍ତା ଡିସେମ୍ବର ୧୭ରୁ (www.nta.ac.in) ୱେବସାଇଟକୁ ଯାଇ ନିଜ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ସୂଚନା ଦିଆଯାଇଛି।

# ୨୯ରୁ ଯୁକ୍ତ୨ ଏକ୍ସ-ରେଗୁଲାର ଫର୍ମ ପୂରଣ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

୨୦୧୯ରେ ହେବାକୁ ଥିବା ଯୁକ୍ତ୨ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ବାର୍ଷିକ ପରୀକ୍ଷା ନିମନ୍ତେ ଆସନ୍ତା ଅକ୍ଟୋବର ୨୯ରୁ ଫର୍ମ ପୂରଣ ଆରମ୍ଭ ହେବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସମସ୍ତ ଜୁନିୟର କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରୀଛାତ୍ରଙ୍କୁ ନୋଟିସ ମାଧ୍ୟମରେ ଜଣାଇ ଦିଆଯାଇଛି।

ଅକ୍ଟୋବର ୨୯ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଯୁକ୍ତ୨ କଳା, ବିଜ୍ଞାନ , ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା ବିଭାଗରେ ପରୀକ୍ଷା ଦେବାକୁ ଥିବା ଏକ୍ସ-ରେଗୁଲାର ଛାତ୍ରୀଛାତ୍ରମାନେ ନିଜ ନିଜ କଲେଜକୁ ଆସି ଫର୍ମ ପୂରଣ କରିବେ। ଫର୍ମ ପୂରଣ ଦେୟ ୫୨୦ ଟଙ୍କା ରଖାଯାଇଛି। ଯେଉଁ ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ପେପର ଥିବ ସେମାନେ ପେପର ପିଛା ଅତିରିକ୍ତ ୨୦ ଟଙ୍କା ଦେବାକୁ ପଡିବ। ଏହି ସମୟ ଭିତରେ ଯଦି କୌଣସି ଛାତ୍ରୀଛାତ୍ର ଫର୍ମ ପୂରଣ କରି ନ ପାରିବେ, ତେବେ ସେମାନେ ନଭେମ୍ବର ୫ରୁ ୧୦ ତାରିଖ ମଧ୍ୟରେ ୫୦ ଟଙ୍କା ଜରିମାନା ଦେଇ ଫର୍ମ ପୂରଣ କରିପାରିବେ। ଏହି ସମୟ ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଛାତ୍ରୀଛାତ୍ରମାନେ ନଭେମ୍ବର ୧୨ରୁ ୧୪ ମଧ୍ୟରେ ୩୫୦ ଟଙ୍କା ଜରିମାନା ଦେଇ ଫର୍ମ ପୂରଣ କରିପାରିବେ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ଜାରି ହୋଇଥିବା ନୋଟିସରେ ଉଲ୍ଲେଖ କରାଯାଇଛି।

■ ବୁଦାମୂଳେ ଲୁଚି ରହୁଛି ସୁନ୍ଦରୀ

# ମଧ୍ୟପ୍ରଦେଶରୁ ଆସିବେ ବିଶେଷଜ୍ଞ

ବନ୍ତଲା, ୨୫।୧୦ (ଡି.ଏନ.ଏ.)

■ ୩ୟ ଦିନରେ ମଧ ହୋଇପାରିଲାନି ଟ୍ରାଙ୍କୁଲାଇଜ
■ ଫେରିଗଲେ ଓ୍ୟୁଏଟି ଟିମ୍ ସଦସ୍ୟ
■ ସଚେତନତା ଉପରେ ବନ ବିଭାଗର ଗୁରୁତ୍ୱ



ବାଘମୁଣ୍ଡା ଜଙ୍ଗଲ ମଧ୍ୟକୁ ବନ କର୍ମଚାରୀ ଓ ଟ୍ରାଙ୍କୁଲାଇଜିଂ ଟିମ୍ ପ୍ରବେଶ କରୁଛନ୍ତି।

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଦୁଇ ମଣିଷଙ୍କ ଜୀବନ ନେଇଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରାଯାଇପାରୁନି। ଓ୍ୟୁଏଟି, ଶିମିଳିପାଳ, ନନ୍ଦନକାନନ ଓ ସାତକୋଶିଆର ବିଶେଷଜ୍ଞମାନଙ୍କୁ ନେଇ ଗଢ଼ାଯାଇଥିବା ୩ଟି ଟିମ୍ ୩ଦିନ ହେଲା ଉଦ୍ୟମ ଚଳାଇଥିଲେ ବି ସଫଳତା ମିଳିପାରୁ ନାହିଁ। ଉପଯୁକ୍ତ ସାଇଟିଂ ଓ କ୍ୟାପ୍‌ଚର ହୋଇପାରୁ ନ ଥିବାରୁ ଟ୍ରାଙ୍କୁଲାଇଜ ଉଦ୍ୟମ ବାରମ୍ବାର ବିଫଳ ହେଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଉପରୋକ୍ତ ୩ଟି ଟିମ୍‌କୁ ଏଥିରେ ସହାୟତା କରିବାକୁ ଖୁବ୍‌ଶୀଘ୍ର ମଧ୍ୟପ୍ରଦେଶର କାହ୍ନା ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପରୁ ବିଶେଷଜ୍ଞମାନେ ଆସିବେ ବୋଲି ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ.ସୁଦର୍ଶନ ପଣ୍ଡା ପ୍ରକାଶ କରିଛନ୍ତି।

ଡ. ପଣ୍ଡା କହିଛନ୍ତି, ବାଘୁଣୀ ସୁନ୍ଦରୀ ଅଭୟାରଣ୍ୟ ମଧ୍ୟରେ ବୁଦା ମୂଳେ ଲୁଚି ରହୁଛି। ସେଥିପାଇଁ ତାକୁ ଟ୍ରାଙ୍କୁଲାଇଜ କରିବାରେ ଅସୁବିଧା ହେଉଛି। ଏହାଛଡ଼ା ଟ୍ରାଙ୍କୁଲାଇଜ ସମୟରେ ପାଖରେ ଲୋକମାନେ ରହୁଥିବାରୁ କାର୍ଯ୍ୟ ଠିକଣା ଭାବେ ହୋଇପାରୁ ନାହିଁ। ଗତ ୩ ଦିନ ହେଲା ଜଙ୍ଗଲ ମଧ୍ୟରେ ବାଘୁଣୀକୁ ଧରିବାକୁ ଚେଷ୍ଟା କରୁଥିବା ବିଶେଷଜ୍ଞମାନେ ବେଶ୍ ଅଭିଜ୍ଞ। ସେମାନେ ପୂର୍ବରୁ ୨୦ରୁ ୨୫ଟି ବାଘକୁ ଟ୍ରାଙ୍କୁଲାଇଜ କରିଛନ୍ତି। ସେମାନଙ୍କ ମଧ୍ୟରୁ ଓ୍ୟୁଏଟିର ବିଶେଷଜ୍ଞ ଡ.ଚନ୍ଦ୍ରମଣି ନାଥ ସ୍କୁଲ ଶିକ୍ଷା ପାଇଁ ଗୁରୁବାର ଫେରି ଯାଇଛନ୍ତି। ଓଡ଼ିଶାରେ ପୂର୍ବରୁ କେବେ ବାଘକୁ ଟ୍ରାଙ୍କୁଲାଇଜ କରାଯାଇ ନାହିଁ। ସେଥିପାଇଁ କାର୍ଯ୍ୟ କଷ୍ଟକର ହୋଇପଡ଼ିଛି। ଏବେ ବାଘମୁଣ୍ଡା ଜଙ୍ଗଲ ଭିତରେ ସୁନ୍ଦରୀ ରହିଛି। ମହାରାଷ୍ଟ୍ରରେ ଗୋଟିଏ ବାଘ ୧୧ ମଣିଷ ମାରିଥିବାରୁ ସୁପ୍ରିମକୋର୍ଟ ସୁଟ୍ ଆଣ୍ଡ ସାଇଟ୍ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ୨ ମାସ ହେଲା ଉକ୍ତ ବାଘକୁ ସେଠାକାର ବିଶେଷଜ୍ଞମାନେ କ୍ୟାପ୍‌ଚର କରିପାରୁ ନାହାନ୍ତି। ବାନ୍ଧବଗଡ଼ରେ ବାଘୁଣୀ ସୁନ୍ଦରୀର ବ୍ୟବହାର ଏପରି ନ ଥିଲା। ଏଠାରେ ବାଘୁଣୀ ଗାଁ ପାଖକୁ ଗଲେ ଲୋକମାନେ ହୋହଲ୍ଲା କରୁଛନ୍ତି। ନିଆଁ ଜଳାଉଛନ୍ତି। ବନ ବିଭାଗ ଓ ପୋଲିସ କର୍ମଚାରୀମାନେ ବନ୍ଧୁକ ଧରି ଘଉଡ଼ାଉଛନ୍ତି। ତେଣୁ ନିଜକୁ ସୁରକ୍ଷିତ ମଣୁ ନ ଥିବା ବାଘୁଣୀ ଏଭଳି ପ୍ରତିକ୍ରିୟା ଦେଖାଉଛି ବୋଲି ଡ.ପଣ୍ଡା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶର କାହ୍ନା ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପରୁ ୨ଟି ଟିମ୍ ଖୁବଶୀଘ୍ର ସାତକୋଶିଆରେ ପହଞ୍ଚିବେ। ଏଠାରେ ଯେଉଁ ଟିମ୍ ଅଛନ୍ତି ସେମାନେ ଏକ୍ସପର୍ଟ। ସେମାନଙ୍କୁ ଆମ ପକ୍ଷରୁ କୌଣସି ପରାମର୍ଶ ଦେବାର ଆବଶ୍ୟକତା ନାହିଁ। ସେହିପରି ସ୍ଥାନୀୟ ଅଧିବାସୀମାନେ ନିଜକୁ ସୁରକ୍ଷିତ ରଖିବାକୁ ସଚେତନ ହେବା ସହିତ ସହଯୋଗ କରିବା ପାଇଁ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନିବେଦନ କରିଛନ୍ତି।

■ ଡାକ୍ତରଙ୍କୁ ସରକାରୀ ଛୁଟି ପ୍ରଦାନ ଦାବି


# ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ-ଓମସା ଆଲୋଚନା ବିଫଳ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି ସରକାରୀ ଛୁଟି ପ୍ରଦାନ କରିବାକୁ ଦାବି କରିଛି ବୋଲି ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ(ଓମ୍‌ସା)। ତେବେ ଏ ନେଇ ଗୁରୁବାର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଏବଂ ଓମ୍‌ସା ମଧ୍ୟରେ ହୋଇଥିବା ଆଲୋଚନା ବିଫଳ ହୋଇଛି। ଆସନ୍ତା ୨୮ ତାରିଖ ରବିବାରଠାରୁ ଓମ୍‌ସା ସରକାରୀ ଛୁଟି ଉପଭୋଗ କରିବ ବୋଲି ଯେଉଁ ଘୋଷଣା କରିଛି ତାହାକୁ ପ୍ରତ୍ୟାହାର କରିନେଉ ବୋଲି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ ଆଲୋଚନା ବେଳେ କହିଥିଲେ। କିନ୍ତୁ ଓମ୍‌ସା ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରି ଦାବି ପୂରଣ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବାକୁ ଜିଦରେ ଅଟଳ ରହିଛି। ଯେ ପର୍ଯ୍ୟନ୍ତ ଲିଖିତ ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ନିଷ୍ପତ୍ତି ପରିବର୍ତ୍ତନ ହେବ ନାହିଁ ବୋଲି ଓମ୍‌ସା ସଭାପତି ଡା. ନିରାକାର ଭଞ୍ଜ କହିଛନ୍ତି। ଭଞ୍ଜ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କ ସହିତ ଆଲୋଚନା ହୋଇଥିଲା। କିନ୍ତୁ ଦାବି ପୂରଣ କରିବା କ୍ଷମତା ନିର୍ଦ୍ଦେଶକଙ୍କର ନାହିଁ। ତେଣୁ ଓମ୍‌ସା ଆଲୋଚନାବେଳେ ନିର୍ଦ୍ଦେଶକଙ୍କୁ କହିଛି, ପୂର୍ବରୁ ସଚିବଙ୍କ ସହିତ ଓମ୍‌ସା ଆଲୋଚନା କରିଛି। ଆଲୋଚନାରେ ଦାବି ପୂରଣ ନେଇ କୌଣସି ସୁଫଳ ମିଳିନାହିଁ। ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଉ। ଆଲୋଚନା ପରେ ଦାବି ପୂରଣ ପ୍ରତି ମୁଖ୍ୟ ଶାସନ ସଚିବ ଲିଖିତ ପ୍ରତିଶ୍ରୁତି ଦେଲେ ଓମ୍‌ସା ନିଷ୍ପତ୍ତି ପରିବର୍ତ୍ତନ ଉପରେ ଚିନ୍ତା କରିବ। ଅନ୍ୟପଟେ ଓମ୍‌ସାର କୋର କମିଟି ବୈଠକ ଅପରାହ୍ଣ ସାଢେ ୩ଟାରେ ଅନୁଷ୍ଠିତ ହୋଇଥିଲା। ସରକାରୀ ଛୁଟି ପ୍ରଦାନ ସମେତ ୮ଦଫା ଦାବି ପୂରଣ ନେଇ ସରକାରଙ୍କଠାରୁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଓମ୍‌ସା ତା'ର ନିଷ୍ପତ୍ତିରେ ଅଟଳ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଭାପତି ଭଞ୍ଜ କହିଛନ୍ତି। ସୂଚନାଯୋଗ୍ୟ, ସରକାରଙ୍କ ଅନ୍ୟ କର୍ମଚାରୀ ଯେଭଳି ଭାବେ ସରକାରୀ ଛୁଟିଦିନଗୁଡ଼ିକୁ ଉପଭୋଗ କରୁଛନ୍ତି ସେଭଳି ଡାକ୍ତରମାନେ ମଧ୍ୟ ଆସନ୍ତା ୨୮ ତାରିଖରୁ ଛୁଟି ଉପଭୋଗ କରିବେ ବୋଲି ଓମ୍‌ସା ଚେତାବନୀ ଦେଇଛି।


## ମନେ ପଡ଼ନ୍ତି

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିନାୟକ ରଥ**
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
(୧୯୩୪-୨୦୦୪)

ଆପଣଙ୍କର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ମିନତି କରୁଅଛୁ। ଆପଣଙ୍କ ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୬୩୩୯୫


## ପ୍ରଥମ ପୃଷ୍ଠାରୁ...

### ପଞ୍ଚାୟତ ନିର୍ବାଚନ...

ରଖିବାକୁ ପଡ଼ିବ। ତେବେ ଜୈନ ପୁଣି ଯୁକ୍ତି ବାଢ଼ିଥିଲେ ଯେ, ମିନାସିଂ ୩ ସନ୍ତାନଙ୍କ ଜୈବିକ ପିତା ହୋଇଥିଲେ ହେଁ ପ୍ରଥମ ସନ୍ତାନ ଅନ୍ୟ ଜଣଙ୍କ ପାଖରେ ପୋଷ୍ୟ ଭାବେ ରହିଛନ୍ତି। ତେଣୁ ଆଇନତଃ ତାଙ୍କର ଦୁଇଜଣ ସନ୍ତାନ ଅଛନ୍ତି। ସେହିପରି ଯିଏ ଏକକାଳୀନ ୨ କିମ୍ବା ୩ ସନ୍ତାନଙ୍କ ମା'/ବାପା ହେଉଛନ୍ତି ତାଙ୍କୁ ଉକ୍ତ ପଦବୀ ହରାଇବାକୁ ପଡ଼ିବ କି ବୋଲି ଆଇନଜୀବୀ ଜୈନ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଖଣ୍ଡପୀଠ କହିଥିଲେ, ଏକାଥରକେ ୨ କିମ୍ବା ତଦୂର୍ଦ୍ଧ୍ୱ ସନ୍ତାନଙ୍କ ମା'ବାପା ହେବା ବିରଳ କଥା। ଏଭଳି କ୍ଷେତ୍ରରେ ପଦବୀରୁ ଅଯୋଗ୍ୟ ହେବା ନେଇ ତାହା ପ୍ରଯୁଜ୍ୟ ହେବ ନାହିଁ। ତେବେ ଅଦାଲତଙ୍କ ସାମ୍ନାକୁ ଏପରି ମାମଲା ଆସିଲେ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

### ମିଲର ନେଇଗଲେ...

୧୧ ଲକ୍ଷ ୩୫ ହଜାର ୩୧୭ ଜଣ ଚାଷୀ ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି କରିବାକୁ ଅନ୍‌ଲାଇନରେ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୯ ଲକ୍ଷ ୮୨ ହଜାର ପୁରୁଣା ଚାଷୀ ଥିବାବେଳେ ୧ ଲକ୍ଷ ୫୬ ହଜାର ୪୦୩ ଜଣ ନୂଆ ଚାଷୀ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି। ସେଥିରୁ ପ୍ରାୟ ୮୦ ହଜାର କ୍ଷୁଦ୍ରଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ରାଜ୍ୟ ସରକାର ଚଳିତ ବର୍ଷ ୧୫ ଲକ୍ଷ ଚାଷୀଙ୍କ ନାମ ପଞ୍ଜୀକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଗତ ବର୍ଷ ୧୧ ଲକ୍ଷ ୨୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ।

ଚଳିତବର୍ଷ ପ୍ରଥମ ଥର ପାଇଁ ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ବିକ୍ରି କରିବାକୁ ସୁଯୋଗ ମିଳିବ। ରାଜ୍ୟ ସରକାର ଏ ନେଇ ପୂର୍ବରୁ ଲଗାଇଥିବା କଟକଣାକୁ ହଟାଇ ଦେଇଛନ୍ତି। ନିଜ ପରିବାର ପାଇଁ ବର୍ଷ ସକାଶେ ଧାନ ରଖିବା ଆବଶ୍ୟକ ନାହିଁ। ଖାଦ୍ୟ ଓ ଧାନ ସଂଗ୍ରହ ନୀତି-୨୦୧୮ ଅନୁଯାୟୀ ପୂର୍ବରୁ ବାର୍ଷିକ ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ରଖିବା କଟକଣାକୁ ହଟାଇ ଦିଆଯାଇଛି। ଚଳିତ ବର୍ଷ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ୨୦୧୭-୧୮ରେ ଉଭୟ ଖରିଫ୍ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରିକ ଟନ୍ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ସେଥିରୁ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରିଥିଲେ। ୨୦୧୮ ନଭେମ୍ବରରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥାରେ ସାମିଲ କରାଯିବ। କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍‌ଏସ୍‌ପିଠାରୁ କମ୍ ଦରରେ ଯେଉଁ ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ଚାଷୀମାନଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ମୂଲ୍ୟ ସେମାନଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ। ପି-ପାସ୍ ଜରିଆରେ ଧାନ ବିକ୍ରି କରାଯିବ। ରାଜ୍ୟର ୩୦୮ଟି ବ୍ଲକରେ ଏହି ବ୍ୟବସ୍ଥା ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଶୁକ୍ର ନକ୍ଷତ୍ରରେ ଚନ୍ଦ୍ରଙ୍କ ସ୍ଥିତି ମନକୁ ମନକୁ ବିଳାସବ୍ୟସନ ଦିଗକୁ ଟାଣିପାରେ। ପୂର୍ବର ସମସ୍ୟା କେତେକାଂଶରେ ସୁଧୁରି ଯାଇଥିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ। ସଭାସମିତି, ସଂଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତ ମାନର ସୁଫଳ ପାଇବେ।

**ବୃଷ** — ଯେ କୌଣସି ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁମାନଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବାର ଅଭିନୟ କରିବାକୁ ପଡିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବ୍ୟୟବୃଦ୍ଧି, ପରୋକ୍ଷ ଶତ୍ରୁତା ଓ ଯାତ୍ରାକୁ ପସନ୍ଦ କରିବେ ନାହିଁ।

**ମିଥୁନ** — ଅଭିଳଷିତ କାମ ହାସଲ ନିମିତ୍ତ ମନ ବୁଝିଲାଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ସଭାସମିତି, କର୍ମକ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ସାମାନ୍ୟ କାରଣରୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିବ।

**କର୍କଟ** — ରାଶ୍ୟାଧିପ ଏକାଦଶ ସ୍ଥାନରେ ରହିଥିବାରୁ ଆଜି ଯେଉଁ କାମରେ ହାତ ଦେବେ ତାହା ନିଷ୍ଫଳ ହେବନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ କର୍ମକ୍ଷେତ୍ରର ସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। ମାତ୍ର ବୁଧ ଓ ବୃହସ୍ପତିଙ୍କ ସଂଯୋଗ ପ୍ରଭାବରେ ସାଧାରଣ କଥାରେ ବନ୍ଧୁ କ୍ରୋଧ ପ୍ରକାଶ କରି ପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** — ରବିଙ୍କ ଦୁର୍ବଳତା ପ୍ରତ୍ୟେକ କାମରେ ଆପଣଙ୍କୁ ପଛକୁ ରଖିପାରେ। ଏଣେ ଦୈହିକ ଅସୁସ୍ଥତା ସହ ଅର୍ଥ ସମ୍ପର୍କୀୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ପ୍ରାୟତଃ ମନ୍ଦ ହେବନି । ବନ୍ଧୁମାନଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମ ଚର୍ଚ୍ଚା ପ୍ରତି ମନ ବଳିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** — ଭାଗ୍ୟସ୍ଥାନକୁ ଗ୍ରହଦୃଷ୍ଟି ସମସ୍ୟାକୁ ସମାଧାନ କରିବା ସହ ନୂଆ ନୂଆ କାମ ପାଇଁ ଉତ୍ସାହିତ କରିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆଇନ ଅଦାଲତରୁ ସୁଫଳ ପାଇବେ, ଯାହା କି ସାମୟିକ ମନକୁ ଆଶ୍ୱାସନା ଦେବ। ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସାମାନ୍ୟ ହଡବଡେଇ ଯାଇପାରନ୍ତି।

**ତୁଳା** — ଉଚ୍ଚରାଶିରେ ଅଷ୍ଟମଚନ୍ଦ୍ର ଆର୍ଥିକ ଉନ୍ନତି ସହ କୂଟନୈତିକ ଅନୁଚିନ୍ତା କର୍ମକ୍ଷେତ୍ରକୁ ସାହାଯ୍ୟ କରିବ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ସଙ୍ଗକୁ ସଭାସମିତିରେ ଯୋଗ ଦେଇ ଲାଭବାନ ହେବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସହ ଋଣ ପରିଶୋଧ ସକାଶେ ଅନୁକୂଳ ସୁବିଧା ପାଇବେ । ହଠାତ୍ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା** — ଆଜିର ଗଜକେଶରୀ ଯୋଗ ଆପଣଙ୍କୁ ସାମାଜିକ ସମ୍ମାନ ସହ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ। କିନ୍ତୁ ନିଜର ଅସାବଧାନତା କିମ୍ବା ଦୂରଦର୍ଶିତା ଅଭାବରୁ ଅଥବା ନିଜର ଅବହେଳାରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** — ଆଜି ବହୁତ ଦିନରୁ ଦେଖି ନ ଥିବା ଆତ୍ମୀୟଙ୍କୁ ନିକଟରେ ପାଇ ବିଶେଷ ଖୁସୀ ଅନୁଭବ କରିବେ। ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** — ରାଶିରେ ପାପଗ୍ରହ ପ୍ରଭାବରୁ ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କଳା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବେ। ପ୍ରଶାସନିକ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ଦୂରବସ୍ଥାକୁ ସାମୟିକ ସୁଧାରି ନେବେ।

**କୁମ୍ଭ** — ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଆଲୋଚନା ପରିସରରେ ନିକଟ ସମ୍ପର୍କୀୟମାନଙ୍କ ବନ୍ଧୁତା ଜମେଇବେ।

**ମୀନ** — ଅନ୍ୟମାନଙ୍କ ସହ ସୁସମ୍ପର୍କ ଅଭାବ କାମ ହାସଲରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବୃଥା ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି କରିବ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ସଂକେତ ମନକୁ ସ୍ୱାଭାବିକ କରିବାରେ ସମର୍ଥ ହେବ। ଆଜିର ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସନ୍ତୋଜନକ ରହିବ।

ଆଜି କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ଶୁକ୍ରବାର, ଅକ୍ଟୋବର ୨୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦ ।୩୧ମି. ଗତେ କୃତ୍ତିକା/ମେଷ ଦିବା ଘ.୭ ।୧୦ମି. ମଧ୍ୟେ, ଘ.୪ ।୨୮ମି. ଗତେ ଘ.୬ ।୦୩ମି. ମଧ୍ୟେ ଅମୃତ ବେଳା । ଦିବା ଘ.୮ ।୪୮ମି. ମଧ୍ୟେ ଘ.୧୧ ।୦୫ମି. ଗତେ, ଘ.୧ ।୨୨ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ.୧୦ ।୦୫ମି. ଗତେ ଘ.୧୧ ।୩୦ମି. ମଧ୍ୟେ ରାହୁକାଳ।

## ହବିଷିଆଳିଙ୍କ ପାଇଁ ଆଶ୍ରୟସ୍ଥଳ
# ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହବିଷିଆଳି ଆଶ୍ରୟସ୍ଥଳ ଲୋକାର୍ପଣ କରୁଛନ୍ତି।

**ପୁରୀ ଅଫିସ/ଭୁବନେଶ୍ୱର (ବ୍ୟୁରୋ), ୨୫।୧୦**

**ପଚାରିଲେ ଆପଣ ପୁରୀ ଆସି ଖୁସି ତ**

ଗୁରୁବାରଠାରୁ ଆରମ୍ଭ ହୋଇଛି କାର୍ତ୍ତିକ ମାସ। ହବିଷିଆଳିମାନେ ଆରମ୍ଭ କରିଛନ୍ତି କାର୍ତ୍ତିକ ବ୍ରତ। ରାଜ୍ୟ ସରକାରଙ୍କ ହବିଷିଆଳି ଯୋଜନାରେ ଶ୍ରୀକ୍ଷେତ୍ରକୁ ହବିଷ କରିବାକୁ ଆସିଥିବା ବ୍ରତଧାରୀଙ୍କ ପାଇଁ ୪ଟି ଆଶ୍ରୟସ୍ଥଳ କରାଯାଇଛି। ଏହି ଆଶ୍ରୟସ୍ଥଳରେ ହବିଷିଆଳିଙ୍କ ଲାଗି ମାଗଣା ରହଣି, ମହାପ୍ରସାଦ ସେବନର ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ଆଶ୍ରୟସ୍ଥଳକୁ ଲୋକାର୍ପଣ କରିଛନ୍ତି।

ଏହି ଲୋକାର୍ପଣ ଲାଗି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଠାରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୫ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ହବିଷିଆଳିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆଜିଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି। ଏଥିପାଇଁ ଆପଣମାନେ ପୁରୀରେ ଏକାଠି ହୋଇଛନ୍ତି। ରାଜ୍ୟ ସରକାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ପୁରୀରେ ରହିବା, ମହାପ୍ରଭୁଙ୍କ ଦର୍ଶନ ଏବଂ ମହାପ୍ରସାଦ ସେବନ କରିବାର ବ୍ୟବସ୍ଥା କରାଯାଇଛି। ଆମର ସବୁ ଭଲ କାମ ସହିତ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି। ତେଣୁ ଆପଣମାନେ ଭଲରେ ମାସକ ଯାକ ରହି କାର୍ତ୍ତିକ ବ୍ରତ ପାଳନ କରି ପୁଣ୍ୟ ଲାଭ କରନ୍ତୁ। ଏଥିସହ ମୁଖ୍ୟମନ୍ତ୍ରୀ ହବିଷିଆଳିମାନଙ୍କ ସହ କଥା ହୋଇଥିଲେ। ହବିଷିଆଳିମାନେ ମଧ୍ୟ ସେମାନଙ୍କ ଅନୁଭୂତି କହିଥିଲେ। ମା' ମାନେ ଆପଣ ପୁରୀ ଆସି ଖୁସି ତ ବୋଲି ପ୍ରଶ୍ନ କରିଥିଲେ। ପ୍ରତ୍ୟୁତ୍ତରରେ ହବିଷିଆଳିମାନେ ହଁ କହିବା ସହ ହୁଳହୁଳି ପକାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ଭୁବନେଶ୍ୱରରେ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିବା ବେଳେ ପୁରୀ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀ, ଜଗତସିଂହପୁର ଏମ୍‌ପି ଡା. କୁଳମଣି ସାମଲ, ବିଧାୟକ ଉମାକାନ୍ତ ସାମନ୍ତରାୟ, ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ହାଲ୍ ଅର୍ଥ ବିଭାଗରେ ଦୁର୍ନୀତି ଘଟଣା
# ସିବିଆଇ, ସୁନାବେଡ଼ା ପୋଲିସର ମିଳିତ ଚଢ଼ାଉ



ଜବତ କାଗଜପତ୍ର ଯାଞ୍ଚ କରାଯାଉଛି ।

**ସେମିଳିଗୁଡ଼ା,୨୫।୧୦(ସ୍ୱ.ପ୍ର.)**

କୋରାପୁଟ ଜିଲା ସୁନାବେଡ଼ା ହାଲ୍ ଅର୍ଥ ବିଭାଗରେ ହୋଇଥିବା ଦୁର୍ନୀତି ଅଭିଯୋଗର ଖୋଳତାଡ଼ କରିବା ପାଇଁ ସିବିଆଇ ଏବଂ ସୁନାବେଡ଼ା ପୋଲିସ ମିଳିତ ଚଢ଼ାଉ କରିଛନ୍ତି। ପ୍ରଥମେ ପ୍ରଶାସନିକ ଭବନ ଏବଂ ପରେ ଅର୍ଥ ବିଭାଗ କାର୍ଯ୍ୟାଳୟରେ ଚଢ଼ାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଏହାସହିତ କମ୍ପ୍ୟୁଟର ହାର୍ଡ଼ୱାର୍ ଜବତ ହୋଇଛି। କମ୍ପ୍ୟୁଟର ହାର୍ଡ଼ୱାରରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚଢ଼ାଉ ଦଳ ହାତରେ ଲାଗିଥିବା ଜଣାପଡ଼ିଛି। ଘଟଣାର ଖୋଳତାଡ଼ ଜାରି ରହିବ ବୋଲି ସିବିଆଇ ଇନସ୍ପେକ୍ଟର ଉମାକାନ୍ତ ଗୌଡ଼ ସୂଚନା ଦେଇଛନ୍ତି। ଅନ୍ୟପଟେ ଠିକାଦାରଙ୍କ ଅଧୀନ କାର୍ଯ୍ୟରତ ଅସ୍ଥାୟୀ ଠିକା କର୍ମଚାରୀମାନେ ଦୁଇ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ପୂର୍ବରୁ ଉକ୍ତ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇଥିବା ହାଲ୍ ପ୍ରବନ୍ଧକ (ଅର୍ଥ) ଭବେନ୍ ମୈତ୍ର ଫେରାର ରହିଥିବା ବେଳେ ତାଙ୍କ ସହ କାର୍ଯ୍ୟରେ ନେଣଦେଣ ଥିବା ଠିକା ସଂସ୍ଥାର ୩ ମାଲିକଙ୍କୁ ଗିରଫ କରାଯାଇଛି।









# ସଫଳତା କାମ୍ୟ

ଓଡ଼ିଶାର ଅଭିଲଷିତ 'ମେକ୍ ଇନ୍ ଓଡ଼ିଶା' ବୈଠକ ପାଇଁ ଅବଗଣନା ଆରମ୍ଭ ହୋଇଯାଇଛି। ଏହି ଦ୍ୱିବାର୍ଷିକ କାର୍ଯ୍ୟକ୍ରମର ଏହା ଦ୍ୱିତୀୟ ସଂସ୍କରଣ। ଏଥିପାଇଁ ଆଉ ତିନି ସପ୍ତାହରୁ କମ୍ ସମୟ ବାକି ଥିବାବେଳେ ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଜାତୀୟ ଗଣମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ଏହା ସରକାରଙ୍କ ପାଇଁ ନିଶ୍ଚିତଭାବେ ଏକ ଆହ୍ୱାନର ସମୟ। ଏହି ସଭା ପରେ ପରେ ହକି ବିଶ୍ୱ କପ୍ ଅନୁଷ୍ଠିତ ହେବ।

'ମେକ୍ ଇନ୍ ଓଡ଼ିଶା' 'ମେକ୍ ଇନ୍ ଇଣ୍ଡିଆ' ସହ ସମାନ ନୁହେଁ, କିନ୍ତୁ ସେହିପରି ଏକ ଯୋଜନା। ରାଜ୍ୟ ସରକାର ବିଭିନ୍ନ ନିର୍ମାଣ ଶିଳ୍ପ ପାଇଁ ନିବେଶକମାନଙ୍କୁ ପୁଞ୍ଜିନିବେଶର ସୁଯୋଗ ପ୍ରଦାନ କରିବା ଓ ସବୁ ପ୍ରକାର ସହାୟତା ଯୋଗାଇଦେବା ଲାଗି ଏହା ଏକ ଅବସର ସୃଷ୍ଟି କରିବ। ଓଡ଼ିଶାରେ ଯଥେଷ୍ଟ ଶିକ୍ଷିତ ଯୁବଗୋଷ୍ଠୀ ଅଛନ୍ତି, ଏଠାରେ ଶସ୍ତାରେ ଶ୍ରମିକ ମିଳନ୍ତି, ତା' ସହ ଅପେକ୍ଷାକୃତ ସରଳ ନିୟାମକ ବ୍ୟବସ୍ଥା ଏବଂ ସର୍ବୋପରି ରାଜନୈତିକ ସ୍ଥିରତା ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶକମାନଙ୍କୁ ଆକୃଷ୍ଟ କରିବ। ତା'ଛଡ଼ା ଓଡ଼ିଶାରେ ବ୍ୟାପକ ପରିମାଣରେ କୋଇଲା, ବକ୍ସାଇଟ୍, କ୍ରୋମାଇଟ୍, ଲୁହାପଥର, ମାଙ୍ଗାନିଜ ଓ ଚୂନପଥର ମହଜୁଦ ଅଛି। ତେଣୁ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ଏକ ପ୍ରକୃଷ୍ଟ ସ୍ଥାନ। ଭାରତରେ ମିଳୁଥିବା ମୋଟ ଲୁହାପଥରର ୨୮ ପ୍ରତିଶତ ଓଡ଼ିଶାରେ ଅଛି। ସେହିପରି ଭାରତର ୨୪ ପ୍ରତିଶତ କୋଇଲା, ୫୯ ପ୍ରତିଶତ ବକ୍ସାଇଟ୍ ଓ ୯୮ ପ୍ରତିଶତ କ୍ରୋମାଇଟ୍ ଓଡ଼ିଶାରେ ଅଛି। ଖଣିଜ ସମ୍ପଦର ଏଭଳି ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆମ ରାଜ୍ୟ ଏବେ ବି ଦରିଦ୍ର ଅବସ୍ଥାରେ ରହିଛି ଏବଂ ଦେଶରେ ଏହା ସମୁଚିତ ମର୍ଯ୍ୟାଦା ପାଇପାରି ନାହିଁ। ବିଳମ୍ବରେ ପଦକ୍ଷେପ ନେଉଥିବାରୁ ରାଜ୍ୟକୁ ଯଥାଯୋଗ୍ୟ ସ୍ଥାନରେ ପହଞ୍ଚିବା ପାଇଁ ଯଥେଷ୍ଟ ପ୍ରଚେଷ୍ଟା କରିବାର ଆବଶ୍ୟକତା ରହିଛି। ଶିଳ୍ପାୟନରେ ଅଗ୍ରଗତି ନିମନ୍ତେ ସରକାରଙ୍କ ପ୍ରଚେଷ୍ଟା ମିଶ୍ରିତ ଫଳ ପାଇଛି।

## ଆଜିର ଅର୍ଥନୀତି

ରାଜ୍ୟର ବେକାରି ସମସ୍ୟା ଦୂରକରିବା ପାଇଁ ଶିଳ୍ପାୟନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହା କେବଳ ଖଣିଜଭିତ୍ତିକ ଶିଳ୍ପ ଏବଂ ବିଶେଷ କରି ଷ୍ଟିଲ୍ କାରଖାନାରେ ଯେ ସୀମିତ ତାହା ଭାବିବା ଉଚିତ ନୁହେଁ। ତେଣୁ ଏହି ଉଦ୍ଦେଶ୍ୟ ସାଧନ ପାଇଁ 'ମେକ୍ ଇନ୍ ଓଡ଼ିଶା' ବୈଠକର ସଫଳତା ଏକାନ୍ତ କାମ୍ୟ। ଏହି ବୈଠକର ପ୍ରଥମ ସଂସ୍କରଣ ୨୦୧୬ ମସିହାରେ ଅନୁଷ୍ଠିତ ହୋଇଥିଲା। ସରକାର ଯାହା ବି ଦାବି କରନ୍ତୁ ନା କାହିଁକି, ତାହା ବିଶେଷ ସଫଳ ହୋଇପାରି ନ ଥିଲା। ଏହା ନିବେଶକମାନଙ୍କୁ ୨.୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିପାରିଥିଲା, ଯାହାର ୧,୪୦,୦୦୦ କର୍ମନିଯୁକ୍ତି ସୃଷ୍ଟି କରିବାର ସାମର୍ଥ୍ୟ ଥିଲା। କିନ୍ତୁ ବାସ୍ତବରେ ଯେଉଁ ପୁଞ୍ଜିନିବେଶ ହୋଇଥିଲା, ତାହା ଅତି ନଗଣ୍ୟ। ରାଜ୍ୟ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ଶିଳ୍ପମନ୍ତ୍ରୀ ଦେବୀ ମିଶ୍ର କହିଥିଲେ ଯେ, ସରକାର ୨୮ଟି ପ୍ରସ୍ତାବ ପାଇଛନ୍ତି, ଯେଉଁଥିରେ ମୋଟ ପୁଞ୍ଜିନିବେଶ ପରିମାଣ ହେଉଛି ୧୮,୪୩୪ କୋଟି ଟଙ୍କା। ଏହି ପ୍ରକଳ୍ପଗୁଡ଼ିକରୁ ମାତ୍ର ୨୭,୫୬୫ କର୍ମନିଯୁକ୍ତିର ପ୍ରତିଶ୍ରୁତି ମିଳିଥିଲା।

ଷ୍ଟିଲ୍ ଓ ଖଣିଜଭିତ୍ତିକ ଶିଳ୍ପ ପାଇଁ ଗତ କେଇ ଦଶନ୍ଧି ଧରି ରାଜ୍ୟ ସରକାର ଆଗ୍ରହ ଦେଖାଇ ଆସିଛନ୍ତି। କିନ୍ତୁ ତାହାଦ୍ୱାରା କର୍ମନିଯୁକ୍ତି ସୃଷ୍ଟି ଦୃଷ୍ଟିରୁ ବିଶେଷ ଲାଭ ମିଳିପାରି ନାହିଁ। ଆଶା କରାଯାଉଛି, ଏଥର ରାଜ୍ୟ ସରକାର କେବଳ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଚିନ୍ତା ଛାଡ଼ି ଅନ୍ୟ କ୍ଷେତ୍ର ଯଥା କୃଷିଭିତ୍ତିକ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ଦୂରସଞ୍ଚାର ଓ ମୋବାଇଲ ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରଭୃତି ଉପରେ ଜୋର ଦେବେ। ସରକାରଙ୍କ ଯୋଜନାରେ ସେବା କ୍ଷେତ୍ର ମଧ୍ୟ ଗୁରୁତ୍ୱ ପାଇବ। ବାଣିଜ୍ୟ ମନ୍ତ୍ରଣାଳୟର ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, 'ମେକ୍ ଇନ୍ ଇଣ୍ଡିଆ'ର କେତେକ ସଫଳତା କାହାଣୀ ଅଧିକ ଉପରଠାଉରିଆ ବା ଲୋକଦେଖାଣିଆ ଥିଲା, ଯାହା ବାସ୍ତବତାଠାରୁ ଦୂରରେ। ଆଶା କରାଯାଏ, ରାଜ୍ୟ ସରକାର ଏପରି ପରିଣାମ ପ୍ରତି ସତର୍କ ରହିବେ, ଯାହାଦ୍ୱାରା ଉକ୍ତ ବୈଠକ ସଫଳ ହେବା ସହିତ ସରକାରଙ୍କର ଉଚ୍ଚାଭିଳାଷୀ 'ମେକ୍ ଇନ୍ ଓଡ଼ିଶା' ଯୋଜନା ମଧ୍ୟ ବାସ୍ତବରେ ସଫଳ ହୋଇପାରିବ।

# କଶ୍ମୀର: ସମସ୍ୟା ଓ ସମାଧାନ



ବିପିନ ବିହାରୀ ମିଶ୍ର

କଶ୍ମୀରରେ ବର୍ତ୍ତମାନ ସବୁଦିନ କିଛି ନା କିଛି ଘଟୁଛି– ଆଜି ସୁରକ୍ଷା ବାହିନୀ ମଲେ ତ କାଲି ସନ୍ତ୍ରାସବାଦୀ। ପାକିସ୍ତାନ ଦ୍ୱାରା ତାଲିମ ଓ ସାହାଯ୍ୟପ୍ରାପ୍ତ ଲସ୍କର–ଇ–ତୋଇବା (ଏଲ୍‌ଇଟି), ଜୈସ୍–ଇ–ମହମ୍ମଦ (ଜେଇଏସ୍) ଓ ହିଜ୍‌ବୁଲ ମୁଜାହିଦ୍ଦିନ୍ ବେଶ୍ ସକ୍ରିୟ ଅଛନ୍ତି। ପାକିସ୍ତାନର ଆଭିମୁଖ୍ୟ ହେଉଛି, ଭାରତକୁ ସନ୍ତ୍ରାସବାଦୀ ପଠାଇଲେ ବଳେ ମୋଡ଼ିହୋଇ ଭାରତ ପାକିସ୍ତାନ ସଙ୍ଗେ ଆଲୋଚନା କରିବ ଓ ପାକିସ୍ତାନ ମୂଳଚାଲ କରିବା ପରିସ୍ଥିତିରେ ରହିବ। ଯେଉଁମାନେ ଭାରତରେ ସନ୍ତ୍ରାସ କରୁଛନ୍ତି କିମ୍ବା କରିଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନାଁରେ ଡାକଟିକଟ ମଧ୍ୟ କରାଗଲାଣି। କଶ୍ମୀରର କେତେଜଣ ବେକାର ଯୁବକଙ୍କୁ ପ୍ରଲୋଭନ ଦେଖାଇ ସନ୍ତ୍ରାସବାଦୀ କାର୍ଯ୍ୟକଳାପରେ ଲିପ୍ତ କରାଯାଉଛି। ସ୍ଥାନୀୟ ହୁରିୟାତ୍ ନେତାମାନେ ଗାଁ, ବସ୍ତି ଇତ୍ୟାଦିରେ ଯୁବକ ଓ ପିଲାମାନଙ୍କୁ ପଇସା ଦେଇ ପ୍ରରୋଚିତ କରୁଛନ୍ତି– ନିରାପତ୍ତାବାହିନୀଙ୍କୁ ଦେଖିଲାମାତ୍ରେ ଟେକା ମାର। ଯେତେବେଳେ ଆମ ସୁରକ୍ଷାବାହିନୀ ସନ୍ତ୍ରାସବାଦୀଙ୍କ ସାଙ୍ଗେ ମୁକାବିଲା କରୁଛନ୍ତି ତାଙ୍କୁ ଦୁଇପକ୍ଷରୁ ଟେକା ବର୍ଷା କରି ଶକ୍ତିହୀନ କରିବା ପାଇଁ ଚେଷ୍ଟା କରାଯାଉଛି। ସାଧାରଣ ଆଇନଶୃଙ୍ଖଳା ପରିସ୍ଥିତିରେ ଯଦି ଅଜସ୍ର ଟେକାମାଡ ହୁଏ ପୋଲିସ ପ୍ରଥମେ ଲୁହବୁହା ଗ୍ୟାସ୍ ପ୍ରୟୋଗ ଓ ଲାଠିମାଡ଼ କରେ। ସେସବୁ ବିଫଳ ହେଲେ ଗୁଳିମାରିବା ପାଇଁ ବାଧ୍ୟ ହୋଇଥାଏ। ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀ ଲୁହବୁହା ଗ୍ୟାସ୍ ଓ ଲାଠି ଧରି ଯାଆନ୍ତି ନାହିଁ। ପ୍ରାୟ ବର୍ଷେ ତଳେ ଟେକାମାଡ଼କାରୀଙ୍କୁ ପେଲେଟ୍ ଗୁଳି ମରାଗଲା ଓ କେତେଜଣ ସାମାନ୍ୟ ଆହତ ହେଲେ। ଯେତେବେଳେ ପୋଲିସ କିମ୍ବା ସାମରିକ ବାହିନୀ ପେଲେଟ୍ ଗୁଳି ମାରେ, ତାହା ଗଣ୍ଡଗୋଳକାରୀଙ୍କ ଦେହରେ କେଉଁଠି ବାଜିବ ସେ ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ଅଳ୍ପ କେତେକଙ୍କ ଆଖିରେ ମଧ୍ୟ ବାଜିଛି। ତା'ପରେ ଚାଲିଲା ପ୍ରତିବାଦର ରଡ଼ି ସାମାଜିକ କର୍ମୀ ଓ କେତେକ ବୁଦ୍ଧିଜୀବୀଙ୍କ ଦ୍ୱାରା। ଏଇ କର୍ମୀ ଓ ବୁଦ୍ଧିଜୀବୀମାନେ, ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ର ହିନ୍ଦୁସ୍ଥାନ ମୁର୍ଦ୍ଦାବାଦ, ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇ ଯାଉଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଯେଉଁ ପଦକ୍ଷେପ ନେଲେ, ତା'ର ପ୍ରବଳ ବିରୋଧ କରିଥିଲେ। ବ୍ୟକ୍ତିଗତ ସ୍ୱାଧୀନତା, ମାନବିକ ଅଧିକାର, ମୌଳିକ ଅଧିକାର ଇତ୍ୟାଦିର ଯୁକ୍ତି ଦର୍ଶେଇଲେ। ଜଣେ ଯଦି ଅଯଥା ଯୁକ୍ତି କରିବସିବ କଥା ଲମ୍ବିବ ଢିଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ।

ଏଇ ବୁଦ୍ଧିଜୀବୀ ଓ ଜଣେ ବିଶିଷ୍ଟ ଲେଖିକା କହି ବୁଲୁଛନ୍ତି ଯେ, କଶ୍ମୀରରେ ମାନବିକ ଅଧିକାରର ଉଲ୍ଲଂଘନ କରାଯାଉଛି ଓ ତଦ୍ୱାରା ଭାରତର ବଦ୍‌ନାମ ହେଉଛି। ଘରଡିଙ୍କି କୁମ୍ଭୀର ହେଲେ କାହାକୁ କହିବା, କପାଳରେ ସିନା କର ମାରିବା। ଏ ସଂକ୍ରାନ୍ତରେ କାନାଡା ସରକାରଙ୍କ ଆଭିମୁଖ୍ୟ ଧରାଯାଉ। ଚାରିଜଣ ଅତୀବ ହିଂସ୍ର ସନ୍ତ୍ରାସବାଦୀଙ୍କୁ ସରକାର ଗିରଫ କଲେ ଓ ଜଣେ ଜଣାଶୁଣା ଭଦ୍ର ମହିଳା କାନାଡାର ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଦ୍ୱାରା ଉପଦେଶ ଦେଲେ ଯେ, ସେମାନଙ୍କୁ ଦଣ୍ଡଦେବା ପରିବର୍ତ୍ତେ ତାଙ୍କର ହୃଦୟ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ। କାନାଡା ସରକାରଙ୍କ ତରଫରୁ ଉକ୍ତ ମହିଳାଙ୍କୁ ପ୍ରସ୍ତାବ ଦିଆଗଲା ଯେ, ଆପଣଙ୍କ ଉପଦେଶଟି ମନ୍ଦ ନୁହେଁ, କିନ୍ତୁ ଯେହେତୁ ସରକାରଙ୍କଠାରେ ହୃଦୟ ପରିବର୍ତ୍ତନ କରିପାରିଲା ଭଳିଆ ଆଧ୍ୟାତ୍ମିକ ଶକ୍ତିନାହିଁ ତେଣୁ ଆପଣ ଦୟାକରି ଏ ଚାରିଜଣଙ୍କ ଦାୟିତ୍ୱ ନିଅନ୍ତୁ। ବର୍ଷେ ଚେଷ୍ଟା କରନ୍ତୁ, ହୃଦୟ ପରିବର୍ତ୍ତନ ପାଇଁ ସମସ୍ତ ଖର୍ଚ୍ଚ ସରକାର ଦେବେ। ଏତିକିମାତ୍ର ସତର୍କବାଣୀ ମନେରଖିବେ ଯେ, ସେମାନଙ୍କ ମଧ୍ୟରୁ ଜଣେ ବଳାତ୍କାରପ୍ରିୟ, ଆଉ ଜଣେ ସାମାନ୍ୟ କଥାରେ କ୍ରୁଦ୍ଧ ହୋଇ ଅନ୍ୟମାନଙ୍କ ମୁଣ୍ଡ ଛେଚିଦିଅନ୍ତି, ତୃତୀୟ ଜଣକ ରାତିସାରା ଉଚ୍ଚସ୍ୱରରେ ଗୀତ ଗାଆନ୍ତି କିମ୍ବା ବାଜା ବଜାନ୍ତି ଓ ପ୍ରତିବାଦ କଲେ ଆକ୍ରମଣ କରନ୍ତି ଓ ୪ର୍ଥ ଜଣକ ସାମାନ୍ୟ ସୁଯୋଗ ପାଇଲେ ହତ୍ୟା ଓ ପଳାୟନ ପାଇଁ ବ୍ୟଗ୍ର। ଆମର ଖାଲି ଏତିକି ସର୍ତ୍ତ ଯେ, ଯଦି କିଏ ପଳାୟନ କଲା ଆପଣ ଦାୟୀ ହେବେ ଓ ଆଘାତପ୍ରାପ୍ତ ହେଲେ ଆପଣ ଦାୟୀ ହେବେ। ଚିଠିଟି ପାଇ ଭଦ୍ର ମହିଳା ଉତ୍ତର ଦେଲେ ନାହିଁ ଓ ଭବିଷ୍ୟତରେ ସରକାରଙ୍କୁ କୌଣସି ପ୍ରସ୍ତାବ ଦେଲେ ନାହିଁ। ତେଣୁ ଆମର ଯେଉଁ ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ଭାରତ ସରକାରଙ୍କୁ ବିଭିନ୍ନ ଉପଦେଶ ଦେଉଛନ୍ତି ସେମାନଙ୍କ ମଧ୍ୟରୁ ଜଣଙ୍କୁ ଜଣେ ଲସ୍କର–ଇ–ତୋଇବା ସନ୍ତ୍ରାସବାଦୀର ହୃଦୟ ପରିବର୍ତ୍ତନ ଦାୟିତ୍ୱ ଦିଆଯାଉ।

ଆମେ ଯେତେବେଳେ କଶ୍ମୀର କଥା କହୁ ଗୋଟିଏ କଥା ଭୁଲିଯାଉ ଯେ, ଜାତି, ଧର୍ମ ଓ ଭାଷା ଦୃଷ୍ଟିରୁ କଶ୍ମୀରରେ ବିବିଧତା ରହିଛି। ପ୍ରଥମ ହେଲା ଜମ୍ମୁ ଯେଉଁଠି ହିନ୍ଦୁ ଓ ଶିଖ୍ ବେଶି ସଂଖ୍ୟାରେ ଅଛନ୍ତି। କଶ୍ମୀର ଉପତ୍ୟକାରେ ମୁସଲମାନମାନେ (ସୁନ୍ନି) ବହୁ ସଂଖ୍ୟାରେ ଥାଆନ୍ତି ଓ ଲଦାଖ୍‌ର ଲଦାଖ ଜିଲାରେ ବୌଦ୍ଧ ଧର୍ମାବଲମ୍ବୀମାନେ ଓ କାରଗିଲ୍‌ରେ ଶିୟା ମୁସଲିମ୍‌ମାନେ ସଂଖ୍ୟାଗରିଷ୍ଠ। ଶିୟା ଓ ସୁନ୍ନିଙ୍କ ବିବାଦ ଶହ ଶହ ବର୍ଷ ହେବ ଲାଗିରହିଛି ଓ ପାକିସ୍ତାନ ଏବଂ ଅନ୍ୟାନ୍ୟ ଦେଶରେ ମସ୍‌ଜିଦ୍ ଉପରେ ଯେଉଁ ଆକ୍ରମଣ ହୁଏ ସେଗୁଡିକ ଶିୟାମାନଙ୍କର। ଭାଷା ଦୃଷ୍ଟିରୁ ଜମ୍ମୁରେ ରହିଲା ଡୋଗ୍ରୀ ଓ ହିନ୍ଦୀ, କଶ୍ମୀରରେ କଶ୍ମୀରୀ ଓ ଲଦାଖ୍‌ରେ ଲଦାଖୀ। ଗୋଷ୍ଠୀ ଦୃଷ୍ଟିରୁ ଜମ୍ମୁବାସୀମାନେ ମୂଳ ଭାରତୀୟ, କଶ୍ମୀରରେ କିଛି ଭାରତୀୟ, କିଛି ଆଫଗାନ୍, କିଛି କେନ୍ଦ୍ର ଏସିଆ ଅଧିବାସୀ ଥାଆନ୍ତି। ଲଦାଖ୍‌ରେ ଯେଉଁମାନେ ଅଛନ୍ତି, ସେମାନେ ମୂଳ ତିବ୍ବତବାସୀ। କିନ୍ତୁ କାରଗିଲ୍‌ରେ ଅଧିକାଂଶ ମୂଳ କେନ୍ଦ୍ର ଏସିଆବାସୀ। ସମସ୍ତଙ୍କ ସମସ୍ୟା ଓ ଆଭିମୁଖ୍ୟ ଅଲଗା। ଲଦାଖ୍ ଓ ଜମ୍ମୁବାସୀ ଦେଶ ପ୍ରତି ସମ୍ପୂର୍ଣ୍ଣ ଅନୁରକ୍ତ। କିନ୍ତୁ ପ୍ରାୟ ସମସ୍ତ କଶ୍ମୀରବାସୀ ଦେଶଭକ୍ତିଠାରୁ ଧର୍ମକୁ ବେଶି ପ୍ରାଧାନ୍ୟ ଦିଅନ୍ତି, ଯାହାକି ଅଧିକାଂଶ ଇସ୍‌ଲାମ ରାଷ୍ଟ୍ରରେ ହୁଏ। ସେମାନେ ଚାହାନ୍ତି କଶ୍ମୀରିୟତ୍ ଅର୍ଥାତ୍ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା। ହୁରିୟାତ୍‌ର ଗିଲାନି ଗୋଷ୍ଠୀ ଚାହୁଁଛନ୍ତି ପାକିସ୍ତାନ ସଙ୍ଗେ ମିଶ୍ରଣ, ଆଉ ଦଳେ ଚାହୁଁଛନ୍ତି ସ୍ୱାଧୀନ ରାଷ୍ଟ୍ର ହୋଇ ରହିବା ପାଇଁ। ୧୯୪୭ରେ ତତ୍କାଳୀନ ମହାରାଜା ନରସିଂହ ଟାଳଟୁଳ ନୀତି ବର୍ଷେ ପର୍ଯ୍ୟନ୍ତ ଚଳେଇ ରଖିବାରୁ ପାକିସ୍ତାନ ଆକ୍ରମଣ କଲା। ଏବେ ଯଦି ସ୍ୱାଧୀନ ହୁଏ, ତେବେ ପାକିସ୍ତାନ ଗ୍ରାସ କରିଦେବ।

ଭାରତ ସରକାର ଦିନେଶ୍ୱର ଶର୍ମା (ଭୂତପୂର୍ବ ଗୋଇନ୍ଦା ମୁଖ୍ୟ)ଙ୍କୁ ସ୍ୱତନ୍ତ୍ର ପ୍ରତିନିଧି କରି କଶ୍ମୀର ବିଷୟରେ ଆଲୋଚନା କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ବହୁବର୍ଷ ହେଲା ଜଣେ ଭୂତପୂର୍ବ ଆଇଏଏସ୍ ଅଫିସର (ଏନ୍.ଏନ୍. ଭୋରା) ଏ ପଦବୀରେ ରହିଥିଲେ ଓ ଆତ୍ମଗର୍ବୀ ହୁରିୟାତ୍ ବାଲା ତାଙ୍କୁ ଦେଖା ମଧ୍ୟ ଦେଲେନାହିଁ।

ଦେଶର ସାର୍ବଭୌମତ୍ୱ ନ ହରାଇ କଶ୍ମୀର ସମସ୍ୟାର ସମାଧାନ କିପରି ହେବ ସେ ବିଷୟରେ ବହୁତ ପ୍ରସ୍ତାବ ଆସୁଛି ଓ ଗୁପ୍ତ ଆଲୋଚନା ହେଉଛି ଦୁଇଦେଶର ପ୍ରତିନିଧିଙ୍କ ମଧ୍ୟରେ। କିନ୍ତୁ ଆଶାର ଆଲୋକ ଦେଖାଯିବା ମାତ୍ରେ ପାକିସ୍ତାନ ପଟୁ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିବର୍ଷା ହେଉଛି ଓ କଶ୍ମୀରରେ ସନ୍ତ୍ରାସବାଦୀ କାର୍ଯ୍ୟ କରାଯାଉଛି। ପାକିସ୍ତାନ ସେନା କେବେ ଚାହିଁବ ନାହିଁ କଶ୍ମୀର ସମସ୍ୟାର ସମାଧାନ ହେଉ। ଏହା ମଧ୍ୟ ଚାହିବ ନାହିଁ ଯେ ଭାରତ ପାକିସ୍ତାନ ମଧ୍ୟରେ ଶାନ୍ତି ରହୁ। ଚାଇନାର ଆର୍ଥିକ, ସାମରିକ ଓ କୂଟନୈତିକ ସମର୍ଥନ ପାଇବା ପରେ ପାକିସ୍ତାନ ଉପଦ୍ରବ ଆହୁରି ବଢିଯାଇଛି।

ଆମେ ନିଜକୁ ଶକ୍ତିଶାଳୀ କରି ଚାଇନାର ଆକ୍ରମଣାତ୍ମକ ଭଙ୍ଗୀର ମୁକାବିଲା କରିବାକୁ ପଡିବ ଓ ପାକିସ୍ତାନର ଗୋଳାବର୍ଷଣର ଜବାବ ଯେପରି ଦିଆଯାଉଛି ତାହା ଚାଲୁରହିବା ନିହାତି ଦରକାର। କଶ୍ମୀରରେ ସୁଶାସନ ଦରକାର। କେବଳ କଶ୍ମୀରବାସୀଙ୍କ ସହିତ ଆଲୋଚନା ନ କରି ଜମ୍ମୁ ଓ ଲଦାଖବାସୀଙ୍କ ସହିତ ସ୍ୱତନ୍ତ୍ର ଆଲୋଚନା କରିବା ଦରକାର। ସେମାନେ ବିଶେଷତଃ ଲଦାଖ୍‌ବାସୀ କୋଣଠେସା ହୋଇ ଅଛନ୍ତି। ପାକିସ୍ତାନ ମାଡି ବସିଥିବା ଗିଲଗିଟ୍ ଓ ବଲ୍‌ଟିସ୍ଥାନରେ ପ୍ରାୟ ଦଶହଜାର କାରଗିଲର ନିକଟ ସମ୍ପର୍କୀୟମାନେ ଅଛନ୍ତି। ସେଠାକୁ ଯାଇପାରିବାର ବନ୍ଦୋବସ୍ତ (ବସ୍ ଲାଇନ ଯୋଗେ) କରିପାରିଲେ ବହୁତ ଭଲ ହୁଅନ୍ତା। ଦ୍ୱିତୀୟରେ କଶ୍ମୀରରେ ହିନ୍ଦୁମାନଙ୍କୁ ସଂଖ୍ୟାଲଘୁ ଘୋଷଣା କରାଯାଉ, କାରଣ ସେମାନେ ପ୍ରକୃତରେ ସଂଖ୍ୟାଲଘୁ ଓ ଯେଉଁ ତିନିଲକ୍ଷ କଶ୍ମୀର ପଣ୍ଡିତ ଓ ଶିଖ୍‌ମାନଙ୍କୁ ତଡିଦିଆଯାଇଛି ସେମାନେ କିପରି କଶ୍ମୀରକୁ ଫେରିଯିବେ ସେ ବିଷୟରେ ନିର୍ଦ୍ଦିଷ୍ଟ ଯୋଜନା କରାଯାଉ। କଶ୍ମୀରର ଉନ୍ନତି ପାଇଁ ସବୁପ୍ରକାର ସାହାଯ୍ୟ ଚାଲୁରହୁ।

କୂଟନୈତିକ ଦୃଷ୍ଟିରୁ ଆଲୋଚନା କରିବାକୁ ହେଲେ ଭାରତ, ପାକିସ୍ତାନ ସିଧାସଳଖ ଆଲୋଚନା କରି ଚାଇନାକୁ ବିଶ୍ୱାସକୁ ନ ନିଅନ୍ତୁ, କାରଣ ଚାଇନା ଲଦାଖର ୯୦୦୦୦ ବର୍ଗ କି.ମି. ଜାଗା ମାଡିବସିଛି। ପରଦା ଆଡୁଆଳରେ ଆମେରିକା, ରୁଷିଆ ନିଶ୍ଚୟ ରହିବେ। ସମସ୍ୟା ବଡ଼ ଜଟିଳ ଓ ସମାଧାନ ପାଇଁ ଖୋଲା ମନ ଓ ଏକାଗ୍ରତା ଦରକାର, ଯାହା ପାକିସ୍ତାନର ନାହିଁ। ତଥାପି ଆମକୁ ଆଲୋଚନା (କଶ୍ମୀରବାସୀ ଓ ପାକିସ୍ତାନ ସହ) ପୃଥକ୍ ଭାବେ କରିବା ଦରକାର। ଗଣ୍ଡଗୋଳକାରୀଙ୍କୁ ଦୃଢ଼ହସ୍ତରେ ଦମନ କରାଯାଉ। ତଥାକଥିତ ମାନବାଧିକାରବାଦୀଙ୍କ ମୁହଁବନ୍ଦ କରିବା ପାଇଁ ଆଉ ଗୋଟିଏ ଗୋଷ୍ଠୀ ଅଣ୍ଟା ଭିଡି ବାହାରନ୍ତୁ ଓ ଆମ ଦେଶକୁ ବଦ୍‌ନାମରୁ ରକ୍ଷା କରନ୍ତୁ।

ପୂର୍ବତନ ଡି.ଜି., ମୋ–୯୦୪୦୪୧୨୩୭୮

# ମୋ ଇଚ୍ଛା



ଶିବରାମ ଶତପଥୀ

ଆଜିକାଲି ଅନେକଙ୍କୁ ଗୁରୁଜନ କେହି ସେମାନଙ୍କ ବିଶୃଙ୍ଖଳା ବିଷୟରେ ପ୍ରଶ୍ନ କଲେ କହୁଛନ୍ତି, 'ମୋ ଇଚ୍ଛା'। ଦେଶ ସ୍ୱାଧୀନ ହୋଇଛି। ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ଅଧିକାର ସମସ୍ତ ନାଗରିକଙ୍କର ଅଛି। କିନ୍ତୁ ଏ ସ୍ୱାଧୀନତା ଦ୍ୱାରା ଅନ୍ୟ କାହାର କ୍ଷତି ଯେମିତି ନ ହୁଏ, ସୁସ୍ଥ ସାମାଜିକ ବ୍ୟବସ୍ଥାରେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏଥିପାଇଁ ତିଆରି ହୋଇଛି ଆଚାରସଂହିତା, ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରିବା ନିୟମାବଳୀ।

ଜଣେ ବ୍ୟକ୍ତି ମନ୍ଦିର ସାମ୍ନାରେ ଖଙ୍କାର ପକାଉଥିଲା। ମୁଁ ତାକୁ ପଚାରନ୍ତେ, ସେ ସମ୍ଭବତଃ ମୋ ଶିରର ପକ୍ୱକେଶକୁ ଚାହିଁ କିଛି ଉତ୍ତର ଦେଲା ନାହିଁ। କିନ୍ତୁ ମୁଖଭଙ୍ଗୀରେ ସୂଚାଇ ଦେଉଥିଲା, ମୋ ଇଚ୍ଛା ମୁଁ ଛେପ ପକାଇଲି, ତୁମେ ପଚାରିବାକୁ କିଏ ? ଥରେ ଜଣେ ଧୂର୍ତ୍ତ ଯୁବକ ନିରୁପାୟ ଶ୍ୱାନମିଥୁନ ଉପରକୁ ଗାଡ଼ି ଚଢ଼ାଇଦେବାକୁ ଉଦ୍ୟତ ହେବା ଦେଖି ମୁଁ ପାଟି କରନ୍ତେ, ସେ ନିର୍ଲଜ୍ଜ ପରି ପାନଖିଆ ଦାନ୍ତ ଦେଖାଇ ଫେଁ କରି ହସିଦେଲା। ଜଣେ ଅବସରପ୍ରାପ୍ତ ପଦସ୍ଥ ଅଧିକାରୀଙ୍କ ଝିଅ ପ୍ରତ୍ୟହ କର୍ମକ୍ଷେତ୍ରରୁ ଅତି ଡେରିରେ (କେବେ କେବେ ରାତି ବାରଟା ପରେ) ଫେରିବା ଦେଖି ତାଗିଦ କରନ୍ତେ ସେ କହିଲା, ଚାକିରି କଲେ ଏପରି ହୁଏ। ସନ୍ଦେହର ଗୋଟେ ସୀମା ଅଛି। ନିଜ ଝିଅ ଉପରେ ଯେତେବେଳେ ତୁମର ଭରସା ନାହିଁ, ଅନ୍ୟମାନେ କାହିଁକି ସଜ ମାଉଁସରେ ପୋକ ପକାଇବେ ନାହିଁ? ଏମିତି ଅନର୍ଗଳ ଶୁଣିବାକୁ ଥିଲେ ବିରୁଡି ଘରାକୁ ଉଖାର।

ଭାଗଚାଷୀକୁ ଯଦି ଆୟବ୍ୟୟ ହିସାବ ପଚାରିବ ସେ କହିବ, ''ଏମିତି ପ୍ରତି କଥାରେ ଆଜ୍ଞା, ନାକ ପୂରାଇଲେ କାମ କରିହେବ ନାହିଁ, ଯାହାକୁ ଆପଣ ସଚ୍ଚୋଟ ଭାବୁଛନ୍ତି ତାକୁ ଦିଅନ୍ତୁ, ମୁଁ ଜମି ଛାଡିଦେବି।'' ଏତେ ଦୂରକୁ କାହିଁକି ଯିବା ? ଘରର କାମବାଲୀକୁ ଏପରି କାହିଁକି କଲୁ ବୋଲି ପଚାରିଲେ ସେ କହିବ, 'ମା ତୁମେ ବହୁତ ଖିଟ୍ ଖିଟ୍ ହେଉଛ। ଏମିତିରେ କାମ କରି ହେବନାହିଁ' ଅଥବା 'ତୁମେ ମୋତେ କିଣି ପକାଇଛ କି? ମୁଁ ଯେତିକି କରୁଛି ସେତିକିରେ ଯଦି ଖୁସି ତେବେ ରଖ, ନଚେତ୍ ମୋ ବାଟ ମୋର, ତୁମ ରାସ୍ତା ତୁମର।'

ଯେ ଟିକେ ଭଦ୍ର ସେ ଉତ୍ତର ଦେବ, 'ଆପଣ ଆଜ୍ଞା କେଉଁ ଯୁଗରେ ଅଛନ୍ତି ? ଏ ମାନ୍ଧାତା ଅମଳର କଥା ଏବେ କ'ଣ ଚଳିବ ? ଏଠାରେ ପରା ଘଡିକେ ଘୋଡା ଛୁଟୁଛି।' ବେଙ୍ଗ କହେ ବେଙ୍ଗୁଲିଲୋ, ପୃଥ୍ୱୀ କ୍ଷଣ କ୍ଷଣକେ ଆନ। କାଲି ଯେଉଁ କଥାକୁ ଅଶାଳୀନ ବୋଲି ନାକ ଟେକୁଥିଲେ ଆଜି ତାହା କେବଳ ଗ୍ରାହ୍ୟ ନୁହେଁ, ପ୍ରଶଂସନୀୟ ମଧ୍ୟ। ଜଣେ ବ୍ୟକ୍ତି ପାଚେରି ଡେଇଁ କଲୋନୀ ଭିତରେ ପଶୁଥିଲା। ତାକୁ ତାଗିଦ୍ କରନ୍ତେ ସେ କହିଲା, 'ଆଜ୍ଞା, ଏ ବାଟେ ପାଖ ପଡୁଛି ତ।' ନିକଟରେ ଯେଉଁ ଅବସରପ୍ରାପ୍ତ ଅଧିକାରୀ ରହୁଥିଲେ ତାଙ୍କୁ କାହିଁକି ବାରଣ କରୁନାହାନ୍ତି ବୋଲି ପଚାରନ୍ତେ ସେ କହିଲେ, 'ସାର୍, ଏ ଭିତରେ ସିନା ଆମେ ସିଂହ, ବାହାରକୁ ବାହାରିଲେ ତିନି ଚାରିଜଣ ମେଳି ହୋଇ ଆମକୁ ଝୁଣିଦେବେ।' ଏମିତି ଡରିମରି କେତେଦିନ ବଞ୍ଚିବ ?

ନିଜ ଇଚ୍ଛା ଅନୁସାରେ ଚଳିବା ସ୍ୱତନ୍ତ୍ରତା କେବଳ ଜଗତର ମଙ୍ଗଳକାରୀ ଇଚ୍ଛାମୟ ପୁରୁଷୋତ୍ତମଠାରେ ନିହିତ। ଅନୁରୂପକ୍ରମେ ଆଦି–ଶକ୍ତି ମା' ଇଚ୍ଛାବତୀଙ୍କଠାରେ ସ୍ୱେଚ୍ଛାରେ କାର୍ଯ୍ୟ କରିବାର ଶକ୍ତି ଅଛି। କୌଣସି ମହିଳା ଯଦି 'ମୋ ଇଚ୍ଛା' ବୋଲି କହିଲା, ତାକୁ ବୁଧଜନମାନେ ସ୍ୱୈରିଣୀ କହନ୍ତି। ସ୍ୱେଚ୍ଛାଚାରିଣୀର ସମାଜ ତ ଦୂରର କଥା ପରିବାରରେ ମଧ୍ୟ ସମ୍ମାନ ନ ଥାଏ। ତା'ଠାରୁ ପାରିବାରିକ ସଂହତି ବା କିପରି ଆଶା କରିବା ? ପରିବାରରେ ପୁରୁଷ ଓ ସ୍ତ୍ରୀ ପରସ୍ପରର ପରିପୂରକ। କେବଳ ସ୍ୱାମୀ ସ୍ତ୍ରୀ ନୁହନ୍ତି କୁଟୁମ୍ବରେ କୌଣସି ବ୍ୟକ୍ତି ନିଜ ଇଚ୍ଛାନୁସାରେ ଚଳିବା ଅଶୋଭନୀୟ। ଏହାଦ୍ୱାରା ଅନ୍ୟର କ୍ଷତି ହେବା ଅନିବାର୍ଯ୍ୟ।

ସମାଜରେ ସମସ୍ତେ ନିଜ ଇଚ୍ଛାନୁଯାୟୀ ଚଳିଲେ ସମାଜ ଉଚ୍ଛୃଙ୍ଖଳ ହୋଇଯାଏ। ପ୍ରତିରକ୍ଷା ବିଭାଗରେ କୁହାଯାଏ, ଯେତେବେଳ ଯାଏ କୌଣସି ବିଷୟରେ ଚର୍ଚ୍ଚା ଓ ଆଲୋଚନା ଚାଲିଥାଏ ସେତେବେଳ ଯାଏ ତୁମେ ତୁମ ସ୍ୱାଧୀନ ମତ ଅବାଧରେ ବ୍ୟକ୍ତ କରିବ। କିନ୍ତୁ ଥରେ କମାଣ ଅଧିକାରୀ (କମାଣ୍ଡିଂ ଅଫିସର) ନିଷ୍ପତ୍ତି ନେଇସାରିଲେ, ତାକୁ ସମସ୍ତେ ମାନି ଚଳିବାକୁ ବାଧ୍ୟ। ପରସ୍ପର ମତଭେଦକୁ ଆଉ ପ୍ରଶ୍ରୟ ଦିଆଯାଏ ନାହିଁ।

ପ୍ରତି ବିଷୟ ସକାଶେ ବହୁ ପରୀକ୍ଷିତ ଅନୁଭୂତିପ୍ରସୂତ ନିୟମମାନ ନିର୍ଦ୍ଧାରିତ ଅଛି। ମନୁସ୍ମୃତି ଆଦି ଆଚରଣସଂହିତାମାନ ମୁନିଋଷିମାନେ ପ୍ରଣୟନ କରିଛନ୍ତି। ସମସ୍ତେ ତାକୁ ଅନୁସରଣ କରିବା ବାଞ୍ଛନୀୟ। ସ୍ୱେଚ୍ଛାଚାରୀ ପ୍ରଜାପ୍ରପୀଡ଼କ ରାକ୍ଷସମାନେ ଏ ନିୟମମାନ ଉଲ୍ଲଂଘନ କରି ପରମାତ୍ମାଙ୍କ ଦ୍ୱାରା ଦଣ୍ଡିତ ହେଉଥିଲେ। ବାହୁବଳରେ ବିଶ୍ୱଜୟ କରି ରାବଣ ସମସ୍ତଙ୍କୁ ନିଜ ଅଧୀନରେ ରଖିଲା। ସମସ୍ତଙ୍କ ସ୍ୱାଧୀନତା ଅପହରଣ କଲା। ସେ ନିଜ ଇଚ୍ଛା (ନିଜ ତନ୍ତ୍ର) ଅନୁସାରେ ରାଜ୍ୟ ଶାସନ କଲା। ଫଳରେ ଭଗବାନ୍ ଶ୍ରୀରାମଙ୍କ ଦ୍ୱାରା ଦଣ୍ଡିତ ହେଲା।

ସ୍ୱାଧୀନତାର ଅର୍ଥ ନୁହେଁ ଯେ ଲୋକ ଯାହା ଚାହିଁବ ତାହା କହିବ ଓ ଯାହା ଇଚ୍ଛା ତାହା କରିବ। ଏହାଦ୍ୱାରା ଯଦି ଅନ୍ୟର ଅମଙ୍ଗଳ ହେଉଛି, ବ୍ୟକ୍ତିବିଶେଷ ସେଥିରୁ କ୍ଷାନ୍ତ ହେବା ଉଚିତ। ପ୍ରଥମେ ଦେଶ, ତା'ପରେ ସମାଜ ଓ ପରିଶେଷରେ ପରିବାର। ଏ ସବୁ ପରେ ନିଜ କଥା ବିଚାରକୁ ନେବ। ଯେ ପ୍ରଥମେ ନିଜ ସ୍ୱାର୍ଥସିଦ୍ଧିର ସରଣୀ ଅନ୍ୱେଷଣ କରେ ତାକୁ ମହତ୍ ଲୋକେ ନିମ୍ନଦୃଷ୍ଟିରେ ଦେଖନ୍ତି। ସ୍ୱେଚ୍ଛାରେ ପରିଚାଳିତ ବ୍ୟକ୍ତିମାନେ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ।

ମୋ– ୯୪୩୭୦୧୭୨୦୨

## ଏଇ ଭାରତରେ

ଅନେକ ପରିବାରରେ ମହିଳା ନିଜ ସ୍ୱାମୀଙ୍କ ଦ୍ୱାରା ଅପମାନ, ନିର୍ଯାତନା ଏବଂ ହିଂସାର ସମ୍ମୁଖୀନ ହୋଇଥାନ୍ତି। ହେଲେ ପାରିବାରିକ ସ୍ଥିତିକୁ ଦେଖି ପ୍ରାୟତଃ ମହିଳାମାନେ ନୀରବ ରହିଯାଆନ୍ତି। ଯେଉଁମାନେ ଆଇନର ଆଶ୍ରୟ ନିଅନ୍ତି ସେମାନଙ୍କ ମଧ୍ୟରୁ ଅନେକେ ପରବର୍ତ୍ତୀ ସମୟରେ ଆପୋସ ସମାଧାନ ମାଧ୍ୟମରେ ସ୍ୱାମୀଙ୍କ ବିରୋଧରେ ଆଉ ଯିବାକୁ ଚାହାନ୍ତି ନାହିଁ। ମହିଳାଙ୍କ କେତେକ ବାଧ୍ୟବାଧକତାର ଫାଇଦା ତାଙ୍କ ସ୍ୱାମୀ ନେଇଥାନ୍ତି। ଏଭଳି ଅନେକ ନଜିର ପ୍ରାୟ ଦେଖିବାକୁ ମିଳେ। କିନ୍ତୁ ଦିଲ୍ଲୀ ହାଇକୋର୍ଟଙ୍କ ଏକ ରାୟ ସେହି ପୁରୁଷମାନଙ୍କୁ ଚେତାଇ ଦେବାଭଳି ହୋଇଛି, ଯେଉଁମାନେ ନିଜ ସ୍ତ୍ରୀଙ୍କୁ ଅପମାନିତ କରି ସହଜରେ ଖସିଯିବାର ଆଶା ରଖିପାରିବେ ନାହିଁ। କାରଣ ଅପମାନ କରିଥିବା ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ କ୍ଷମା କରିଦେଇଥିଲାବେଳେ ହାଇକୋର୍ଟ ଏକଲକ୍ଷ ଟଙ୍କାର ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଘଟଣାଟି ଏହିପରି ଯେ, ବ୍ୟକ୍ତି ଜଣକ ଅନ୍‌ଲାଇନରେ ସାମଗ୍ରୀ ବିକ୍ରି ହେଉଥିବା ୱେବ୍‌ସାଇଟ୍‌ରେ ନିଜ ସ୍ତ୍ରୀଙ୍କ ନାମରେ ସାଥୀ ପାଇବା ପାଇଁ ଉଲ୍ଲେଖ କରିଥିଲେ। ଫଳରେ ମହିଳାଙ୍କ ପାଖକୁ ଅନେକ ଖରାପ ମେସେଜ୍ ଆସିଥିଲା। ଏ ନେଇ ଆଗତ ମାମଲାରେ ଉକ୍ତ ବ୍ୟକ୍ତିଙ୍କ ଓକିଲ ହାଇକୋର୍ଟରେ ଦର୍ଶାଇଥିଲେ ଯେ, ଏହା ଏକ ବୈବାହିକ ବିବାଦର ଅଂଶ, ତେଣୁ ମାମଲାକୁ ରଦ୍ଦ କରାଯାଉ। ପରେ ତାଙ୍କ ସ୍ତ୍ରୀ ମଧ୍ୟ ବିବାଦ ସମାଧାନ ହୋଇଥିବା ଏବଂ ସେ ସ୍ୱାମୀଙ୍କୁ କ୍ଷମା କରିଦେଇଥିବା ଦର୍ଶାଇ ମାମଲାକୁ ରଦ୍ଦ କରିବାକୁ ନିବେଦନ କରିଥିଲେ। କିନ୍ତୁ ବିଚାରପତି ସଞ୍ଜୀବ ସଚଦେବା ରାୟ ଶୁଣାଇଥିଲେ ଯେ, ମହିଳା ଜଣକ କ୍ଷମାକରି ତାଙ୍କ ବିଶାଳ ହୃଦୟର ପରିଚୟ ଦେଇଛନ୍ତି। କିନ୍ତୁ ତାଙ୍କ ସ୍ୱାମୀଙ୍କ ଆଚରଣ ନିହାତି ଚିନ୍ତାଜନକ। ତେଣୁ ତାଙ୍କ ବିରୋଧରେ ମାମଲା ରଦ୍ଦ ପାଇଁ ସେ ଏକଲକ୍ଷ ଟଙ୍କା ଏକ ସପ୍ତାହ ମଧ୍ୟରେ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିବେ। ବିଚାରପତିଙ୍କ ଏହି ରାୟ ସ୍ତ୍ରୀଙ୍କୁ ଅପମାନିତ କରୁଥିବା ପୁରୁଷମାନଙ୍କୁ ସାବାଡ଼ କରିବା ଦିଗରେ ସହାୟକ ହେବ ବୋଲି କୁହାଯାଉଛି।

## ଚିରନ୍ତନୀ

ଆସ ତପତ ଜୀବନ ସୁଧା
ଏ ମରୁ ପଥେ ରସ–ସଉଦା
    ସକଳ ତୃଷା ସକଳ କ୍ଷୁଧା ଚଞ୍ଚଳା,
    ଆସ ଗୋ ଚାରୁ–ହାସିନୀ ଶ୍ୟାମ–ଅଞ୍ଚଳା।
ଆସ ମୋର ଦିବସ କ୍ରୀଡ଼ା
ଆମ ଗୋ ମୋର ସାନ୍ଧ୍ୟ ବ୍ରୀଡ଼ା
    ଶ୍ରାବଣ ଘନ ନିଶୀଥ ପୀଡ଼ା–ବ୍ୟଞ୍ଜନା
    ଆସ ଗୋ ଉଷା–ପ୍ରତୀଚୀ–ଭାଲ–ରଞ୍ଜନା।

(ବର୍ଷା ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | | | 8 | E | 7 | | D | 2 | B | | |
| 1 | | | | | | | | | A | B | | | 6 | E |
| 5 | 4 | D | 7 | | | | | | | E | | | 9 | |
| | 0 | 7 | | 9 | | | | C | | | | 4 | | |
| | C | | | | | | | | | 5 | 3 | 8 | 1 | |
| 7 | 9 | 6 | | 4 | | D | 1 | | 8 | | | | | 0 |
| | | A | | 8 | | | | | | | | | B | |
| | | | | | 3 | | 2 | | D | | 9 | | | |
| | E | | | | | B | | | 3 | 2 | 5 | | | |
| 0 | 3 | | | | | | | | C | | | | E | |
| | 8 | | | | | | 6 | | | | | | 7 | A |
| | | 9 | | 6 | | 0 | A | | E | | 1 | | | 2 |
| | | 0 | 9 | C | | 7 | | B | | | | 5 | | |
| | | | | | 4 | | | | | | 8 | | D | |
| | A | 5 | D | | E | | | 2 | | 0 | | 9 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 3 | E | 7 | 6 | 9 | B | 5 | 0 | 8 | 4 | D | 1 | A | C |
| 7 | C | 1 | D | 3 | 0 | 6 | 9 | A | E | 2 | 5 | 8 | 4 | B |
| 4 | 5 | 9 | 2 | B | C | E | 8 | D | 7 | A | 1 | 3 | 0 | 6 |
| D | 8 | A | 4 | E | 1 | C | 3 | 7 | B | 0 | 6 | 9 | 2 | 5 |
| B | 0 | 6 | A | 5 | 8 | 1 | 2 | 4 | C | 3 | 9 | D | 7 | E |
| 8 | 9 | D | 0 | 7 | 6 | A | 1 | C | 2 | E | 4 | B | 5 | 3 |
| 1 | 7 | 2 | 5 | 4 | E | 3 | B | 9 | 0 | 6 | C | A | D | 8 |
| 5 | B | 0 | C | 8 | A | 2 | 4 | E | D | 1 | 3 | 7 | 6 | 9 |
| A | E | 4 | 3 | D | 2 | 7 | 6 | 5 | 9 | 8 | B | C | 1 | 0 |
| 3 | 6 | C | 1 | 9 | B | D | 0 | 8 | A | 5 | 7 | 4 | E | 2 |
| 9 | D | 5 | 8 | 2 | 3 | 4 | 7 | 6 | 1 | C | E | 0 | B | A |
| 0 | 1 | B | 6 | C | 4 | 5 | D | 2 | 3 | 9 | A | E | 8 | 7 |
| 6 | 4 | 7 | 9 | A | D | 0 | E | 3 | 5 | B | 8 | 2 | C | 1 |
| C | 2 | 8 | E | 1 | 7 | 9 | A | B | 6 | D | 0 | 5 | 3 | 4 |
| E | A | 3 | B | 0 | 5 | 8 | C | 1 | 4 | 7 | 2 | 6 | 9 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଉଁରୀ ମନ୍ତ୍ର ଦରକାର

ମହାଶୟ,

ଶରୀରମାଦ୍ୟମ୍ ଖଳୁଧର୍ମ ସାଧନମ୍। ପରିବାର ଓ ବିଦ୍ୟାଳୟରେ ପିଲା ସବୁ ଜିନିଷ ଶିଖିଥାନ୍ତି। ଗଛ ଲଗାଇ ଯତ୍ନ ନେବା, ପରିବେଶ ପରିଷ୍କାର କରିବା, ଉଚିତ କାମକୁ ଆଗ୍ରହରେ କରିବା, ଦୁଃସ୍ଥ ଲୋକର ସେବା କରିବା ଭଳି ଅନେକ ଅଭ୍ୟାସ ପରିଣତ ବୟସରେ କରାଯାଏନା। ମାତ୍ର ଶିକ୍ଷା ବିଭାଗର ସରକାରୀ ନିୟମ ଅନୁସାରେ ବିଦ୍ୟାଳୟରେ ପିଲାମାନେ ଝାଡୁ ମାରିବା, ପାଣି ବୋହିବା, ମାଟି ଖୋଳିବା, ଭୁଲ୍ କାମ ଲାଗି ଗାଳି, ତାଗିଦ ବା ଦଣ୍ଡ ପାଇବା ଇତ୍ୟାଦି ପାଇଁ ଶିକ୍ଷକ ଦଣ୍ଡିତ ହେବେ। ତା' ହେଲେ କିଛି କାଉଁରୀ ମନ୍ତ୍ର ଦରକାର, ଯାହାଦ୍ୱାରା ବିଦ୍ୟାଳୟରେ ଉପରୋକ୍ତ ବ୍ୟବସ୍ଥା ବ୍ୟତିରେକେ ପିଲାମାନଙ୍କୁ ଭଲ ମଣିଷଟିଏ ଭାବେ ଗଢ଼ାଯାଇପାରିବ। ବିଡ଼ମ୍ବନାର କଥା ଏଇଆ ଯେ ଅତୀତର ଗାନ୍ଧୀ, ଗୋପବନ୍ଧୁଙ୍କର ଆଦର୍ଶ ଓ ପୁରାଣ ଯୁଗର ଶିଷ୍ୟମାନଙ୍କ ଆଚରଣ ବର୍ତ୍ତମାନର ସରକାରୀ ଆରଚଣବିଧି ଅନୁସାରେ ପାଳନୀୟ ନୁହେଁ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ପ୍ଲାଷ୍ଟିକମୁକ୍ତ ଓଡ଼ିଶା

ଧରିତ୍ରୀ ପକ୍ଷରୁ ଆୟୋଜିତ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ଓଡ଼ିଶା ଅଭିଯାନ ଏକ ଉତ୍ତମ ପଦକ୍ଷେପ। ସଚେତନତା ଓ ସହଯୋଗ ଯୋଗୁ ହିଁ ଓଡ଼ିଶା ପ୍ଲାଷ୍ଟିକ ଓ ପଲିଥିନର ବିଷବଳୟରୁ ମୁକ୍ତ ହୋଇପାରିବ। ରାଜ୍ୟ ସରକାର ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ସମ୍ପର୍କରେ ପ୍ରଣୟନ କରିଥିବା ନିୟମକୁ କଡାକଡି ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଲୋକନୃତ୍ୟ ଓ ଲୋକଗୀତ ମାଧ୍ୟମରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇପାରିଲେ ଗ୍ରାମାଞ୍ଚଳର ଜନସାଧାରଣ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରିବାର କୁପରିଣାମ ବିଷୟରେ ବୁଝିପାରିବେ।

ପୂର୍ଣ୍ଣଚନ୍ଦ୍ର ସାହୁ, ଖଣ୍ଡାୟତପାଟଣା, ବଳଙ୍ଗା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ rgdselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ନର


@ ଗଜାନନ


@ ନକୁଳ


@ ସ୍ୱରାଜ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

### କୌଶଳ ବିକାଶ ଯୁଗ୍ମ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ

# ଲାଖ କାରିଗରଙ୍କ ସହ ଭାବ ବିନିମୟ

**ନବରଙ୍ଗପୁର,୨୫।୧୦(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଳୟର ଯୁଗ୍ମ ନିର୍ଦ୍ଦେଶକ ଗିରିଧର ଗିରି ନବରଙ୍ଗପୁର ଜିଲା ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତାଙ୍କ ସହ ଏକ ତିନି ଜଣିଆ ଦଳରେ ଆଶିଷ ମାଲହୋତ୍ରା, ସେହେଜ ଜାସଟ୍ ଓ ମାର୍ବଲ ଦାଶ ନବରଙ୍ଗପୁର ଗସ୍ତରେ ଆସିଥିଲେ। ଗତ ୨୨ ତାରିଖରୁ ଏହି ପ୍ରତିନିଧି ଦଳ ଆସି କାଜୁ ଇଣ୍ଡଷ୍ଟ୍ରିଜ୍, ମଙ୍ଗଲମ ଟିମ୍ବର, ସରକାରୀ କୌଶଳ ବିକାଶ କେନ୍ଦ୍ର ଓ ଆଇଟିଆଇ ଶିକ୍ଷାନୁଷ୍ଠାନ ଗୁଡିକ ପରିଦର୍ଶନ କରି ଗୁରୁବାର ଫେରିଛନ୍ତି । ଜିଲାପାଳ ଡଃ. ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦକ୍ଷତା ବିକାଶ ଓ ଜିଲାରେ ହସ୍ତଶିଳ୍ପର ବିକାଶ ସହ କାରିଗର ମାନେ ଅଧିକରୁ ଅଧିକ କିଭଳି ସ୍ୱାବଲମ୍ବି ହେବେ ସେନେଇ ଉକ୍ତ କେନ୍ଦ୍ରୀୟ ଟିମ ସହ ଆଲୋଚନା ହୋଇଥିଲା । ଜିଲାରେ ହସ୍ତଶିଳ୍ପ ବିକାଶ ମାଧ୍ୟମରେ କାରିଗର ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଆବଶ୍ୟକୀୟ ସହଯୋଗ କରିବ ବୋଲି ଏହି ପ୍ରତିନିଧି ଦଳ ସୂଚନା ଦେଇଥିଲେ । ବୈଠକରେ ମଙ୍ଗଲମ ଟିମ୍ବର କର୍ତ୍ତୃପକ୍ଷ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଉମରକୋଟ, ଚନ୍ଦାହାଣ୍ଡି ଓ ରାଇଘର ସରକାରୀ ଆଇଟିଆଇର ଅଧ୍ୟକ୍ଷ, ଜିଲା କର୍ମ ନିୟୋଜନ ଅଧିକାରୀ ପ୍ରମୂଖ ଉପସ୍ଥିତ ଥିଲେ । ଆଶିଷ ମାଲହୋତ୍ରା, ସେହେଜ ଜାସଟ୍ ଓ ମାର୍ବଲ ଦାଶ ବିଶେଷ କରି ନବରଙ୍ଗପୁର ଶଙ୍ଖାରୀ ସାହିରେ ପାରମ୍ପାରିକ ଲାଖ ଶିଳ୍ପ ପରିଦର୍ଶନ କରିଥିଲେ । ହକି ବିଶ୍ୱ କପ ପାଇଁ ଲାଖ ସାମଗ୍ରୀ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଅତିଥିଙ୍କୁ ଭେଟି ଭାବେ ଦିଆଯିବ । ଏନେଇ ଶିଳ୍ପୀମାନେ କେଉଁ ସବୁ କାର୍ଯ୍ୟ କରୁଥିଲେ ଓ ତାହାର ଡିଜାଇନ କିଭଳି ରହିଛି ତହାକୁ ଦେଖିଥିଲେ । ଏହା ସମେତ କେତେ ପ୍ରକାର ଲାଖ ଉପକରଣ ତିଆରି କରୁଛନ୍ତି ସେ ନେଇ ପଚାରି ବୁଝିବା ସହ ଏହା କଭଳି ଓ କେଉଁ ପ୍ରଣାଳିରେ ହୋଇ ପାରୁଛି ତାହା ଦେଖିଥିଲେ । କାରିଗର ମାନଙ୍କ ସହ ଭାବ ବିନିମୟ କରିଥିଲେ। କୌଶଳ ଓ ନୂତନ ଡିଜାଇନ ପାଇଁ ତାଲିମ ଆବଶ୍ୟକ ରହିଛି । ବଜାର ସୁବିଧା ପାଇଁ କୌଶଳ ବିକାଶ ମନ୍ତ୍ରାଳୟ ଦାୟୀତ୍ୱ ବହନ କରିବ ବୋଲି ଦଳ ପକ୍ଷରୁ କୁହାଯାଇଥିଲା । ପରିଦର୍ଶନ ସମୟରେ ଏପିଡି ସୂର୍ଯ୍ୟକାନ୍ତ ବେହେରା, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଲିଙ୍ଗରାଜ ଖଣ୍ଡପାଣ ପ୍ରମୂଖ ଉପସ୍ଥିତ ଥିଲେ ।


ଲାଖ ଶିଳ୍ପ କେନ୍ଦ୍ରରେ ପ୍ରତିନିଧି ଦଳ ବିଭିନ୍ନ ଡିଜାଇନ ସାମଗ୍ରୀ ଦେଖୁଛନ୍ତି ।

## ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା ହିଁ କାରଣ : କଂଗ୍ରେସ

**ଉମରକୋଟ,୨୫।୧୦(ଡି.ଏନ.ଏ)**

ଉମରକୋଟ ରାମ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ବ୍ଲକ ନେଉରା ପଞ୍ଚାୟତର ମୁଣ୍ଡାଗୁଡା ଗ୍ରାମରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଓ ଏମପି ବଳଭଦ୍ର ମାଝି ଯାଇଥିବା ସମୟରେ ତାଙ୍କୁ କଂଗ୍ରେସ କର୍ମୀ ବିରୋଧ କରିଥିଲେ। କଳା ପତାକା ପ୍ରଦର୍ଶନ କରିବା ସହ ଗାଡି ଉପରକୁ କଂଗ୍ରେସ କର୍ମୀ ଅଣ୍ଡା ମାଡ କରିଥିଲେ ବୋଲି ସେ କହିଛନ୍ତି । ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ହେଉଥିବା ବିଭିନ୍ନ ପ୍ରକଳ୍ପ, ଗ୍ରାମ ପଞ୍ଚାୟତର ନିଷ୍ପତ୍ତି ହେଉଥିବା ପ୍ରକଳ୍ପଗୁଡିକୁ ବିଜେଡି ନେତାଙ୍କ କଥାରେ ଅନ୍ୟତ୍ର ପ୍ରଶାସନ ବଦଳାଇବା, ଏବଂ ସେହି ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ମାନଙ୍କୁ ଶିଳାନ୍ୟାସ ସମୟରେ ପ୍ରାଧାନ୍ୟ ନ ଦେବା କାରଣକୁ ନେଇ କଂଗ୍ରେସ କର୍ମୀମାନେ ଏପରି ବିରୋଧ କରିଛନ୍ତି। ଏହି ସବୁ କାରଣକୁ ନେଇ ସରପଞ୍ଚ ମୋହନ ଭତ୍ରା, ସମିତି ସଭ୍ୟା ରତ୍ନାବତୀ ଭତ୍ରା ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ନେଉରା ପଞ୍ଚାୟତର ସରପଞ୍ଚ ମୋହନ ଭତ୍ରା ଓ ସମିତି ସଭ୍ୟ ରତ୍ନାବତୀ ଭତ୍ରାଙ୍କୁ ସରକାରୀ ଉଦଘାଟନୀ କାର୍ଯ୍ୟକ୍ରମଗୁଡିକୁ ନିମନ୍ତ୍ରଣ ନ କରିଥିବାରୁ ପ୍ରତିବାଦରେ ଏହାର ଜବାବ ଦିଆଗଲା। ଆଗାମୀ ଦିନରେ ଏପରି ସରକାରୀ କାର୍ଯ୍ୟକ୍ରମ କରାଗଲେ ପରିଣାମ ଭୟାନକ ହେବ ବୋଲି ଜିଲା କଂଗ୍ରେସ କମିଟି ଚେତାବନୀ ଦେଇଛି। ଏହି ଘଟଣା ପରେ ମନ୍ତ୍ରୀଙ୍କ ସୁରକ୍ଷା କର୍ମୀ ଓ କର୍ମୀମାନେ ମୁଣ୍ଡାଗୁଡା ଯାଇ ନୀରିହ ଲୋକଙ୍କୁ ଆଣି ମାଡ ମାରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।। କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ ଏତଲା ଦିଆଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇ ନାହିଁ। ବିଜେଡି ଚାପରେ ପୋଲିସ କାର୍ଯ୍ୟାନୁଷ୍ଠାନ କରୁ ନାହିଁ ବୋଲି ଅଭିଯୋଗ କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ତପନ ଦେବ ନାଥ, ଜିଲା ସମ୍ପାଦକ ବାବୁଲା ପଟ୍ଟନାୟକ, ଗୋପାଳ ପଟ୍ଟନାୟକ, ଶିବ ପ୍ରସାଦ ଅଗ୍ରୱାଲ, ପାପଡାହାଣ୍ଡି ଜୋନ ସଭାପତି ଶେଖ ଆକବର, ଓବିସି ସେଲର ରାଜ୍ୟ ସଂଯୋଜକ ସୁରେନ୍ଦ୍ର ନାୟକ, ଏସି ସେଲର ରାଜ୍ୟ ଉପସଭାପତି ଗଜେନ୍ଦ୍ର ନାୟକ, ଜିଲା ସମ୍ପାଦକ ଜଗଦିଶ ପ୍ରସାଦ ସାନ୍ତା, ମହିଳା କଂଗ୍ରେସ ସଭାପତି ପଙ୍କଜିନି ପଟ୍ଟନାୟକ, ଯତିନ୍ଦ୍ର ଗଣ୍ଡ, ବ୍ଲକ ସଭାପତି ଅନିରୁଦ୍ଧ ନାୟକ, ଯୁବ କଂଗ୍ରେସ ସଭାପତି କୁନା ସାହୁ, ଟାଉନ କଂଗ୍ରେସ ସଭାପତି ଟୁଲୁ ସାହୁ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ସଭାପତି ଓ ଅନ୍ୟମାନେ ।

## ଅସହିଷ୍ଣୁ କଂଗ୍ରେସକୁ ଉଚିତ ଜବାବ ଦିଆଯିବ : ବିଜେଡି


ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ଓ ଅନ୍ୟମାନେ।

**ମନ୍ତ୍ରୀ, ଏମ୍‌ପିଙ୍କ ଗାଡିକୁ ଅଣ୍ଡାମାଡ ଘଟଣା**

**ନବରଙ୍ଗପୁର,୨୫।୧୦(ବି.ପ୍ର.)**

ନବରଙ୍ଗପୁର ଏମପି ବଳଭଦ୍ର ମାଝୀ ଓ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ ତଥା ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ଗାଡିକୁ ଅଣ୍ଡାମାଡ ଘଟଣାକୁ ଜିଲା ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଏନେଇ ଏକ ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ପ୍ରହଲ୍ଲାଦ ତ୍ରିପାଠୀ କହିଛନ୍ତି ଯେ, ବିଜେଡିର ମଜବୁତ ସଙ୍ଗଠନକୁ କଂଗ୍ରେସ ସହ୍ୟ କରି ପାରୁ ନାହିଁ । ଧିରେ ଧିରେ ଜନସାଧାରଣଙ୍କ ଠାରୁ ଆସ୍ଥା କମୁଥିବାରୁ କଂଗ୍ରେସ ଅସହିଷ୍ଣୁ ହୋଇ ପଡୁଛି । ରାଜ୍ୟ ସରକାର ଗ୍ରାମର ବିକାଶ ପାଇଁ ଅନେକ ଯୋଜନା ଓ ପରିକଳ୍ପନା କରିଛନ୍ତି । ଏହା କିଭଳି ତୃଣ ମୂଳ ସ୍ତରରେ ପହଞ୍ଚିବ ସେ ନେଇ ମନ୍ତ୍ରୀ ଓ ଏମପି ନବରଙ୍ଗପୁର ଜିଲାରେ ତଦାରଖ କରିବା ସହ ଜନସାଧାରଣଙ୍କ ବିକାଶ ପାଇଁ କଣ ଆବଶ୍ୟକତା ରହିଛି ତାହା ପଚାରି ବୁଝୁଛନ୍ତି। ମନ୍ତ୍ରୀ ଓ ଏମପିଙ୍କ ଗାଡି ଉପରେ ଅଣ୍ଡାମାଡ କରି କଂଗ୍ରେସ ଅପମାନିତ କରିବାକୁ ଯେଉଁ ଚେଷ୍ଟା କରିଛି, ତାହାର ଉଚିତ ଜବାବ ଦିଆଯିବ ବୋଲି ସେ କହିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାକୁ ସହ୍ୟ କରି ପାରୁ ନାହିଁ କଂଗ୍ରେସ । ଯେଉଁ ମାନେ ଗାଡି ଉପରକୁ ଅଣ୍ଡା ମାଡ କରିଛନ୍ତି ସେମାନଙ୍କୁ ପୋଲିସ ଗିରଫ କରି ତୁରନ୍ତ ଦଣ୍ଡ ବିଧାନ କରାଯାଉ ବୋଲି କହିଛନ୍ତି। ଜିଲା ବିଜେଡି ସାମ୍ପାଦକ ରବି ପଟ୍ଟନାୟକ, ନଗର ସଭାପତି ପ୍ରମୋଦ ରଥ ଓ ସ୍ୱତନ୍ତ୍ର ବିକାଶ ପରିଷଦର ଉପାଧ୍ୟକ୍ଷା ମଂଜୁଳା ମାଝୀ ପ୍ରମୂଖ ଉପସ୍ଥିତ ଥିଲେ ।

## ଇନ୍ଦିରାଙ୍କ ଶ୍ରାଦ୍ଧ ଦିବସକୁ ସଂକଳ୍ପ ଦିବସ ଭାବେ ପାଳିବାକୁ ନିଷ୍ପତ୍ତି

**ରାଇଘର, ୨୫।୧୦ (ଡି.ଏନ.ଏ)**

ରାଇଘର ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପଠାରେ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସକୁ ସଂକଳ୍ପ ଦିବସ ଭାବେ ପାଳନ କରାଯିବ। ଏହା ରାଇଘର ଠାରେ ଚଳିତ ବର୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ କଳସୀ ପଡିଆରେ ଶ୍ରଦ୍ଧାଞ୍ଜଳି ସଭା ସହ ମହୁଲି ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ପ୍ରଚାର କମିଟି ସଦସ୍ୟ ତପନ ଦେବ ନାଥ, ପଛୁଆ ବର୍ଗ ଜିଲା ସଭାପତି ପଦ୍ମନ ବିଶୋୟୀ, ଯତୀନ୍ଦ୍ର ନାଥ ଗଣ୍ଡ, ଜିଲା ସାଧାରଣ ସମ୍ପାଦକ ଅଶୋକ ଶିକାରୀ, କମଳା ବାଛାର, ଅବଦୁଲ ଫିରୋଜ, ସମ୍ପାଦକ ଚରଣ ଗଣ୍ଡ, ଓମ ପ୍ରକାଶ ଗଣ୍ଡ, ଶ୍ରୀରାମ ସୁନାନୀ, ଚକ୍ରଧର ଖମାରୀ, ସୁନ୍ଦର ଗଣ୍ଡ, ସୁବଳନ ସାନ୍ତା, ଲମ୍ବୋଧର ମାଝି, ନନ୍ଦଲାଲ ସାହୁ ଯୋଗ ଦେଇଥିଲେ।

**ଧରିତ୍ରୀ DHARITRI Puja Quiz- 2018** — Quiz No.12

Main Sponsor: TVS — Co-Sponsors: CENTRAL, Nikon

☑ Tick mark the box which is correct

୧. "ମାଉଣ୍ଟ ଇନ୍ଦିରା" ଦୀପଟି କେଉଁ ମହାସାଗରରେ ଅବସ୍ଥିତ ?
କ. ଭାରତ ମହାସାଗର ☐ ଖ. ବଙ୍ଗୋପସାଗର ☐ ଗ. ଆରବସାଗର ☐ ଘ. କେଉଁଟି ନୁହେଁ ☐

୨. କେଉଁଟି ସର୍ବୋତ୍କୃଷ୍ଟ କୋଇଲା ?
କ. ଲିଗ୍‌ନାଇଟ୍ ☐ ଖ. ବିଟୁମିନସ୍ ☐ ଗ. ଆନ୍ଥ୍ରାସାଇଟ୍ ☐ ଘ. କେଉଁଟି ନୁହେଁ ☐

୩. ମହାତ୍ମାଗାନ୍ଧୀ କେଉଁ ସାପ୍ତାହିକ ପତ୍ରିକା ପ୍ରକାଶ କରୁଥିଲେ ?
କ. ୟଙ୍ଗ ଇଣ୍ଡିଆ ☐ ଖ. କେଶରୀ ☐ ଗ. କମ୍ରେଡ୍ ☐ ଘ. କେଉଁଟି ନୁହେଁ ☐

୪. "ଏସିଆର ଆଲୋକ" କିଏ ?
କ. ମହାବୀର ☐ ଖ. ବୁଦ୍ଧଦେବ ☐ ଗ. ବିବେକାନନ୍ଦ ☐ ଘ. କେଉଁଟି ନୁହେଁ ☐

୫. "ଲୋକନାୟକ" ଉପାଧି କିଏ ପାଇଥିଲେ ?
କ. ବିଜୁ ପଟ୍ଟନାୟକ ☐ ଖ. ହରେକୃଷ୍ଣ ମହତାବ ☐ ଗ. ଜୟପ୍ରକାଶ ନାରାୟଣ ☐ ଘ. କେଉଁଟି ନୁହେଁ ☐

Participant's Name:........
Address:........
Education ........
Mobile........ Age:........
E-mail:........

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 12
B-15, Industrial Estate, Rasulgarh, Bhubaneswar-10

TVS Apache RTR 160 4V
India's Most Powerful 160cc Motorcycle

**CLASSIFIED DISPLAY**

SEIKO CLOCKS — 125 years — CELEBRATION OF TIME WITH SEIKO CLOCKS — FLAT 20%*OFF
AUTHORISED DEALER
Lingaraj Watch & Communication: 89, Janpath, Bapuji Nagar, Bhubaneswar, Ph: 0674-2598023
Gouri Watch Co.: Plot No.: 90, Bapuji Nagar, Bhubaneswar, Ph: 0674-2597944/ 08018830606

**ଶିକ୍ଷାର୍ଥୀଙ୍କ ପାଇଁ ଟ୍ରେନିଂ**
ଶୁଶ୍ରୁଷା ଅଧୀନରେ ଘରୋଇସେବା ବା ହୋମନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ପାଇଁ ଟ୍ରେନିଂ। ୨ ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ନଭେମ୍ବର ୧ ତାରିଖ ୨୦୧୮ ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ଅକ୍ଟୋବର ୩୦, ୨୦୧୮। ଟ୍ରେନିଂ ସମୟରେ କୌଣସି କୋର୍ସ ଫି' ନିଆଯିବ ନାହିଁ ଏବଂ ହଷ୍ଟେଲ୍‌ରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା:
ସମ୍ପାଦିକା ଶୁଶ୍ରୁଷା, ପ୍ଲଟ୍ ନଂ: ୪୯୩, ଭିମପୁର, କାର୍‌ଗିଲ୍ ରୋଡ୍, ପଲାସପଲ୍ଲି, ଭୁବନେଶ୍ୱର-୭୫୧୦୨୦
ଟେଲିଫୋନ୍: ୯୭୭୮୭୦୩୦୬୭, ମୋ: ୮୮୯୫୩୪୦୫୪୫
ଯୋଗାଯୋଗ ସମୟ: ୧୦.୩୦ ଠାରୁ ୪ଟା ପର୍ଯ୍ୟନ୍ତ

Life Care Emporium — Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

NON WOVEN BAG & PAPER CUP MACHINE
Full Automatic & Manual Non Woven Bag, Paper Cup & Plate Making Machines are Available Earn Monthly ₹ 20,000/- to ₹ 2,00,000/- with Buy Back Agreement
BLU IMPEX
NEAR BIG BAZAR, PATIA, BHUBANESWAR.
8106447191

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୧% ସମାଧାନ ପାଆନ୍ତୁ ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ, କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ବାବା ଆଲାମ ଖାନ — ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765-8512004851

## ସଂକ୍ଷେପରେ

### ନିର୍ବାଚନ ପାଇଁ ଭାଜପାର ପ୍ରସ୍ତୁତି ବୈଠକ



ମାଲକାନଗିରି,୨୫।୧୦ (ଡି.ଏନ.ଏ.)- ମାଲକାନଗିରି ଭାଜପା ପକ୍ଷରୁ ପ୍ରାକ ନିର୍ବାଚନ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ଲଜ୍‌ରେ ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରାଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ଶ୍ୟାମଲ ସୁନାନି, ଜିଲା ପରିଷଦ ଉପାଧକ୍ଷା ସୁଲତା ମଣ୍ଡଳ, ଆଦିତ୍ୟ ମାଢି, କୋରୁକୋଣ୍ଡା ବ୍ଲକ ଅଧକ୍ଷ ସାବିତ୍ରୀ ପଡିଆମି, ଦେବା ମାଡକାମି, ଅକ୍ଷୟ ବିଶ୍ୱାଳ, ମାଲକାନଗିରି ଜିଲାର ପଦାଧିକାରୀ ଓ ସମସ୍ତ ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତିମାନେ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉଭୟ ବିଜେଡି ଓ କଂଗ୍ରେସର ରାଜନୀତି ସରଗରମ ହୋଇଥିବା ବେଳେ ଭାଜପା ପକ୍ଷରୁ ମଧ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ମୋଟ ୧୩ଟି ଜିଲା ପରିଷଦ ଆସନରେ ଭାଜପାର ୧୦ଜଣ ପ୍ରାର୍ଥୀ ବିଜୟୀ ହୋଇ ଜିଲା ପରିଷଦ ଗଠନ କରିବାରେ ସଫଳ ହୋଇଛନ୍ତି। ମାଲକାନଗିରିବାସୀ ବିଜେଡି ଓ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରି ଭାଜପାକୁ ସମର୍ଥନ କରିଛନ୍ତି। ବିଧାନସଭା ଏବଂ ସଂସଦ ନିର୍ବାଚନରେ ମଧ ଏହାର ପୁନରାବୃତ୍ତି ହେବ ବୋଲି ଦୋରା କହିଛନ୍ତି। ବୈଠକରେ ଜିଲା ସଭାପତି ଅଶୋକ କୁମାର ପରିଡା ଅଧକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି କିଭଳି ପ୍ରତି ଗ୍ରାମରେ ଲୋକଙ୍କ ନିକଟରେ ପହଞ୍ଚିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଲୋକ ହିତକର ଯୋଜନା ସମ୍ପର୍କରେ ଲୋକମାନେ ଅବଗତ ହେବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। କିଭଳି ଆମ ଗାଁ ଆମ ବିକାଶ ଓ ରାଶନ କାର୍ଡ ବଣ୍ଟନରେ ଅନିୟମିତତା, ଯୁବ ବାହିନୀ ନାମରେ ୪୫୦ କୋଟି ଟଙ୍କା ବ୍ୟୟ, ପିସି କାରବାର, ବିଦ୍ୟୁତ୍ ସଂଯୋଗରେ ବିଳମ୍ବ, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମକୁ ଓଡିଶାରେ ଲାଗୁ ନ କରିବା ଆଦି ବୈଠକରେ ଆଲୋଚନା ହୋଇଥିଲା।

# ଭାଷା ଶିକ୍ଷକ ନିଯୁକ୍ତି ଦାବି ଜୋର ଧରିଲା

ମାଲକାନଗିରି,୨୫।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କୋୟା, ବଣ୍ଡା, ଦିଦାଇ, ସାନ୍ତଳ, ପରଜା, ଭୁମିଆ ଭଳି ଆଦିମ ଜନଜାତି ବସବାସ କରନ୍ତି। ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଭାଷା ଶିକ୍ଷକ ନିଯୁକ୍ତି ଲାଗି ଆଦିବାସୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଗୁରୁବାର ବିଧାୟକ ମାନସ ମାଡକାମିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ବିଧାୟକ ଶିକ୍ଷାମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କୁ ଏକ ଚିଠି ଲେଖିଛନ୍ତି। ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଉତ୍ତମ ଶିକ୍ଷା ଓ ଶିକ୍ଷକ ନ ଥିବାରୁ ଜିଲାରେ ଶିକ୍ଷାର ବିକାଶ ହୋଇ ପାରୁନାହିଁ। ଆଦିବାସୀ ପିଲାମାନେ ମୁଖ୍ୟତଃ ଭାଷାଗତ ସମସ୍ୟା ଯୋଗୁ ଶିକ୍ଷା କ୍ଷେତ୍ରରେ ଅଗ୍ରଣି ହୋଇ ପାରୁନାହାନ୍ତି। ଜିଲାରେ ମୋଟ ୧୨ଟି ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି। ଏମାନଙ୍କ ପାଇଁ ୮୧୬ ପ୍ରାଥମିକ ବିଦ୍ୟାଳୟରେ ଭାଷା ଶିକ୍ଷକ ନିଯୁକ୍ତି ଲାଗି ମହାସଂଘ ଦାବି କରିଛି। କୋୟା ସମାଜର ସଭାପତିଙ୍କ ଦାବି ଅନୁଯାୟୀ ଜିଲାରେ ୨ଲକ୍ଷ ୭୫ ହଜାର କୋୟା ଆଦିମ ଜନଜାତି ବାସ କରନ୍ତି । ୮୧୬ଟି ବିଦ୍ୟାଳୟ ପାଇଁ ବର୍ତ୍ତମାନ ମାତ୍ର ୨୧ଜଣ ଭାଷା ଶିକ୍ଷକ ଅଛନ୍ତି। ଏହା ପର୍ଯ୍ୟାପ୍ତ ନୁହେଁ। ତେଣୁ ସରକାର କୋୟା, ସାନ୍ତାଳ, ଦୁରୁଆ, ଓ ପରଜା ସମ୍ପ୍ରଦାୟର ଭାଷା ଶିକ୍ଷକ ନିଯୁକ୍ତି ପ୍ରଦାନ କଲେ ଆଗାମୀ ଦିନରେ ପ୍ରାଥମିକ ଶିକ୍ଷାର ବିକାଶ ହୋଇ ପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ,ଭାଷା ସମସ୍ୟାକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣଶିକ୍ଷା ବିଭାଗକୁ ବିଭିନ୍ନ ସମୟରେ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଅନୁରୋଧ କରାଯାଇଛି। ଜିଲାରେ ୮୦ ଭାଗ ଆଦିବାସୀ ସମ୍ପ୍ରଦାୟ ଲୋକେ ବସବାସ କରୁଥିବାରୁ ତୁରନ୍ତ ସରକାର ଭାଷା ଶିକ୍ଷକ ନିଯୁକ୍ତି ଦେବାକୁ କୋୟା ମହାସମାଜ ଅଧକ୍ଷ କହିଛନ୍ତି।



ଆଦିବାସୀ ମହାସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ**

- ଜିଲାରେ ରହିଛନ୍ତି ୧୨ ଆଦିବାସୀ ସମ୍ପ୍ରଦାୟ
- ୮୧୬ ବିଦ୍ୟାଳୟରେ ଅଛନ୍ତି ମାତ୍ର ୨୧ ଭାଷା ଶିକ୍ଷକ
- ଭାଷାଗତ ସମସ୍ୟା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ପଛରେ ପକାଉଛି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡୁଚ୍ଚାକୁ ଛିଡ଼ିଯାଉଛି**
**ପାଳ ଦଉଡିଆ ଘଇତା ଦେଖି**
**ସାହା ଉଡ଼ିଯାଉଛି ।**

ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହା ଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷିପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରିପାରୁ ନ ଥିବା ଏପରି ଅଯୋଗ୍ୟ ତଥା ଅପାରଗ ସ୍ୱାମୀ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ତେଲ ଘଡ଼ିରେ ହାତେ**
**ପୁଅ ମୁଣ୍ଡରେ ହାତେ ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇଯିବା ଚିନ୍ତା ତ ଅନ୍ୟପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୁର୍ଘଟଣାରେ ଗୁରୁତର ବଳଦ ପଡିରହିଲା ୩ ଦିନ

**ହଜିଛି ମାନବିକତା**

ମାଥିଲି, ୨୫।୧୦ (ଡି.ଏନ.ଏ.)- ହଜିଯାଇଛି ମାନବିକତା। ମଣିଷପଣିଆ ରହୁନାହିଁ। ଏପରି ଉଦାହରଣ ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଦେଖିବାକୁ ମିଳିଛି। ଗତ ୩ ଦିନ ତଳେ ମାଥିଲି - ମାଲକାନଗିରି ମୁଖ୍ୟରାସ୍ତା ଜଗନ୍ନାଥ ମନ୍ଦିର ନିକଟରେ ଏକ ବଳଦ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକ ଅଜଣା ଗାଡିବଳଦ ପଛରୁ ଧକ୍କା ଦେଇଥିଲା । ଫଳରେ ରାସ୍ତା ଠାରୁ ୧୦୦ ମିଟର ଦୂରରେ ବଳଦଟି ଛିଟିକି ପଡି ଗୁରୁତର ହୋଇଥିଲା । ମୁଖ୍ୟରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ବଳଦ ଅବସ୍ଥା ଦେଖିଥିଲେ ମଧ ଉଦ୍ଧାର କରିବାକୁ କେହି ପାଖକୁ ଆସି ନ ଥିଲେ । ଅସୁସ୍ଥ ହୋଇପଡିଥିବା ବଳଦର ଅବସ୍ଥା ଦେଖି ଗୁରୁ ଆଶ୍ରମର କିଛି ଲୋକେ ଏବଂ ମାଥିଲି ଜଗନ୍ନାଥ ମନ୍ଦିରର ପୂଜକ ପ୍ରଶାନ୍ତ କୁମାର ପାତ୍ର ବଳଦକୁ ଖାଦ୍ୟ ଏବଂ ପାଣି ପିଆଇଥିଲେ । ପରେ ଜିଲା ଅତିରିକ୍ତ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିକାଶ ସରଦାରଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲେ । ଘଟଣା ସ୍ଥଳରେ ଡା. ସରଦାର ପହଞ୍ଚି ଗୁରୁତର ଥିବା ବଳଦର ଚିକିତ୍ସା କରିଥିଲେ । ପ୍ରାୟ ୨ ଦିନ ଧରି ବଳଦର ଚିକିତ୍ସା ଜାରି ରହିଛି । ଆବଶ୍ୟକ ଲୋକ ନ ଥିବାରୁ ଭଲ ସ୍ଥାନକୁ ଆଣି ବଳଦକୁ ରଖାଯାଇପାରୁନାହିଁ । ଡାକ୍ତର ସରଦାରଙ୍କ କହିବା ଅନୁଯାୟୀ ଗୋଟିଏ ସ୍ଥାନରେ ଶୋଇ ରହିବା ଫଳରେ ବଳଦଟି ପାରାଲିସିସରେ ଆକ୍ରାନ୍ତ ହୋଇଛି । ଭଲ ସ୍ଥାନକୁ ସ୍ଥାନାନ୍ତର କରି ତାର ଚିକିତ୍ସା କରାଗଲେ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇପାରିବ । ପୂଜକ ପାତ୍ର ବଳଦଟିରେ ସବୁକଥା ବୁଝୁଛନ୍ତି । ବଳଦକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଲୋକଙ୍କୁ ଡାକିଲେ କେହି ସହଯୋଗ କରିବାକୁ ଆସୁ ନ ଥିବା ପୂଜକ ପାତ୍ର କହିଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।



ଦୁର୍ଘଟଣାରେ ଗୁରୁତର ଥିବା ବଳଦର ଚିକିତ୍ସା କରାଯାଉଛି ।

## ପାରିବାରିକ କଳହରୁ ଆତ୍ମହତ୍ୟା

ପାଣ୍ଡ୍ରିପାଣି,୨୫।୧୦

ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ଜଣେ ଯୁବକ ପାରିବାରିକ କଳହକୁ କେନ୍ଦ୍ରକରି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ଡମ୍ବରୁ ଖିଲ (୨୭)। ସେ ଆନ୍ଧ୍ରରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। କିଛି ଦିନ ତଳେ ଗାଁ କୁ ଆସିଥିବା ଗ୍ରାମବାସୀ କହିଛନ୍ତି। ପ୍ରକାଶ ଯେ, ଡମ୍ବରୁ ପାରିବାରିକ କଳହରୁ ଅଶାନ୍ତିରେ ରହୁଥିଲେ। ନିଜର କିଛି ସାଙ୍ଗଙ୍କୁ ମୋତେ ଆଉ ଦେଖିବାକୁ ପାଇବ ନାହିଁ ବୋଲି ବୁଧବାର ସକାଳେ କହିଥିଲେ। ସନ୍ଧ୍ୟା ସୁଦ୍ଧା ତାଙ୍କୁ ଗାଁରେ ନ ପାଇ ସମସ୍ତେ ଖୋଜାଖୋଜି କରିଥିଲେ। ପରେ ପୋଖରୀ ନିକଟରେ ଥିବା ଏକ ଗଛରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଗ୍ରାମବାସୀ ଦେଖିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ପାଣ୍ଡ୍ରିପାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଖବର ପାଇ ମାଲକାନଗିରି ଥାନା ପୋଲିସ ଗୁରୁବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

# ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ:ଯବାନ ସମେତ ୨ ଆହତ


ମାଲକାନଗିରି,୨୫।୧୦ (ଡି.ଏନ୍.ଏ.)- କିଛିଦିନ ନୀରବତା ପରେ ସୀମାନ୍ତରେ ମାଓବାଦୀମାନେ ପୁଣି ଛତିଶଗଡର ଜଙ୍ଗରଗୁଡା ଓ ନାରସପୁରମ୍ ନିକଟରେ ଲାଣ୍ଡମାଇନ ବିସ୍ଫୋରଣ କରିଛନ୍ତି । ଫଳରେ ଏଥିରେ ଜଣେ ଯବାନ ଗୁରୁତର ହୋଇଛନ୍ତି । ଏହି ଅଞ୍ଚଳରେ ସିଆରପିଏଫ୍‌ର ୨୨୩ ବାଟାଲିୟନ ଯବାନ ମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଶକ୍ତିଶାଳୀ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ହେଲିକେପ୍ଟର ଯୋଗେ ଚିକିତ୍ସା ପାଇଁ ରାୟପୁର ନିଆଯାଇଛଇ। ସେହିପରି ଦନ୍ତେୱାଡା ଜିଲା ଅରନପୁର ଜଙ୍ଗଲରେ ମଧ ପୋଲିସକୁ ଟାର୍ଗେଟ କରି ଲଗାଯାଇଥିବା ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଆଦିବାସୀ ମହିଳା ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଯବାନମାନେ ଉଦ୍ଧାର କରି ଦନ୍ତେୱାଡା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେହିପରି ମାଓବାଦୀମାନେ ଆଗାମୀ ବିଧାନସଭା ନିର୍ବାଚନକୁ ବର୍ଜନ କରିବାକୁ ଆହ୍ୱାନ ଦେଇ ଦନ୍ତେୱାଡା ଜିଲା ବାଚେଲି ଅଞ୍ଚଳରେ ୬ଟି ଗାଡି ପୋଡି ଦେଇଛନ୍ତି।

- ଲାଲଗଡରେ ମାଓବାଦୀ ବିରୋଧୀ ପୋଷ୍ଟର

# ମାଥିଲିକୁ ମାଓବାଦୀଙ୍କଠାରୁ ମୁକ୍ତ କରିବୁ : ହିଂସା ମୁକ୍ତ ଅଭିଯାନ

ମାଥିଲି, ୨୫।୧୦ (ଡି.ଏନ.ଏ)

ଲାଲଗଡରେ ମାଓବାଦୀଙ୍କୁ ବିରୋଧ କରି ଲାଗିଛି ପୋଷ୍ଟର । ମାଲକାନଗିରି ଜିଲା ଛତିଶଗଡ ସୀମାନ୍ତକୁ ଲାଗି ରହିଥିବା ମାଥିଲି ବ୍ଲକ ଅନ୍ତର୍ଗତ ଦୁର୍ଗମ ମହୁପଦରଠାରୁ କମାରପାଲି ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱ ଗଛରେ ଗୁରୁବାର ମାଓବାଦୀ ବିରୋଧୀ ପୋଷ୍ଟର ଦେଖିବାକୁ ମିଳିଛି । ସମ୍ପୂର୍ଣ୍ଣ ହିଂସା ମୁକ୍ତ ଅଭିଯାନ ତରଫରୁ ଏହି ପୋଷ୍ଟର ଲଗାଯାଇଛି । ଗତ ୧୩ ତାରିଖ ବିଳମ୍ବିତ ରାତିରେ ମାଓବାଦୀମାନେ ମାଥିଲି ଥାନା ଅନ୍ତର୍ଗତ ସାଲିମି ପଞ୍ଚାୟତର ବାରୁବେଡା ଗ୍ରାମର ଅନନ୍ତ ଭୂମିଆଙ୍କୁ ଇନଫର୍ମର ସନ୍ଦେହରେ ହତ୍ୟା କରିଥିଲେ । ଏହାକୁ ସମ୍ପୂର୍ଣ୍ଣ ବିରୋଧ କରି ହିଂସାମୁକ୍ତ ଅଭିଯାନ ତରଫରୁ ଲାଲଗଡରେ ଏହି ପୋଷ୍ଟର ଲଗାଯାଇଛି । ଅନନ୍ତଙ୍କୁ ହତ୍ୟା କରିଥିବା ମାଓବାଦୀଙ୍କୁ ନ ଛାଡିବା ଏବଂ ଏହାର ବଦଲା ନେବାକୁ ଏଥିରେ ଦର୍ଶାଯାଇଛି । ମାଥିଲି ରେ ଶାନ୍ତି ପ୍ରତିଷ୍ଠା ପାଇଁ କାମ କରୁଥିବା ଅନନ୍ତଙ୍କୁ କେଉଁ ଅଧିକାରରେ ମାଓବାଦୀମାନେ ହତ୍ୟା କରିଛନ୍ତି ବୋଲି ପ୍ରଶ୍ନ ଉଠାଯାଇଛି । ମିଥ୍ୟାରେ ପୋଲିସ ଇନଫର୍ମର କହି ନିରୀହ ଆଦିବାସୀ ଯୁବକଙ୍କୁ ହତ୍ୟା କରି ମାଓବାଦୀମାନେ ଲୋକଙ୍କୁ ଭୟଭୀତ କରୁଛନ୍ତି । ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ । ମାଥିଲିକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରିବାକୁ ଏକତ୍ରିତ ହୋଇ ସ୍ୱର ଉତ୍ତୋଳନ କରିବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ ଅକ୍ଟୋବର ୨୩କୁ ମାଓବାଦୀ ବିରୋଧୀ ଦିବସ ଭାବେ ପାଳନ କରିବାକୁ ପୋଷ୍ଟର ମାଧମରେ ରାଜ୍ୟ ହିଂସା ମୁକ୍ତ ଓଡିଶା ଅଭିଯାନର ଆବାହକ ଭାରତ ଭୂଷଣ ଆହ୍ୱାନ ଦେଇଛନ୍ତି । ଅନ୍ୟପକ୍ଷରେଙ୍କୁ ଅନନ୍ତଙ୍କୁ ହତ୍ୟା କରିବାର ୨୪ ଘଣ୍ଟା ନ ପୂରୁଣୁ ପୁଣି ଉକ୍ତ ଅଞ୍ଚଳରେ ମାଓବାଦୀ ବିରୋଧୀ ପୋଷ୍ଟର ଲାଗିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି।



ମରାଯାଇଥିବା ପୋଷ୍ଟର ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ଫାଇନାନ୍ସ
Ashoka Finance ଋଣ ଧମାକା ସରକାରୀ ଯୋଜନା ଅଧୀନରେ ଋଣ ମାତ୍ର 1350/- ଟଙ୍କାରେ (1 ଲକ୍ଷ - 90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ, 60% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହଋଣ, ବ୍ୟବସାୟ ସବୁ ଋଣ 48 ଘଣ୍ଟାରେ ସରକାରୀ ବ୍ୟାଙ୍କରୁ (ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି)
7900883466
8743042068
310, GRAM-MOHAMMADAPUR, TEHSIL-GOGWA, DISTRICT-KHARGONE (M.P.) - 451335

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
LB-20, Brit Colony, Badagada, Bhubaneswar- 751018, Odisha
7750060109
7750060137
Email Id- ramcogroup283@gmail.com

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

M. GROUP FINANCE CO.
DIWALI OFFER (Govt. Approved)
• Personal Loan • Business Loan • Salary Slip Loan • Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Dhanlaxmi Financial Services (Govt Registered) (Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ। 2% ସୁଧ 40% ସରକାରୀ ସବ୍‌ସିଡି ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

FINANCE
ଭାରତ No. 1 ରେଜିଷ୍ଟର କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ, ହୋମ, ଜମି, ଏଜୁକେସନ୍, ବିଜନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥୀ ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର ।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1942ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

SMS JOB Send SMS, Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଆଜ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

ଲକ୍ଷ୍ମୀ ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ୍, ମାର୍କସିଟ୍, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆଜ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାମ କରି ନ ଥିବା ହିତାଧିକାରୀଙ୍କ ଜମାଖାତାକୁ ଯାଇଛି ଟଙ୍କା




ଜନଶୁଣାଣିରେ ମଞ୍ଚାସୀନ ଅତିଥି ।

**ଖଇରପୁଟ,୨୫।୧୦(ଡି.ଏନ୍.ଏ.)**

## ବ୍ଲକସ୍ତରୀୟ ଜନଶୁଣାଣି

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ଜିଏନ୍‌ଆରଇଜିଏସ୍‌ରେ ହିତାଧିକାରୀ କାମ କରି ମଜୁରି ନପାଇବା, କେତେକ ହିତାଧିକାରୀ କୌଣସି କାମ ନ କରି ତାଙ୍କ ଜମାଖାତାକୁ ଟଙ୍କା ପଠାଯିବା ନେଇ ଆଲୋଚନା ହୋଇଥିଲା। ବଡ଼ନୁରାଲ ପଞ୍ଚାୟତର ଅଙ୍ଗେଲଠାରୁ ସାନଡୁରାଲ ପର୍ଯ୍ୟନ୍ତ ରାସ୍ତା କାମ କରି ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ୬ ମାସର ମଜୁରି ଏଯାଏ ପାଇ ନ ଥିବା ଅଭିଯୋଗ ହୋଇଥିଲା। ସେହିପରି କଦମଗୁଡା ଗ୍ରାମର ଖୁରିଗୁଡା ଖେଳପଡିଆ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ମଧ୍ୟ ମଜୁରି ପାଇ ନ ଥିବା ଅଭିଯୋଗ ହୋଇଥିଲା। ପୋଡ଼ଘାଟ ଗ୍ରାମର ପୁଷପାଲିର ଲବ କରଲିଆ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କୂଅ ଖୋଳି ଦୀର୍ଘ ୬ ମାସ ହେଲା ମଜୁରି ପାଇ ନାହାନ୍ତି। ପରକାନମାଳା, କୁଡୁମୁଲୁଗୁମ୍ମା, ମାଡକାପଦର, ରାସବେଡା ଆଦି ପଞ୍ଚାୟତର ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଆଲୋଚନା ବେଳେ ଅଭିଯୋଗ ହୋଇଥିଲା। ପରକାନମାଳା ପଞ୍ଚାୟତରେ ଜଳ ବିଭାଜିକା ପ୍ରକଳ୍ପରେ ହୋଇଥିବା କାର୍ଯ୍ୟରେ କାମ କରି ନ ଥିବା କେତେକ ହିତାଧିକାରୀଙ୍କ ଜମା ଖାତାରେ ଟଙ୍କା ଜମା କରାଯାଇଛି । ସେହିପରି ମାଡକାପଦର, ରାସବେଡା ପଞ୍ଚାୟତରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଜନଶୁଣାଣି ବେଳେ ଏହାର ଅଧ୍ୟକ୍ଷ ତଥା ଜିଲା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ନଜର ଅଣାଯାଇଥିଲା। କାମ କରି ନ ଥିବା ହିତାଧିକାରୀଙ୍କୁ ଜମା ଟଙ୍କା ଫେରାଇବା ଲାଗି ତାଗିଦ କରିବା ସହ ଏନେଇ ପଦକ୍ଷେପ ନେବାକୁ ଜିଲା ପ୍ରକଳ୍ପ ପ୍ରଶାସନକ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷ ୨୦୧୭-୨୦୧୮ରେ ବ୍ଲକର ମୋଟ ଅନୁମୋଦିତ ପ୍ରକଳ୍ପ ସଂଖ୍ୟା ରହିଛି ୭୪୧। ଏଥିପାଇଁ ଅନୁଦାନ ଆସିଛି ୯୬.୪୧ ଲକ୍ଷ ଥିବା ବେଳେ ଖର୍ଚ୍ଚ ହୋଇଛି ୯୧.୫୮ ଲକ୍ଷ। କାମପାଇଁ ୧୦,୭୩୯ ଶ୍ରମିକ କାର୍ଡ ପ୍ରଦାନ କରାଯାଇଛି । ଜନଶୁଣାଣି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କୁମୁଦିନି କିର୍ଷାନୀ, ଏମ୍‌ପି ପ୍ରତିନିଧି ସାଧୁ ହନ୍ତାଳ, ବିଧାୟକ ପ୍ରତିନିଧି ବାଳକୃଷ୍ଣ ପ୍ରଧାନ, ସମିତି ସଭ୍ୟା ପଦ୍ମିନୀ ମୁଦୁଲିଙ୍କ ସମେତ ଏବିଡିଓ ଓ ସମସ୍ତ ସରପଞ୍ଚ ସମିତି ସଭ୍ୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଚିତ୍ରକୋଣ୍ଡାରେ ୫ ଶିଶୁଗୃହ ଉଦ୍‌ଘାଟିତ

**ଚିତ୍ରକୋଣ୍ଡା,୨୫।୧୦**

ଆନ୍ଧ୍ର-ଓଡିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଟନେଲକ୍ୟାମ ଓ ନୂଆଗୁଡା ପଞ୍ଚାୟତରେ ଜନସମାଜ ସ୍ୱାସ୍ଥ୍ୟ ସମ୍ବଳ (ପିଏଚଆରଏସ) ପକ୍ଷରୁ ୫ଟି ଶିଶୁ ଗୃହ ଉଦ୍‌ଘାଟିତ ହୋଇଯାଇଛି। ନୂଆଗୁଡା ପଞ୍ଚାୟତ ଆରଏସସି-୧୦, ଆରଏସସି-୧୧, ଆରଏସସି-୧୯, ଆରଏସସି-୧୩ ଏବଂ ଟନେଲକ୍ୟାମ ପଞ୍ଚାୟତର ଜାନିଗୁଡା ଗ୍ରାମରେ ଶିଶୁ ଗୃହ ଖୋଲାଯାଇଛି। ୭ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପଞ୍ଜିକରଣ, ଶିଶୁଙ୍କୁ ସୁଷମ ଖାଦ୍ୟ ପ୍ରଦାନ ଏବଂ ପୁଷ୍ଟିହୀନତା ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଦୈନିକ ଶିଶୁ ଖାଦ୍ୟ ବଣ୍ଟନ, ଚାର୍ଟ ମାଧ୍ୟମରେ ଖାଦ୍ୟ ପରିଚାଳନା ଓ ଶିଶୁ ଯତ୍ନ ଉପରେ କାମ କରିବା, ପ୍ରତେକ ଶିଶୁଗୃହ ପାଇଁ ୨ଜଣ ସହାୟିକାଙ୍କୁ ନିଯୁକ୍ତି କରାଯାଇ ଏହାକୁ ପରିଚାଳନା କରାଯାଉଛି। ଆଗାମୀ ଦିନରେ ଅନ୍ୟାନ୍ୟ ପଞ୍ଚାୟତରେ ଏପରି ପିଏଚଆରଏସ ପକ୍ଷରୁ ଶିଶୁ ଗୃହ ଖୋଲିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ଅଶୋକ ମହାରଣା,ରୋହିଣୀ ଡୁରୁକ ଓ ରାଜ କିଶୋର ପଟ୍ଟନାୟକ ପରିଚାଳନା କରିଥିଲେ।

# SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ପ୍ଲଟ୍ ନଂ.: ୭୬୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର,ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଶାଖା ଇ-ମେଲ: sbi.05174@sbi.co.in

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ ।**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୧.୧୧.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ।**
**ଇ-ନିଲାମ ତାରିଖ ଏବଂ ସମୟ: ତା.୨୭.୧୧.୨୦୧୮ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ୍ ଟ୍ରେଡିଂ କର୍ପୋରେଶନ, ଅଂଶୀଦାରମାନେ: **୧) ଶ୍ରୀ ରୋହିତ କୁମାର କାଣ୍ଡୋଇ,** ସା: ୩୧, ଗଣେଶ ଚନ୍ଦ୍ର ଆଭିନ୍ୟୁ, ରୁମ୍ ନଂ.: ୫ବି ଏବଂ ୫ସି, ୫ମ ମହଲା, କୋଲକାତା-୭୦୦୦୧୩, ପଶ୍ଚିମବଙ୍ଗ, **୨) ପ୍ରଦୀପ କୁମାର କାଣ୍ଡୋଇ,** ପ୍ଲଟ୍ ନଂ.: ୨୦, ଆର୍ଯ୍ୟ ବିହାର, ୟୁନିଟ୍-୯, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୪ | ଶ୍ରୀ ରୋହିତ କୁମାର କାଣ୍ଡୋଇଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: କର୍ଣ୍ଣିଲୋ, ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଖାତା ନଂ.: ୩୧୧/୭୬୨, ପ୍ଲଟ୍ ନଂ.: ୫୧୬, କ୍ଷେତ୍ର: ଏକର୦.୦୩୮.୫ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ରଭାକର ବେହେରା, ଉତ୍ତର: ରତନ କୁମାର ବେହେରା, ଦକ୍ଷିଣ: ରାସ୍ତା | ୦୭.୦୫.୨୦୧୮ ସୁଦ୍ଧା ଟ.୫୧,୮୬,୩୨୧.୩୫ + ୦୭.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୭.୦୫.୨୦୧୮ | ଟ.୧୭,୩୬,୦୦୦/- / ଟ. ୧,୭୩,୬୦୦/- / ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ବୁକସନ୍ ଏନର୍ଜି ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା,** ପ୍ଲଟ୍ ନଂ.: ୨୭, ୨ୟ ମହଲା, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୦ | ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳି ପତିଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: ମୁଣ୍ଡଳ, ଖାତା ନଂ.: ୪୨, ପ୍ଲଟ୍ ନଂ.: ୭୬୮, କ୍ଷେତ୍ର: ଏକର୦.୨୬୪ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଖାଲି ଥିବା ଜମି, ରେଭିନ୍ୟୁ ପ୍ଲଟ୍ ନଂ.: ୭୬୮ ଏବଂ ୭୭୦, ପଶ୍ଚିମ: ଖାଲି ଥିବା ଜମି, ରେଭିନ୍ୟୁ ପ୍ଲଟ୍ ନଂ.: ୭୫୧ ଏବଂ ୭୫୨, ଉତ୍ତର: ଖାଲି ଥିବା ଜମି, ରେଭିନ୍ୟୁ ପ୍ଲଟ୍ ନଂ.: ୭୫୪, ଦକ୍ଷିଣ: ଖାଲି ଥିବା ଜମି, ରେଭିନ୍ୟୁ ପ୍ଲଟ୍ ନଂ.: ୭୬୮ | ୦୭.୦୫.୨୦୧୮ ସୁଦ୍ଧା ଟ.୪୦,୬୩,୩୦୯.୩୦ + ୦୭.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୭.୦୫.୨୦୧୮ | ଟ.୨୬,୧୪,୦୦୦/- / ଟ.୨,୬୧,୪୦୦/- / ଟ.୧୦,୦୦୦/- |
| ୩. | ଋଣଗ୍ରହୀତା: **ଶ୍ରୀ ଭାଗ୍ୟଧର ସାହୁ,** ପ୍ଲଟ୍ ନଂ.: ଏନ୍-୬/୨୩୦, ଅଶୋକ ଚାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବିକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରୀ, ସଂଶୋଧିତ ମ୍ୟୁଟେସନ୍ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ୧୧.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୧୧.୦୫.୨୦୧୮ | ଟ.୩୨,୪୬,୦୦୦/- / ଟ.୩,୨୪,୬୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୧୯.୧୧.୨୦୧୮ ପୂର୍ବାହ୍ନ ୧୧.୦୦ ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ :**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ "ଅନ୍-ଲାଇନ" ମାଧ୍ୟମରେ ସମ୍ପନ୍ନ ହେବ । ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procurement Technologies Limited, Ahmedabad** ର ୱେବସାଇଟ୍ **https://sbi.auctiontiger.net** ମାଧ୍ୟମରେ ତା.୨୭.୧୧.୨୦୧୮ରିଖରେ ସମ୍ପନ୍ନ ହେବ । ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନଲାଇନ୍ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ୍ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net**ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ଏନକମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ / ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନକମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **NEFT/RTGS** ମାଧ୍ୟମରେ **Account No.: 30795489310, Name of the A/C.: SARC Bhubaneswar Recovery Account, Name of the Beneficiary: State Bank of India, IFSC Code No.: SBIN0060430** କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କ/ସିଡ୍ୟୁଲଡ ବ୍ୟାଙ୍କରୁ ଡ୍ର କରି **"Authorised Officer, State Bank of India, SARB Bhubaneswar"** ଙ୍କ ସପକ୍ଷରେ **ଭୁବନେଶ୍ୱରକୁ** ଦେୟ ଦର୍ଶାଇ ପୈଠ କରିବେ ।

୪) ନିଲାମଧାରୀମାନେ ସଠିକ୍ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇ-ମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇ-ମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma-08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806, Toll Free No.: 18001035342, Email ID: orissa@auctiontiger.net, ramprasad@auctiontiger.net & Support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର (**KYC**), ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପ୍ୟାନ୍ କାର୍ଡ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ (ମୋବାଇଲ/ଲ୍ୟାଣ୍ଡ ଲାଇନ୍ ନମ୍ବର) ଇତ୍ୟାଦିର ନକଲ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଠାରେ **ତା.୨୧.୧୧.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା** ସୁଦ୍ଧା ପହଁଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇ-ମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପ୍ୟାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ସମ୍ପତ୍ତି ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ **ସିଟି କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ମୋ.: ୭୫୦୬୨୪୫୩୩୯** ରେ ଯୋଗାଯୋଗ କରିପାରିବେ ।

୮) ସମ୍ପତ୍ତିଗୁଡ଼ିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ସ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କୀୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/s. e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ । ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବ।

୧୧) ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଜିଏସ୍‌ଟି, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।


**୧୫) ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଅନୁସାରେ ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ନିମନ୍ତେ ଏହା ଏକ ୩୦ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

୧୬) ସଫଳ ନିଲାମଧାରୀ/କ୍ରେତା ଆୟକର ଆକ୍ଟ ୧୯୬୧ର ଧାରା 194 IA ଅନୁଯାୟୀ ଯେଉଁଠାରେ ବିଡ୍ ରାଶି **୫୦,୦୦,୦୦୦/-** ଟଙ୍କାରୁ ଅଧିକ ଥିବ ସେହି କ୍ଷେତ୍ରରେ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ 26 QB ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୭) ସମସ୍ତ ସମ୍ପତ୍ତିଗୁଡିକ ବ୍ୟାଙ୍କର **ସାଙ୍କେତିକ ଦଖଲରେ** ଅଛି ।

**ସ୍ଥାନ : ଭୁବନେଶ୍ୱର, ତାରିଖ : ୨୫.୧୦.୨୦୧୮** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ସହ
ସମସ୍ତଙ୍କ ପାଖରେ ଉପଲବ୍ଧ କରିବା ନିମନ୍ତେ
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ
ଓଡିଆ ଭର୍ଚ୍ଚୁଆଲ୍ ଏକାଡେମୀର
ନୂତନ ୱେବ୍ ପୋର୍ଟାଲ୍ (www.ova.gov.in)ର
ଶୁଭ ଉନ୍ମୋଚନ
ସି-ଡାକ୍, ୟୁଟିକାଗୋ ଏବଂ
ସେଣ୍ଟର ଫର୍ ଇଣ୍ଟରନେଟ୍ ସୋସାଇଟି ସହ
ଓଡିଆ ଭର୍ଚ୍ଚୁଆଲ୍ ଏକାଡେମୀର ବୁଝାମଣାପତ୍ର ସ୍ୱାକ୍ଷର ।



ସ୍ଥାନ: ସଚିବାଳୟ ସମ୍ମିଳନୀ କକ୍ଷ, ତୃତୀୟ ମହଲା, ଭୁବନେଶ୍ୱର, ତା.୨୬.୧୦.୨୦୧୮ ରିଖ, ସମୟ ଦିବା ଘ. ୧୧.୪୫ମି.

ଓଡିଆ ଭର୍ଚ୍ଚୁଆଲ୍ ଏକାଡେମୀ
ପଞ୍ଜୀକରଣ ସଂଖ୍ୟା :୨୭/୧୮୨୦୧୮୦୦୦୧୭-୨୦୧୮-୧୯
www.ova.gov.in
ଇ-ମେଲ୍ : contact-ova@gov.in

ଓଡିଆ ଭର୍ଚ୍ଚୁଆଲ୍ ଏକାଡେମୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡିଶା ସରକାର, ଭୁବନେଶ୍ୱର

DSPL-212
16001/13/0002/1819

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୨୬ ଅକ୍ଟୋବର, ୨୦୧୮



ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ



# ମଣ୍ଡପେ ମଣ୍ଡପେ ଶୋଭିତା ମା' ଧନଦାତ୍ରୀ



କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ଛକ



ଭାଣ୍ଡିସାହି



ପୋଲିସ କଲୋନୀ



ବିଶ୍ୱାମିତ୍ର ନଗର




ଦାମନଯୋଡ଼ିସ୍ଥିତ ସେକ୍ଟର-୩



ଦାମନଯୋଡ଼ିସ୍ଥିତ ସେକ୍ଟର-୨



ଜୟପୁର ରାଜମହଲ



କୋଲାବନଗର



ବୈପାରୀଗୁଡ଼ା

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଅପହରଣ ନେଇ ସ୍ୱାମୀଙ୍କ ଏତଲା

ଜୟପୁର,୨୫।୧୦(ନି.ପ୍ର.): ଜୟପୁର ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ କରାଯାଇଥିବା ତାଙ୍କ ସ୍ୱାମୀ ସଦର ଥାନାରେ ଅଭିଯୋଗ କରିଛନ୍ତି। ପାତ୍ରପୁଟରେ ରହୁଥିବା ପ୍ରଶାନ୍ତ ପାଢ଼ୀଙ୍କ ସ୍ତ୍ରୀ ରଶ୍ମିତାଙ୍କ ୨୪ ତାରିଖରୁ କୌଣସି ଖବର ନଥିଲା। ଖୋଜାଖୋଜି କରିବା ପରେ ସ୍ତ୍ରୀ ରଶ୍ମିତାଙ୍କୁ ତାଙ୍କ ପ୍ରେମିକ ସ୍ଥାନୀୟ ପାୱାର ହାଉସ ଏରିଆର ଦୁଃଖୀଶ୍ୟାମ ସାହୁ ଅପହରଣ କରିଥିବା ପ୍ରଶାନ୍ତ ଜାଣିବାକୁ ପାଇଥିଲେ। ଏହାପରେ ସେ ଜୟପୁର ସଦର ଥାନାରେ ଏତଲା ଦେଇଥିଲେ। ସାଥୀରେ ସୁନା, ଟଙ୍କା ଓ ଦୁଇଟି ଛୁଆଙ୍କୁ ମଧ ଅପହର୍ତ୍ତା ନେଇଥିବା ଅଭିଯୋଗ ହୋଇଛି।

### ୧୦ରେ କୋରାପୁଟ ପରବ

କୋରାପୁଟ,୨୫।୧୦(ସ୍ୱ.ପ୍ର.): ନଭେମ୍ବର ୧୦ ତାରିଖରେ କୋରାପୁଟ ବ୍ଲକରେ ପରବ-୨୦୧୮ ପାଳନ ପାଇଁ ଗୁରୁବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। କୋରାପୁଟ ବିଡିଓ ନରେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧକ୍ଷା ନମିତା ମାଝି, ବିଧାୟକଙ୍କ ପ୍ରତିନିଧି ବାବୁଲା ବେହିଆ, ଜିଲା ପରିଷଦ ସଭ୍ୟ ପାର୍ବତି ମନ୍ତ୍ରି, ପୂର୍ଣ୍ଣିମା ନାୟକଙ୍କ ସମେତ ସମସ୍ତ ବ୍ଲକର କର୍ମଚାରୀ, ପିଇଓ, ସରପଞ୍ଚ, ଜିଆରଏସ୍‌ମାନେ ଯୋଗଦେଇ ବ୍ଲକସ୍ତରୀୟ ପରବକୁ ସଫଳ କରିବାକୁ ଶପଥ ନେଇଥିଲେ। ବ୍ଲକସ୍ତରୀୟ ପରବ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କରିବାକୁ ନିଷ୍ପତ୍ତି ହୋଇଥିଲା।

### ୨୯ ଜୁଆଡ଼ି ଗିରଫ

ଜୟପୁର,୨୫।୧୦(ଡି.ଏନ୍.ଏ./ନି.ପ୍ର.): ବୁଧବାର ରାତିରେ ଜୁଆଖେଳ ଚାଲିଥିବା ବେଳେ ଟାଉନଥାନା ପୋଲିସ ଜୟପୁର ଅଞ୍ଚଳର ୪ଟି ସ୍ଥାନରେ ଚଢ଼ାଉ କରି ୨୯ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୭୧ ହଜାର ୨୫୦ ଟଙ୍କା ଜବତ ହୋଇଛି। ଏନେଇ ୪ଟି ପୃଥକ ମାମଲା ରୁଜୁ ହେବା ସହ ୪୧ ସିଆରପିସି ନୋଟିସ କରାଯାଇ ଅଭିଯୁକ୍ତମାନଙ୍କୁ ଥାନାରୁ ଗୁରୁବାର ଛଡ଼ାଯାଇଛି। ସୁନାରୀ ସାହିରୁ ୮,୨୮୦ ଟଙ୍କା ଏବଂ ୪ଟି ମୋବାଇଲ ଜବତ କରାଯାଇଥିବା ବେଳେ ୭ ଜୁଆଡ଼ି ଗିରଫ ହୋଇଛନ୍ତି। ସୌରାସାହିରେ ୬ ଜୁଆଡ଼ି, ୭,୯୧୦ ଟଙ୍କା ଓ ୪ଟି ମୋବାଇଲ, ରାଜାନହର ଛକରେ ୭ ଜୁଆଡ଼ି, ୪୪ ହଜାର ୫ ଶହ ଟଙ୍କା ଓ ୪ଟି ମୋବାଇଲ, କଣ୍ଡରା ସାହିରେ ୧୦ ହଜାର ୫୬୦ ଟଙ୍କା ଓ ୭ଟି ମୋବାଇଲ ଜବତ ହୋଇଥିବା ବେଳେ ୯ ଜୁଆଡ଼ି ଗିରଫ ହୋଇଛନ୍ତି।

## ଜିଲାରେ ଗଢ଼ାଯିବ ୨୪୦ ସାଂସ୍କୃତିକ କ୍ଲବ୍

କୋରାପୁଟ,୨୫।୧୦(ସ୍ୱ.ପ୍ର.)



କାଉନ୍‌ସିଲ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

କୋରାପୁଟ ଜିଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ଏକ ଜରୁରୀ ବୈଠକ ଗୁରୁବାର ଅପରାହ୍ନରେ ସ୍ଥାନୀୟ ଡିଆରଡିଏ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲାର ୨୪୦ଟି ପଞ୍ଚାୟତରେ ୧୨ କୋଟି ଟଙ୍କା ବ୍ୟୟରେ ସାଂସ୍କୃତିକ କ୍ଲବ ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ୧୦ଟି ହାଟର ଉନ୍ନତି ପାଇଁ ଏପରିକି ୨ କୋଟି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। କୋରାପୁଟ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ କମଲୁ ଜାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଉପଜିଲାପାଳ ଲଳିତ କୁମାର କଅଁର, କୋରାପୁଟ ପିଏ ଆଇଟିଡିଏ ଡ. ମନୋରଞ୍ଜନ ନାୟକ, ମାଳତି ମାଝିଙ୍କ ସମେତ ଜିଲା ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏଥିରେ ଜିଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲା ସ୍ୱତନ୍ତ୍ର ଉନ୍ନୟନ କାଉନସିଲ ପାଣ୍ଠିରୁ ୧୨ କୋଟି ଟଙ୍କା ବ୍ୟୟରେ ବନ୍ଧୁଗାଁ ବ୍ଲକରେ ୧୩, ବୈପାରିଗୁଡ଼ାରେ ୨୦, ବୋରିଗୁମ୍ମାରେ ୩୧, ଜୟପୁରରେ ୨୨, କୋରାପୁଟରେ ୧୪, କୋଟପାଡ଼ରେ ୧୭, କୁନ୍ଦୁରାରେ ୧୫, ଲମତାପୁଟରେ ୧୫, ଲକ୍ଷ୍ମୀପୁରରେ ୧୩, ନନ୍ଦପୁରରେ ୨୩, ନାରାୟଣପାଟଣାରେ ୯, ପଟ୍ଟାଙ୍ଗିରେ ୧୪, ସେମିଳିଗୁଡ଼ାରେ ୧୭ଟି ସାଂସ୍କୃତିକ କ୍ଲବ ଗଠନ କରାଯିବ। ଏଥିପାଇଁ ୧୦୪ ଏକର ଜମି ବିଭିନ୍ନ ଅଞ୍ଚଳର ତହସିଲଦାରଙ୍କ ଦ୍ୱାରା ଚିହ୍ନଟ ହୋଇଛି। କୋରାପୁଟ ଆଇଟିଡିଏ ଅଧୀନରେ ଥିବା ୬ଟି ହାଟର ଉନ୍ନତି ପାଇଁ ୧୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଥିବାବେଳେ ଜୟପୁର ଆଇଟିଡିଏ ଅଧୀନସ୍ଥ ୪ଟି ହାଟ ପାଇଁ ୮୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ଟେଣ୍ଡର କାର୍ଯ୍ୟ ଆରମ୍ଭ ହୋଇଛି। ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କାଉନସିଲ ପାଣ୍ଠିରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

**ସ୍ୱତନ୍ତ୍ର ଉନ୍ନୟନ କାଉନସିଲ ବୈଠକ**

- କ୍ଲବ ପାଇଁ ଖର୍ଚ୍ଚ ହେବ ୧୨ କୋଟି ଟଙ୍କା।
- ୧୦ ହାଟର ଉନ୍ନତି ପାଇଁ ଖର୍ଚ୍ଚହେବ ୨ କୋଟି ୧୦ ଲକ୍ଷ

## କୋଲାବନଗରରେ ଗଜଲକ୍ଷ୍ମୀ ପୂଜା


କୋଲାବନଗର, ୨୫।୧୦(ଡି.ଏନ୍.ଏ.)

କୋରାପୁଟ ସଦର ବ୍ଲକ୍ ଅନ୍ତର୍ଗତ କୋଲାବନଗରରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ବୁଧବାର କଳସ ଶୋଭାଯାତ୍ରା ପରେ ଏହି ପୂଜାର ଶୁଭାରମ୍ଭ ହୋଇଛି। ଏହା ୫ ଦିନ ଧରି ଚାଲିବ। ଲକ୍ଷ୍ମୀପୂଜା କମିଟି କୋଷାଧ୍ୟକ୍ଷ ଭଗବାନ ପ୍ରଧାନ ଓ କମିଟି ସଭାପତି ଯୋଗେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ପୂଜା ମଣ୍ଡପ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ ହୋଇଛି। କଟକ ଜିଲାରୁ କର୍ମକାଣ୍ଡ ବ୍ରାହ୍ମଣ ପୂଜା କାର୍ଯ୍ୟ କରୁଛନ୍ତି।

## ବ୍ଲକ୍‌ସ୍ତରୀୟ ପରବ ପାଇଁ ପ୍ରସ୍ତୁତି

କୁନ୍ଦୁରା,୨୫।୧୦(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ବୈଠକ ଗୃହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜାଙ୍କ ଅଧ୍ୟକ୍ଷତାରେ ବ୍ଲକ୍‌ସ୍ତରୀୟ ପରବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କୁନ୍ଦୁରାରେ ବ୍ଲକ୍‌ସ୍ତରୀୟ ପରବ ନଭେମ୍ବର ୯ରେ ଅନୁଷ୍ଠିତ ହେବ। ଚଳିତ ମାସ ୨୮ ତାରିଖ ପଟ୍ଟାଙ୍ଗି ବ୍ଲକ୍ କୋଟିଆରୁ ଜିଲାସ୍ତରୀୟ ପରବର ଉଦ୍‌ଘାଟନ ହେବାକୁ ଥିବାବେଳେ ଏଥିରେ କୁନ୍ଦୁରା ବ୍ଲକ୍‌ର ପ୍ରଶାସନିକ ଅଧିକାରୀଙ୍କ ସମେତ ଲୋକ ପ୍ରତିନିଧି ମଧ ଯୋଗଦେବେ। ଉଦ୍‌ଘାଟନୀ ସ୍ଥଳରୁ ବ୍ଲକ୍‌ସ୍ତରୀୟ ପରବ ପାଇଁ ମଶାଲ ଆସିବା ପରେ କୁନ୍ଦୁରା ସ୍ଥିତ ବୁଢ଼ୀ ଠାକୁରାଣୀ ମନ୍ଦିରରେ ରଖାଯିବ। ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିଭଳି ୯ ତାରିଖ ବିଭିନ୍ନ ପଞ୍ଚାୟତରୁ ପଟୁଆର ପହଞ୍ଚିବ। ଏଥିରେ କଂଗ୍ରେସ ବ୍ଲକ୍ ସଭାପତି ତ୍ରିପତି ଗୁରୁ, ସଞ୍ଜୟ ସାହୁ, ଆଇଆଇସି ଭବାନୀ ମୁଦୁଲି, ଏବିଡିଓ ମାଧୁରୀ ଆଚାର୍ଯ୍ୟ, ବିଜେଡି ବ୍ଲକ୍ ସଭାପତି ସଞ୍ଜୟ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେବେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀମାନେ।

## ୪୯ ଲକ୍ଷ ଆତ୍ମସାତ୍ କରିଛନ୍ତି ପିଇଓ: ତଦନ୍ତ ଆରମ୍ଭ କଲା ଭିଜିଲାନ୍ସ ଟିମ୍

ଜୟପୁର,୨୫।୧୦(ଡି.ଏନ୍.ଏ.)

ଜୟପୁର ବ୍ଲକ କାଳିଆଗାଁ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ଦର୍ଶନ ଖରା ୨୦୧୬-୧୭ରେ ଚତୁର୍ଦ୍ଦଶ ଅର୍ଥ ଆୟୋଗର ୪୯ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ସେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଫେରାର ରହିଛନ୍ତି। ଗୁରୁବାର ଭିଜିଲାନ୍ସ ବିଭାଗ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଏନେଇ ଦୁଇଜଣିଆ ତଦନ୍ତକାରୀ ଅଧିକାରୀ ଜୟପୁର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭାଗ ପକ୍ଷରୁ କ'ଣ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ । ଗ୍ରାମପଞ୍ଚାୟତ ଅଧିକାରୀଙ୍କୁ ବିଭିନ୍ନ କାଗଜପତ୍ର ଓ ଅନ୍ୟ ବିଷୟରେ ପଚାରଉଚରା କରାଯାଇଥିଲା। ୨୦୧୬ ଅଗଷ୍ଟ ୧୧ରୁ ୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ବିଭିନ୍ନ ଉନ୍ନତିମୂଳକ ଓ ଅନ୍ୟ କାର୍ଯ୍ୟ ପାଇଁ ୪୯ ଲକ୍ଷ ଟଙ୍କା ବ୍ୟାଙ୍କରୁ ଉଠାଯାଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ଜାଲ ଦସ୍ତଖତ କରାଯାଇଥିଲା। ଉକ୍ତ ଟଙ୍କା ଖର୍ଚ୍ଚ ବାବଦକୁ ବ୍ଲକ ଅଧିକାରୀ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ ଆବଶ୍ୟକ ନଥିପତ୍ର ନଥିବା ଯୋଗୁଁ ଉକ୍ତ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ଅଭିଯୁକ୍ତ ପିଇଓ ସ୍ୱୀକାର କରିଥିଲେ। ଏହାପରେ ବିଡିଓ ସଦରଥାନାରେ ଏତଲା କରିଥିଲେ। ପୋଲିସ ଏହାର ତଦନ୍ତ କରି ଗିରଫ କରିବା ପୂର୍ବରୁ ଅଭିଯୁକ୍ତ ପିଇଓ ଫେରାର ହୋଇଯାଇଥିଲେ।

## ପରବରେ ସ୍ଥାନୀୟ ପ୍ରତିଭାଙ୍କ ସମ୍ପୃକ୍ତି ଉପରେ ଗୁରୁତ୍ୱ

ଲକ୍ଷ୍ମୀପୁର, ୨୫।୧୦

ଲକ୍ଷ୍ମୀପୁର ବ୍ଲକ ଏସ୍‌ଏଚ୍‌ଜି କକ୍ଷରେ ପାରମ୍ପରିକ ଲୋକ ମହୋତ୍ସବ ପରବ ପାଇଁ ବିଡିଓ ବେଣୁଧର ଶବରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗ୍ରି ଯୋଗ ଦେଇଥିଲେ। ଆସନ୍ତା ୨୮ରୁ କୋଟିଆରୁ ପରବର ଶୁଭାରମ୍ଭ ହେବ। ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ନଭେମ୍ବର ୧୦ରେ ହେବାକୁ ଥିବା ବ୍ଲକସ୍ତରୀୟ ପରବରେ ବିଭିନ୍ନ ପଞ୍ଚାୟତରୁ ପ୍ରତିଭାମାନେ ଅଂଶଗ୍ରହଣ କରିବା ନେଇ ସରପଞ୍ଚ ଓ ପିଇଓ ଦୃଷ୍ଟି ଦେବାକୁ କୁହାଯାଇଥିଲା। ସମାଜ ମଙ୍ଗଳ ଅଧିକାରୀ କାର୍ତ୍ତିକ ପାଢ଼ୀ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ରଞ୍ଜନ ମାନସେଠ, ଏସ୍‌ଡିପିଓ ତପନ ନାରାୟଣ ରଥ, ଏବିଇଓ ଦଇତାରି ଦାସ ଉପସ୍ଥିତ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ଅଭିଯୋଗ

କୋରାପୁଟ,୨୫।୧୦(ସ୍ୱ.ପ୍ର.)



ଜନଶୁଣାଣି ଶିବିରରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀମାନେ।

କୋରାପୁଟରେ ଗୁରୁବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ନେଇ ଜନଶୁଣାଣୀ ଶିବିର ହୋଇଛି। ବ୍ଲକ ଅଞ୍ଚଳରେ ଚାଲିଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅନିୟମିତତା ନେଇ ଅଭିଯୋଗ ଆସିଛି।

କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଲଳିତ କୁମାର କଅଁର, ବିଡିଓ ନରେନ୍ଦ୍ର ନାୟକ, ବିଧାୟକ ପ୍ରତିନିଧି ବାବୁଲା ବେହିଆ, ଜିଲା ପରିଷଦ ସଭ୍ୟ ପାର୍ବତୀ ମନ୍ତ୍ରି, ସୋସିଆଲ ଅଡିଟର ନବୀନ ଖରା, ଏବିଡିଓ ଉପସ୍ଥିତ ଥିଲେ। ବୈଠକରେ ବ୍ଲକରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଥିବା ବହୁ ଗ୍ରାମବାସୀ ଅଭିଯୋଗ କରିଥିଲେ । କୁଲି କାମ କଲେ ମଧ ପାରିଶ୍ରମିକ ଠିକ୍ ଭାବେ ମିଳୁ ନ ଥିବା କେନ୍ଦାର ପଞ୍ଚାୟତର କୃଷ୍ଣ ଜାନିଙ୍କ ସମେତ ବହୁ ହିତାଧିକାରୀ ପ୍ରକାଶ କରିଥିଲେ । ଜମାଖାତାରେ କେତେ ଟଙ୍କା ଚଢୁଛି, ତାହା ଶ୍ରମିକମାନେ ଜାଣିପାରୁ ନ ଥିବା କହିଥିଲେ। ସେହିପରି ଗ୍ରାମ ରୋଜଗାର ସହାୟକମାନେ ବହୁ ସମୟରେ ହିତାଧିକାରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଅର୍ଥ ମାଗୁଥିବା ଅଭିଯୋଗ ହୋଇଥିଲା। ସେମାନଙ୍କ ଅବହେଳା ଯୋଗୁଁ ଶ୍ରମିକମାନେ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଥିବା କେନ୍ଦାର ପଞ୍ଚାୟତର ତିଲୋକ ଜାନି ଅଭିଯୋଗ କରିଥିଲେ । ବିଭିନ୍ନ ଅଭିଯୋଗର ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**


# ହୀରା ବ୍ୟବସାୟୀ ଢୋଲକିଆଙ୍କ ଦୀପାବଳି ଭେଟି


## ୬୦୦ କର୍ମଚାରୀଙ୍କୁ କାର, ୯୦୦ ଜଣ ପାଇବେ ଏଫ୍‌ଡି

ନୂଆଦିଲ୍ଲୀ, ୨୫।୧୦

ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁରଟ୍‌ର ହୀରା ବ୍ୟବସାୟୀ ସାବ୍‌ଜୀ ଢୋଲକିଆ ଦୀପାବଳିରେ ନିଜ କମ୍ପାନୀର କର୍ମଚାରୀଙ୍କୁ ଦାମିକା ଉପହାର ଦେବାକୁ ଯାଉଛନ୍ତି। ଚଳିତ ବର୍ଷ ସେ ୬୦୦ ଜଣ କର୍ମଚାରୀଙ୍କୁ କାର୍ ଉପହାର ଦେବେ। ଏଥିସହିତ ଅନ୍ୟ ୯୦୦ କର୍ମଚାରୀଙ୍କୁ ଅର୍ଥ ବାବଦରେ ଏଫ୍‌ଡି ଦେବେ।

ହରିକ୍ରିଷ୍ଣା ଏକ୍ସପୋର୍ଟ୍ସ ଅଧ୍ୟକ୍ଷ ଢୋଲକିଆ ଚଳିତ ବର୍ଷ ଦୀପାବଳି ଅବସରରେ ୧୫୦୦ କର୍ମଚାରୀଙ୍କୁ ଉପହାର ଦେବାକୁ ଯାଉଛନ୍ତି। ସୁରଟ୍‌ରେ ଡାଏମଣ୍ଡ କିଙ୍ଗ୍ ନାମରେ ପରିଚିତ ସାବ୍‌ଜୀ ପ୍ରତିବର୍ଷ ବୋନସ୍ ଆକାରରେ ମହଙ୍ଗା ଉପହାର ଦେଇ ଆସୁଛନ୍ତି। ଗୁରୁବାର ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଢ଼ୋଲକିଆଙ୍କ ୪ ଜଣ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ ଚାବି ହସ୍ତାନ୍ତର କରିଥିଲେ। ସେମାନଙ୍କ ମଧ୍ୟରେ ୨୨ ବର୍ଷୀୟା ଦିବ୍ୟାଙ୍ଗ ମହିଳା ରହିଛନ୍ତି। ଅବଶିଷ୍ଟ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ବୋଧନ ଦେବା ସହ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଚଳିତ ବର୍ଷ ଲୟାଲିଟି ପ୍ରୋଗ୍ରାମ ଅଧୀନରେ ୧୫୦୦ କର୍ମଚାରୀଙ୍କୁ ବଛାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୦୦ ଜଣ କାର୍ ଓ ୯୦୦ ଜଣ ଏଫ୍‌ଡି ନେବାକୁ ଚାହିଁଥିଲେ। କମ୍ପାନୀ ଚଳିତ ବର୍ଷ ବୋନସ ବାବଦରେ ୫୦ କୋଟି ଟଙ୍କା ବ୍ୟୟ କରିଛି। ସୂଚନାଥାଉ କି, ୨୦୧୧ରେ କମ୍ପାନୀ ଲୟାଲିଟି ପ୍ରୋଗ୍ରାମ ଆରମ୍ଭ କରିଥିଲା। ଏହି ଯୋଜନା ଅଧୀନରେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି। କିଛି ଦିନ ପୂର୍ବେ ଢ଼ୋଲକିଆ କମ୍ପାନୀର ୨୫ ବର୍ଷ ପୂର୍ତ୍ତି ଅବସରରେ ୩ ଜଣ ମ୍ୟାନେଜରଙ୍କୁ ମର୍ସିଡିଜ ବେଞ୍ଜ ଉପହାର ଦେଇଥିଲେ। ସାବ୍‌ଜୀ ଭାଇଙ୍କ ମତରେ ପରିଶ୍ରମ କରୁଥିବା କର୍ମଚାରୀମାନେ ଏହା ପାଇବାକୁ ହକ୍‌ଦାର।





# ଲୋକାୟୁକ୍ତ ଗଠନ, ନିଯୁକ୍ତିରେ ଚଞ୍ଚକତା କରୁଛନ୍ତି ରାଜ୍ୟ ସରକାର

## କଂଗ୍ରେସ ଆଣିଲା ଅଭିଯୋଗ

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)



ଓଡ଼ିଶାରେ ଲୋକାୟୁକ୍ତ ଗଠନ ଓ ନିଯୁକ୍ତିରେ ବିଳମ୍ବ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଦାୟୀ କରିଛି କଂଗ୍ରେସ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ର ଅଯଥା ହସ୍ତକ୍ଷେପ ଲୋକାୟୁକ୍ତ ନିଯୁକ୍ତିର ମୂଳ କାରଣ ବୋଲି କହିଛନ୍ତି ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ।

ସ୍ଥାନୀୟ କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସତ୍ୟ ପ୍ରକାଶ ଏ ସମ୍ପର୍କିତ ତଥ୍ୟ ଏବଂ ବିଧାନସଭା ଉତ୍ତର ପ୍ରଦର୍ଶନ କରିଛନ୍ତି। ସଂଖ୍ୟାଧିକ ଘଟଣାରେ ବିଜେଡି ସରକାରର ଭାବମୂର୍ତ୍ତି ମଳିନ ହୋଇଛି। ଲୋକାୟୁକ୍ତ ନିଯୁକ୍ତି ପରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଦୁର୍ନୀତି ଉପରୁ ପରଦା ହଟିବାର ସମ୍ଭାବନା ରହିଛି। ତେଣୁ ଏହାର ଗଠନ ଓ ନିଯୁକ୍ତିରେ ଜାଣିଶୁଣି ବିଳମ୍ବ କରାଯାଉଛି। ସୁପ୍ରିମକୋର୍ଟ ନିଯୁକ୍ତି ଏବଂ ଗଠନ ସମ୍ପର୍କରେ ଦେଇଥିବା ନିର୍ଦ୍ଦେଶ ରାଜ୍ୟ ପ୍ରଶାସନକୁ ଶକ୍ତ ଚାପୁଡ଼ା ବୋଲି ସତ୍ୟପ୍ରକାଶ କହିଛନ୍ତି।

ସେହିପରି ୨୦୧୪ ନିର୍ବାଚନ ପୂର୍ବରୁ ନିଜ ଭାବମୂର୍ତ୍ତିକୁ ସଜାଡିବା ପାଇଁ ୫ ଫେବୃୟାରୀ, ୨୦୧୪ରେ ନବୀନ ବାବୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଲୋକାୟୁକ୍ତ ଗଠନ ପାଇଁ ଏକ ନୂତନ ଅଧିନିୟମ ପ୍ରଣୟନ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କଲେ। ତା'ପରେ ଓଡ଼ିଶା ଲୋକାୟୁକ୍ତ ବିଲ୍-୨୦୧୪କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଗଲା। ୧୬ ଜାନୁୟାରୀ ୨୦୧୫ରେ ରାଷ୍ଟ୍ରପତି ଏହି ବିଲ୍‌କୁ ଅନୁମୋଦନ କଲେ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ଚେଷ୍ଟା କରି ନ ଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଲୋକାୟୁକ୍ତ ଅଧିନିୟମ ପ୍ରକାଶ ସକାଶେ ବିଧି ବିଭାଗକୁ ଫାଇଲ ନ ପଠାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜିଏ ବିଭାଗରୁ ସମ୍ପୃକ୍ତ ଫାଇଲକୁ ମଗାଇ ନେଲେ। ୨୦୧୫ ଜାନୁୟାରୀରୁ ମେ' ୨୦୧୮ ପର୍ଯ୍ୟନ୍ତ ଏହି ଫାଇଲ ସିଏମ୍‌ଓରେ ପଡି ରହିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

ଆଗକୁ ସାଧାରଣ ନିର୍ବାଚନ ହେବାର ଅଛି। ଏତଦ୍ ବ୍ୟତୀତ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍‌କୁ ଦେଖି ତରବରିଆ ଭାବେ ୨୩ ଜୁନ୍, ୨୦୧୮ରେ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ତାକୁ ଗେଜେଟ୍ ଆକାରରେ ପ୍ରକାଶ କରାଗଲା। ତତ୍‌ସହିତ ୭ ଜୁଲାଇ, ୨୦୧୮ରୁ ଏହା କାର୍ଯ୍ୟକାରୀ ହେଲା ବୋଲି କୁହାଗଲା। ଲୋକାୟୁକ୍ତ ନିଯୁକ୍ତି ପାଇଁ ଉପର ଠାଉରିଆ ଭାବେ ଏକ ସର୍ଚ୍ଚ କମିଟି ଗଠନ କରାଗଲା, ଯାହାର ଅବଧି ଥିଲା ୩ ମାସ। ଏହି ସମୟସୀମା ମଧ୍ୟରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେନାହିଁ। ଏବେ ୩ ମାସ ଅଧିକ ସମୟ ଆବଶ୍ୟକତା ଅଛି ବୋଲି କହି ସୁପ୍ରିମ୍‌କୋର୍ଟଙ୍କଠାରୁ ମହଲତ ମାଗିଥିଲେ। ହେଲେ ସୁପ୍ରିମକୋର୍ଟ ତାହାକୁ ଅଗ୍ରାହ୍ୟ କରିଛନ୍ତି। ଯାହାଦ୍ୱାରା ଲୋକାୟୁକ୍ତ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ମତିଗତି ଠିକ୍ ନ ଥିବା ପ୍ରମାଣିତ ହୋଇଛି ବୋଲି ସତ୍ୟପ୍ରକାଶ କହିଛନ୍ତି। ଦୀର୍ଘ ୩ ବର୍ଷ ୪ ମାସ ଧରି ଫାଇଲ୍‌କୁ ସିଏମ୍‌ଓ କାହା ସ୍ୱାର୍ଥରେ ଚାପି ରଖିଲା, ତାହାର ଉତ୍ତର ରାଜ୍ୟବାସୀ ଜାଣିବା ଦରକାର ବୋଲି ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ କଂଗ୍ରେସ ଦଳ ଭବିଷ୍ୟତରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି ସତ୍ୟ ପ୍ରକାଶ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର ଅଭିଯୋଗ

ଜଗନ୍ନାଥପ୍ରସାଦ, ୨୫।୧୦

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ନେଇ ଗୁରୁବାର ତାଙ୍କ ମା' ଥାନାରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ, ଗତ ୮ ତାରିଖ ରାତିରେ ତାଙ୍କ ନାବାଳିକା ଝିଅଙ୍କୁ ଓଡଗାଁ ଥାନା ଅଞ୍ଚଳର ଜଗଦୀଶ ନାଇକ ଓ ମାନସ ନାଇକ ଅପହରଣ କରି ନେଇ ଭୁବନେଶ୍ୱରର ଏକ ବସ୍ତିରେ ରଖି ଗଣବଳାତ୍କାର କରିଥିଲେ।

# ୨୭ରୁ ବ୍ଲକ ଘେରିବ ଭାଜପା

ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)

**ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ପ୍ରସଙ୍ଗ**

ଚଳିତ ମାସ ୨୭ରୁ ୩୦ ଯାଏ ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ରାଜ୍ୟର ସମସ୍ତ ୩୧୪ ବ୍ଲକ ଘେରାଉ କରାଯିବ। ଦୀର୍ଘ ୧୯ ବର୍ଷ ଧରି ବିଜେଡି ଶାସନରେ ହୋଇଥିବା ବ୍ୟାପକ ପିସି କାରବାର, ଦୁର୍ନୀତି, ଭ୍ରଷ୍ଟାଚାର ଓ ତୋସରପାତ ବିରୋଧରେ ଗଣତାନ୍ତ୍ରିକ ଉପାୟରେ ଏହି ଘେରାଉ କରାଯିବ ବୋଲି ଭାଜପା ପକ୍ଷରୁ ଗୁରୁବାର କୁହାଯାଇଛି। ଦଳୀୟ କାର୍ଯ୍ୟାଳୟରେ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଭାଜପା ନେତା ଉପସଭାପତି ଭୃଗୁ ବକ୍ସିପାତ୍ର ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚିଟ୍‌ଫଣ୍ଡ ମହାଦୁର୍ନୀତି, ଖଣି, ଡାଲି, ଚାରା, ବାଲିଘାଟ ଆଦି ଦୁର୍ନୀତିରେ ଓଡ଼ିଆ ଆଜି ନିଷ୍ପେଷିତ। କୃଷିଋଣ ଜାଲିଆତି, ଧାନକିଣାରେ ଚଞ୍ଚକତା କରି ସହାୟକ ମୂଲ୍ୟ ନ ଦେବା, ଇନ୍‌ପୁଟ ସବ୍‌ସିଡ଼ିର ବାଟମାରଣା କରିବା ଦୁର୍ଭାଗ୍ୟଜନକ। ଆମ ଗାଁ ଆମ ବିକାଶରେ ଏବେ ସରକାରୀ ପାଣ୍ଠି ବିଜେଡି ଠିକାଦାର ବିକାଶରେ ପରିଣତ ହୋଇଛି।


# PANCHAYAT SAMITI OFFICE, TUREKELA

Letter No. 3017 Date: 25.10.18

## INVITATION TENDER CALL NOTICE

**Detail Tender Call Notice No.01/TKL/2018-19**

The Block Development Officer, Turekela on behalf of Governor of Odisha invites percentage rate bids in sealed voer system for the work(s) as detailed below, from eligible contractors registered with the State Government and Contractors of equivalent Grade / Class Registered with Central Government / MES / Railways or other Licensing Authorities for execution of Civil works on production of definite proof from the appropriate authority.

| | Name of the work | Value of the work (in lakhs) | Security (EMD) (Rs.) | Cost of document (Rs.) | Period of completion | Class of contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of mini stadium at Badabanki, GP- Badabanki | 20,79,721/- | 20800.00 | 6,000.00 | 11(Eleven) Calendar months | 'C' & 'B' |
| 2 | Improvement of road from Khagasa to Kuibahal, GP- Khagasa | 19,77,419/- | 19800.00 | 4,000.00 | 11(Eleven) Calendar months | 'D' & 'C' |
| 3 | Construction of labour room at Badadakala, GP- Badadakala | 9,45,238/- | 9500.00 | 4,000.00 | 9(Nine) Calendar months | 'D' & 'C' |
| 4 | Construction of additional class room at Turekela Ashram School, GP- Turekela | 9,25,719/- | 9300.00 | 4,000.00 | 9(Nine) Calendar months | 'D' & 'C' |

**Terms & Conditions:-**

1. **Cost of tender paper:** Tender documents can be obtained from the office of the Block Development Officer, Turekela payment towards the cost of tender papers as mentioned above (Non-Refundable) in shape of Bank draft / Bankers Cheque drawn in favour of Block Development Officer, Turekela payable at SBI, Kantabanji on any working day.
2. **Sale of tender paper:** The sale and receipt of the bid document shall start from **Dt.27.10.2018** and close on **Dt.08.11.2018 at 01.00 PM** in Panchayat Samiti, Turekela and in the DRDA, Balangir during office hours. Bid documents can be down loaded from official website of Government of Odisha (**http://www.balangir.nic.in**). For details please contact in the office of the Panchayat Samiti, Turekela.
3. **Date of receipt and mode of submission of tender papers:** The tenderers have to submit sealed tender papers in complete shape either by dropping Drop box at office of Block Development Officer or in shape of Registered Post / Speed Post only addressed to Block Development Officer, Turekela, At/Po- Turekeal, District- Balangir on or before 08.11.2018 (01.00 PM). The undersigned will not be responsible for any postal delay if any or non-receipt of paper in time. The tenderers must superscribed the name of the work on the top of the sealed envelopes.
4. The bids will be opened on the **Dt.09.11.2018 at 11.00 AM** in the office of the undersigned.
5. The authority reserves the right to cancel any or all the bids without assigning any reason thereof.

**Sd./- (Ram Dutta Bhoi)**
**Block Development Officer, Turekela**



# DISTRICT OFFICE, PURI

**Establishment Section**

## QUOTATION CALL NOTICE

No. 2853/BBE Dt.17.10.2018

No.63-F: Quotations are invited from authorized Firms / Agencies for installation of CCTV. The last date & time of submission of the quotation is **2.00 PM** on **dt.30.10.2018**. For details, log on to website: **puri.nic.in**.

24014/11/0006/1819 **Sd./- Collector, Puri**



# ORISSA UNIVERSITY OF AGRICULTURE & TECHNOLOGY

2017

**BHUBANESWAR-751003, Odisha**
**Website: www.ouat.nic.in, E-Mail: registrarouat@gmail.com,**
**Ph: 0674-2397424, Fax: 0674-2397424**
**F. No. E-II-I-11/2018/ 24220 / UAT., Dated 25.10.18**

## INDICATIVE ADVERTISEMENT

Applications are invited from the eligible candidates for the following Post under this University in the Prescribed form.

| Sl. No. | Name of the Post | Number of Vacancy |
|---|---|---|
| 1 | 2 | 3 |
| 1 | Professon, BPCL Bio-fuel Chair | 01 |

The prescribed application form, information sheet containing the details of qualification, experience, scale of pay and other required conditions in respect of the above post, general information and instruction to the candidates can be downloaded from the OUAT website: **ouat.nic.in.** The application form complete in all respect along with self attested, copies of all certificates, mark sheets of all examination passed, experience certificate and research publications in the field to be sent by Speed Post/ Registered Post to the Registrar, OUAT, Bhubaneswar-751003 in the last date of application 15.11.2018 at 5.00 P.M. The candidates who had applied in response to the Advertisement No. 15055 dt. 05.07.2018, they need not apply again. Their cases will be considered along with fresher.

**By order of the Vice-Chancellor**
**Sd./- 25.10.2018**
**REGISTRAR**



# ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍

# Odisha Hydropower Corporation Ltd.

**Office of the Project Administrator**
**Unit : Upper Indravati Hydroelectric Project (Civil Wing )**
**At/PO: Khatiguda – 764085 Dist. Nabarangpur (Odisha)**
Email: cceuihep@gmail.com FAX : 06858-224324, Tel. 06858-224211 / 224307

No. UIHEP/VI/Misc/285/18 Date:

## ADVERTISEMENT

**No. CAD-938:-** Applications in plain papers are invited from interested eligible candidates having requisite qualification as enumerated below for engagement of the following categories of posts in the Hospital and Schools of Upper Indravati Hydro Electric project, Khatiguda on annual contract basis. Applications along with complete bio data and required documents should reach this office by Regd. Post / Speed Post only on or before 13-11-2018. Applications received after the due date or by hand shall not be entertained.

| Name of the post and place of work | Eligibility | No. of posts | Monthly fixed remuneration |
|---|---|---|---|
| Consultant Physician in UIP Hospital, Khatiguda (Contractual) | MBBS Degree recognized by the Medical Council of India. The applications of retired doctors below the age of 70 years will also be considered in case of non availability of fresh candidates. | 01 (one) | Rs. 65,000/- |
| Hindi Teacher, (Contractual) Indravati High School, Khatiguda | Bachelor's degree from a recognized University with Hindi as one of the elective subject with 50% marks in aggregate (45% for SC/ST/PH/OBC/SEBC candidates) or with Rastrabhasa Ratna from Rastrabhasa Prachara Samiti, Wardha or with Sastri from Odisha Rastra Bhasa Parisad, Puri or with Snataka (acquired by June- 2005) from Hindi Sikhya Samiti,Odisha with 50% marks an equivalent Degree from a recognized institution with at least 50% marks in aggregate and Hindi Sikhyana Parangata from Kendriya Hindi Sansthana,Agra / B.H.Ed. from an institution recognized by N.C.T.E affiliated to a University/BEd in Hindi from Dakhina Bharat Hindi Prachar Sabha,Madras or Hindi Teacher's Training Certificate course from Hindi Training Institute Cuttack, Bhubaneswar and Sambalpur. OR Bachelor's degree with Hindi as one of the optional/ Hons subject with minimum 50% marks in aggregate (45% for SC/ST/PH/OBC/SEBC) from a recognized University and MA in Hindi with minimum 50% marks from a recognized University. The candidate should be within the age limit of 32 years as on the date of publication of this advertisement and should have passed the OSSTET exam. | 01 (one) | Rs. 12,300/- |
| PET (contractual) for Indravati High School, Khatiguda | I.A CPED The candidate should be within the age limit of 32 years as on the date of publication of this advertisement and should have passed the OSSTET exam. | 01 (one) | Rs. 7,300/- |
| Asst Teacher, MCT (Contractual) for UIUP School, Mukhiguda | IA /+2 CT The candidate should be within the age limit of 32 years as on the date of publication of this advertisement and should have passed the OTET exam. | 02 (two) | Rs. 6,900/- |

***Documents required***

(1) Bio data/resume with phone Nos. (2) Self attested copies of Certificates & Mark lists of educational qualifications including HSC Certificate (3) Self attested pass port size photo 2nos. (3) Experience certificate if any (4) copy of Registration No (for the post of Consultant Physician only).

***Chief Construction Engineer(C)***
***U.I.H.E. Project, A/P-Khatiguda***
***Dist.- Nabarangpur, Odisha***

32257/11/0006/1819



# Odisha State Medical Corporation Limited (OSMC)

**In front of Ram Mandir, Convent Square, Unit – III,**
**Bhubaneswar -751 001**
**Tel. : (0674) 2380608 Website : www.osmcl.nic.in,**
**Email : proc.osmcl.od@nic.in**

No. CAD-954

*Assuring Quality, Saving Lives*

Date: 23.10.2018

## NOTICE INVITING RETENDER FOR SUPPLY & INSTALLATION OF ANATOMY EQUIPMENTS

Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-ANATOMY (Retender) /12 | Supply & installation of Anatomy Equipments | 5,600/- |

| Sl. No. | Particulars | Date & Time | |
|---|---|---|---|
| 1. | Date & time of release of bid | 25.10.2018 , 3 PM | |
| 2. | Date & time of Pre-bid meeting | 02.11.2018 , 11AM Venue : Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 06.11.2018, 11 AM | End Date & Time: 22.11.2018 , 5 PM |
| 4 | Date & time of online Technical bid opening | 26.11.2018, 11 AM | |
| 5 | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./- Managing Director**
**OSMC Ltd., Odisha**

10112/11/0042/1819



# ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,**
**ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨**

ସଂଖ୍ୟା : ୧୨୭୩୮ / IND-II-PH-767 ତାରିଖ : ୨୫।୧୦।୨୦୧୮

## ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ କପିଳାସ ସିମେଣ୍ଟ ମେନୁଫେକ୍‌ଚରିଙ୍ଗ ୱାର୍କ୍ସ (ଓ.ସି.ଏଲ୍. ଇଣ୍ଡିଆ ଲିମିଟେଡ୍‌ର ଏକ ୟୁନିଟ୍) ଓଡ଼ିଶାର କଟକ ଜିଲ୍ଲା, ଟାଙ୍ଗି ତହସିଲ, ବରୁଣିଆ ପୋଷ୍ଟ ଅଫିସ୍ ଅନ୍ତର୍ଗତ ବିଶ୍ୱାଳି ଗ୍ରାମଠାରେ ବାର୍ଷିକ ୨.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ନୂତନ ସିମେଣ୍ଟ ମିଲ୍‌ର ସ୍ଥାପନ କରି ପ୍ରସ୍ତାବିତ ସିମେଣ୍ଟ ଗ୍ରାଇଣ୍ଡିଙ୍ଗ ୟୁନିଟର କ୍ଷମତା ବାର୍ଷିକ ୧.୭୦ ନିୟୁତ ଟନ୍‌ରୁ ୪.୨୦ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରିବା** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ(State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ **କଟକ ଜିଲ୍ଲା ନିମନ୍ତେ** ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା.୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୨୭.୧୧.୨୦୧୮ରିଖ ଦିବା ୧୦.୦୦ ଘଟିକା ସମୟରେ କଟକ ଜିଲ୍ଲା, ଟାଙ୍ଗି ଥାନା ଅନ୍ତର୍ଗତ ବିଶ୍ୱାଳିସ୍ଥିତ ସୁନିଆପଦା ଫୁଟବଲ ପଡ଼ିଆଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କଟକ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କଟକ** ।
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କଟକ** ।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଟକ**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କଟକ** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**



ପ୍ରଫୁଲ୍ଲ ମିଶ୍ର

# ଓଡ଼ିଶାରେ ଆଇ- ଲିଗ୍ ଫୁଟ୍‌ବଲ



ଆଇ– ଲିଗ୍‌ରେ ଇଣ୍ଡିଆନ ଆରୋଜ ଅନ୍ୟତମ ସଫଳ ଦଳ ଭାବେ ବିବେଚିତ ହୋଇଛି। ଏହି ହାଇପ୍ରୋଫାଇଲ ଫୁଟବଲ କ୍ଲବ୍ ଏଥର ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ ବଦଳରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଗ୍ରାଉଣ୍ଡ ରୂପେ ଗ୍ରହଣ କରିଛି। କଳିଙ୍ଗ ଷ୍ଟାଡିୟମ ସହିତ କଟକର ବାରବାଟୀ ଷ୍ଟାଡିୟମରେ ମଧ ଏହି ଦଳ ଆଗାମୀ ସେସନରେ ତା'ର ଘରୋଇ ମ୍ୟାଚ୍ ଖେଳିବ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ହକି ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏହି ସମୟରେ ଖେଳାଯିବାକୁଥିବା ୩ଟି ମ୍ୟାଚ୍ ବାରବାଟୀକୁ ସ୍ଥାନାନ୍ତର ହୋଇଛି।

ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ହକି ୱାର୍ଲ୍ଡ ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ସଫଳ ଆୟୋଜନ କରି କଳିଙ୍ଗ ଷ୍ଟାଡିୟମ ବିଶ୍ୱ କ୍ରୀଡ଼ା ଆୟୋଜନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଆଗାମୀ ନଭେମ୍ବର ଓ ଡିସେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ହକି ଆୟୋଜନ ହେବ ଓ ଏଥି ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ଏହା ପରେ ଭାରତର ସର୍ବପୁରାତନ ଫୁଟବଲ ଲିଗ୍ ଆଇ–ଲିଗ୍ ମଧ ଏଠାରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଆଇ– ଲିଗର କେତୋଟି ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ମଧ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମୋଟ ଉପରେ ଆଇ– ଲିଗ୍‌ର ୧୦ଟି ମ୍ୟାଚ୍ ଓଡ଼ିଶାର ଏହି ଦୁଇଟି ଷ୍ଟାଡିୟମରେ ଖେଳାଯିବ। ଜଣାଶୁଣା କ୍ଲବ ଇଣ୍ଡିଆନ ଆରୋଜ୍ ଏଥର କଳିଙ୍ଗ ଷ୍ଟାଡିୟମକୁ ନିଜର ଘରୋଇ ଗ୍ରାଉଣ୍ଡ ବୋଲି ଘୋଷଣା କରିଛି। ୨୦୧୮–୧୯ ସିଜନରେ ତା'ର ଘରୋଇ ମ୍ୟାଚ୍‌ଗୁଡିକ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଗତ ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିବା ଅଧିକାଂଶ ଖେଳାଳି ଇଣ୍ଡିଆନ ଆରୋଜ୍ ଦଳରେ ସାମିଲ ହୋଇଛନ୍ତି। ଜୁନିୟର ସ୍ତରରେ ଭଲ ପ୍ରଦର୍ଶନ କରୁଥିବା ଓଡ଼ିଆ ଖେଳାଳି ସିନିୟର ସ୍ତରରେ ଭଲ ଖେଳିବା ପାଇଁ ଆଇ– ଲିଗ୍‌ରୁ ପ୍ରେରଣା ନେଇ ପାରିବେ। ରାଜ୍ୟ ଯୁବ ପ୍ରତିଭାଙ୍କ ଉପରେ ଆଇ– ଲିଗ୍ ସକାରାତ୍ମ ପ୍ରଭାବ ପକାଇବା ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାରେ ଆଇ– ଲିଗ୍ ମ୍ୟାଚ ଆୟୋଜନ ତଥା ଇଣ୍ଡିଆନ ଆରୋଜ କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ ରୂପେ ଗ୍ରହଣ କରିବାର ରାଜ୍ୟ ଫୁଟବଲ ଦୃଷ୍ଟିକୋଣରୁ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ।

ଆଇ–ଲିଗ୍‌ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୬ ତାରିଖରେ କୋଏମ୍ବାଟୁରର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଚେନ୍ନାଇ ସିଟି ଓ ଇଣ୍ଡିଆନ ଆରୋଜ ପରସ୍ପରକୁ ଭେଟିବେ। ଏହି ଟୁର୍ନାମେଣ୍ଟରେ ୧୧ଟି ଦଳ ଅଂଶଗ୍ରହଣ କରିବେ।

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଦ୍ୱାରା ଅନୁମୋଦିତ ଭାରତରେ ଦୁଇଟି ପ୍ରତିଷ୍ଠିତ ଏହି ଫୁଟବଲ ଟୁର୍ନାମେଣ୍ଟ ବିଭିନ୍ନ ଷ୍ଟାଡିୟମରେ ଆୟୋଜନ ହେଉଛି। ଏହି ଦୁଇ ଟୁର୍ନାମେଣ୍ଟ ହେଲା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଓ ହିରୋ ଆଇ–ଲିଗ୍। ଆଇ– ଲିଗ୍‌ରେ ଭାରତର ପ୍ରତିଷ୍ଠିତ କ୍ଲବ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲ ସହିତ ଗତବର୍ଷର ଚାମ୍ପିୟନ ପଞ୍ଜାବର ମିନର୍ଭା, ରନର୍ସଅପ ଦଳ ନେରେକା ମଣିପୁର, ଆଇଜଲ ଫୁଟବଲ କ୍ଲବ, ଗୋକୁଲମ୍ କେରଳ, ଚେନ୍ନାଇ ସିଟି, ଚର୍ଚ୍ଚିଲ ବ୍ରଦର୍ସ ଗୋଆ, ଇଣ୍ଡିଆନ ଏରୋଜ, ସିଲଂ ଲାଜଂ, ରିୟଲ କଶ୍ମୀର ଭାଗ ନେବେ। ଏବର୍ଷ ନୂଆ ଦଳ ଭାବେ ରିୟଲ କଶ୍ମୀର ଲିଗ୍ ଖେଳିବ। ଆଇ–ଲିଗର ସେକେଣ୍ଡ ଡିଭିଜନ ଚାମ୍ପିୟନ ହୋଇଥିବାରୁ ରିୟଲ କଶ୍ମୀର ଦ୍ୱିତୀୟ ଡିଭିଜନ ଖେଳିବାର ଯୋଗ୍ୟତା ହାସଲ କରିଛି। ପ୍ରତ୍ୟେକ କ୍ଲବ ୬ଜଣ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ କରିପାରିବେ। ଏଥର ଅଂଶଗ୍ରହଣ କରିବାକୁ ଥିବା ବିଦେଶୀ ପ୍ରତିଷ୍ଠିତ ଖେଳାଳିମାନେ ହେଲେ ମୋହନ ବାଗାନର ସୋନି ନୋରଡେ, ଆସଲେ ଡି ପନଡା, ହେନେରୀ କିସେକା, ଓମାର ଏଲହୁସିଏନୀ। ସେହିପରି ଇଷ୍ଟ ବେଙ୍ଗଲର ଜନି ଆକୋଷ୍ଟା, ଗୋମେଜ ପରେଜ, ମହମ୍ମଦ ଆମନାଥ ବିଦେଶୀ ଖେଳାଳିଭାବେ ଲିଗ୍‌ରେ ଅଂଶଗ୍ରହଣ କରିବେ। ସେହିପରି ବିଦେଶୀ ଖେଳାଳି ହିସାବରେ ମିନେର୍ଭା ତରଫରୁ ଓପୋତନା, ୟୁ କୁବୋକୀ, ରବର୍ଟ ଡିସୋଜା। ଆଇଜଲର ବିଦେଶୀ ଖେଳାଳିମାନେ ହେଉଛନ୍ତି ଆଲଫ୍ରେଡ ଜରିଆନ, କରିମ ଓମଲାଜା, ଇନଜୋ ପ୍ରୋନୋ। ସେହିପରି କେରଳ ଗୋଗୁଲମର ଆଣ୍ଟୋନି ଜରିମାନ, ଡାନିଏଲ ଆଡୋ, ମୁସା ମୁଡେ ଓ ଅନ୍ୟମାନେ ଭାଗନେଉଥିବାରୁ ଏଥର ଏହି ଲିଗ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ଓଡ଼ିଶାରେ ଇଣ୍ଡିଆନ ଆରୋଜ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ନଭେମ୍ବର–୫ | ଆରୋଜ– ଶିଲଂ ଲାଜଂ | ବାରବାଟୀ |
| ନଭେମ୍ବର– ୧୦ | ଆରୋଜ– ମୋହନବାଗାନ | ବାରବାଟୀ |
| ନଭେମ୍ବର–୧୬ | ଆରୋଜ– ଇଷ୍ଟ ବେଙ୍ଗଲ୍ | କଳିଙ୍ଗ ଷ୍ଟାଡିୟମ |
| ଡିସେମ୍ବର– ୧୪ | ଆରୋଜ– ଆଇଜଲ | ବାରବାଟୀ |
| ଡିସେମ୍ବର– ୨୧ | ଆରୋଜ– ଗୋକୁଳମ କେରଳ | କଳିଙ୍ଗ ଷ୍ଟାଡିୟମ |
| ଡିସେମ୍ବର– ୩୦ | ଆରୋଜ– ଚର୍ଚ୍ଚିଲ ବ୍ରଦର୍ସ | କଳିଙ୍ଗ ଷ୍ଟାଡିୟମ |
| ଫେବୃୟାରୀ–୧ | ଆରୋଜ– ନେରୋକା | କଳିଙ୍ଗ ଷ୍ଟାଡିୟମ |
| ଫେବୃୟାରୀ–୬ | ଆରୋଜ–ଚେନ୍ନାଇ | କଳିଙ୍ଗ ଷ୍ଟାଡିୟମ |
| ଫେବୃୟାରୀ– ୧୧ | ଆରୋଜ– ମିନର୍ଭା | କଳିଙ୍ଗ ଷ୍ଟାଡିୟମ |
| ଫେବୃୟାରୀ– ୨୪ | ଆରୋଜ– ରିୟଲ କଶ୍ମୀର | କଳିଙ୍ଗ ଷ୍ଟାଡିୟମ |

ପ୍ରତ୍ୟେକ ଦଳ ଘରୋଇ ଷ୍ଟାଡିୟମ ଓ ବିପକ୍ଷ ଦଳର ଘରୋଇ ଷ୍ଟାଡିୟମରେ ମ୍ୟାଚ୍ ଖେଳିବେ। ଟୁର୍ନାମେଣ୍ଟର ୧୧ଟି ସଂସ୍କରଣ ଖେଳାଯାଇ ସାରିଲାଣି। ଏହି ହାଇପ୍ରୋଫାଇଲ ଲିଗ୍‌ରେ ଡେମ୍ପୋ ୩ଥର, ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଦୁଇଥର, ବେଙ୍ଗାଲୁର ଏଫ୍‌ସି ଦୁଇଥର, ସାଲଗାଓଁକର ଗୋଆ ଥରେ, ମୋହନବାଗାନ ଥରେ, ଆଇଜଲ ଥରେ ଟାଇଟଲ ହାସଲ କରିଛନ୍ତି। ମିନେରଭା ପଞ୍ଜାବ ଦଳ ଗତବର୍ଷ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା।

ଦଳମାନଙ୍କର ଘରୋଇ ଷ୍ଟାଡିମୟ ହେଲା– ଆଇଜଲର ହେଉଛି ଆଇଜଲସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମ। ସେହିପରି ଚେନ୍ନାଇ ସିଟର ଘରୋଇ ଷ୍ଟାଡିୟମ ହେଉଛି କୋଏମ୍ବାଟୁରର ଜବାହରଲାଲ ନେହେରୁ ଷ୍ଟାଡିୟମ। ଚର୍ଚ୍ଚିଲ ବ୍ରଦର୍ସର ଘରୋଇ ଷ୍ଟାଡିୟମ ହେଉଛି ଗୋଆର ତିଲକ ମୈଦାନ, ଇଷ୍ଟ ବେଙ୍ଗଲ ଓ ମୋହନବାଗାନର ଘରୋଇ ଷ୍ଟାଡିୟମ ହେଉଛି କୋଲକାତାର ସଲ୍ଟଲେକ ଷ୍ଟାଡିୟମ। ଗୋକୁଲମ୍ କେରଳର ହେଉଛି କୋଝିକୋଡସ୍ଥିତ ଇଏମ୍‌ଏସ୍ ଷ୍ଟାଡିୟମ, ଇଣ୍ଡିଆନ ଆରୋଜର ହେଉଛି ଭୁବନେଶ୍ୱରର କଳିଙ୍ଗ ଓ ବାରବାଟୀ ଷ୍ଟାଡିୟମ, ମିନର୍ଭା ପଞ୍ଜାବର ଘରୋଇ ଷ୍ଟାଡିୟମ ହେଉଛି ଲୁଧିଆନାର ତାଉ ଦେବୀଲାଲ ଷ୍ଟାଡିୟମ, ନେରେକାର ଘରୋଇ ଷ୍ଟାଡିୟମ ହେଉଛି ଇମ୍ଫାଲର ଖୁମାନ ଲାମ୍ପାକ ମେନ୍ ଷ୍ଟାଡିୟମ। ସେହିପରି ରିୟଲ କଶ୍ମୀରର ହୋମ୍ ଷ୍ଟାଡିୟମ ହେଉଛି ଶ୍ରୀନଗରର ଟିଆରସି ଟର୍ଫ ଷ୍ଟାଡିୟମ। ଶିଲଂସ୍ଥିତ ଜବାହରଲାଲ ଷ୍ଟାଡିୟମ ହେଉଛି ଶିଲଂ ଲାଜଂ କ୍ଲବ୍‌ର ଘରୋଇ ଷ୍ଟାଡିୟମ।

ଇଣ୍ଡିଆନ ଆରୋଜ ଚତୁର୍ଥ ଥର ପାଇଁ ଏହି ଲିଗ୍‌ରେ ଭାଗ ନେବାକୁ ଯାଉଛି। ଲିଗ୍‌ରେ ଖେଳିବା ଅବସରରେ ଭାରତୀୟ ଜୁନିୟର ଖେଳାଳିମାନେ ବିଦେଶୀ ଓ ନିଜର ଦେଶର ବରିଷ୍ଠ ଫୁଟବଲରଙ୍କ ସହ ଖେଳିବାର ସୁଯୋଗ ହାସଲ କରିବେ।

### ଇଣ୍ଡିଆନ ଆରୋଜ୍ ଦଳ

**ଗୋଲ କିପର–** ପ୍ରଭସୁଖନ ସିଂ ଗିଲ, ଲାଲବାଇଆଖ୍ଲୁଆ ଜଙ୍ଗଟେ, ସମିକ ମିତ୍ର।
**ଡିଫେଣ୍ଡର–** ବୋରିସ ସିଂ ଥଙ୍ଗଜାମ, ଜିତେନ୍ଦ୍ର ସିଂ, ଅନୱର ଅଲୀ, ନରେନ୍ଦ୍ର ଗାହଲଟ, ଆକାଶ ମିଶ୍ର, ଦଲବୀର ସିଂ, ଆଶିଷ ରାୟ, ଆଇମୋଲ ଚେଙ୍ଗୋମପିପା ରିୟମସୋଚୋଙ୍ଗ, ସଞ୍ଜୀବ ଷ୍ଟାଲିନ, ଦୀପକ ଟାଙ୍ଗ୍ରୀ, ଗୁରକିରାତ୍ ସିଂ।
**ମିଡ ଫିଲ୍ଡର–** ସୁରେଶ ସିଂ ୱାଙ୍ଗଜାମ, ନିନ୍‌ଥୋଇନଗାନବା ମିତେଇ, ଅମରଜିତ ସିଂ କିଆମ, ଅଭିଜିତ୍ ସରକାର, ଅନିକେତ ଯାଦବ, ଜିକସନ ସିଂ ଥଉନାଓଜାମ, ନଙ୍ଗଡାମ୍ବା ନାଓରେମ, ରାହୁଲ କେ.ପି., ଲାଲେଙ୍ଗମାଇଆ।
**ଫରୱାର୍ଡ–** ରହିମ ଅଲୀ, ରୋହିତ ଦାନୁ, ବିକ୍ରମ ପ୍ରତାପ ସିଂ।
**ଅଧିନାୟକ–** ଅମରଜିତ ସିଂ କିଆମ
**ହେଡ କୋଚ୍:** ଫ୍ଲୋଏଡ ପିଣ୍ଟୋ
**ଟିମ୍ ମ୍ୟାନେଜର:** ଭେଲୁ ଧୟାଲାମନୀ
**ଆସିଷ୍ଟାଣ୍ଟ କୋଚ୍:** ମହେଶ ଗୱାଲି
**ଗୋଲକିପିଙ୍ଗ୍ କୋଚ୍:** ମହମ୍ମଦ ଅନସାରୀ
**ହୋମ୍ ଗ୍ରାଉଣ୍ଡ:** କଳିଙ୍ଗ ଷ୍ଟାଡିୟମ
**ଡିଫେଣ୍ଡିଂ ଚାମ୍ପିୟନ:** ମିନେର୍ଭା ପଞ୍ଜାବ

କରିସ୍ମା ବେହେରା। ଓଡ଼ିଶା ବାସ୍କେଟବଲ୍‌ର ଜଣେ ଉଦୀୟମାନ୍ ଖେଳାଳି। ୪ଟି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ହେଲେ ଅନ୍ୟ ରାଜ୍ୟର ଖେଳାଳିଙ୍କ ପାଖରେ ଥିବା କ୍ରୀଡ଼ା ଭିତ୍ତିଭୂମିକୁ ଦେଖିଲେ ସେ ନିରାଶ ହେଉଛନ୍ତି। ସାଧନ ନ ଥିଲେ ମଧ୍ୟ ସାଧନାର ଚମକ ଯୋଗୁ ଆଜି ବାସ୍କେଟବଲ୍‌ରେ ସଫଳତାର ପାହାଚ ଗୋଟିଏ ଗୋଟିଏ ଚଢ଼ି ଚାଲିଛନ୍ତି ସେ ...

# ଉଦୀୟମାନ ବାସ୍କେଟବଲ ତାରକା କରିସ୍ମା



**ନାମ–** କରିସ୍ମା ବେହେରା
**ପିତା–** ପ୍ରକାଶ ବେହେରା
**ମାତା–** ଲକ୍ଷ୍ମୀ ବେହେରା
**ଘର–** ବ୍ରହ୍ମପୁର
**କୋଚ୍–** କାଜଲ ସାହୁ
**ଆଦର୍ଶ ଖେଳାଳି–** ପ୍ରଶାନ୍ତି ସିଂ

ମାତ୍ର ୧୨ବର୍ଷ ବୟସରେ ପ୍ରଥମ ଥର ପାଇଁ ହାତରେ ବାସ୍କେଟବଲ୍ ଧରିଥିଲେ କରିସ୍ମା। ବ୍ରହ୍ମପୁର ଭି.ଭି.ଗିରି ବାଳିକା ଉଚ୍ଚବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପାଠ ପଢୁଥିବାବେଳେ ବାସ୍କେଟବଲ୍ ଖେଳିବା ପାଇଁ ସୁଯୋଗ ପାଇଥିଲେ ସେ। ଜିଲାସ୍ତରୀୟ ଗ୍ରୀଷ୍ମ ବାସ୍କେଟବଲ୍ ପ୍ରଶିକ୍ଷଣ ଶିବିରରେ ଭାଗନେବା ପାଇଁ ବିଦ୍ୟାଳୟ ଦଳର ଚୟନ ଚାଲିଥାଏ। ବ୍ରହ୍ମପୁର ଷ୍ଟାଡିୟମ୍‌ଠାରେ ଆୟୋଜିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ସାମିଲ୍ ହେଲେ। ବାସ୍କେଟବଲ୍‌ର ନିୟମ ଏବଂ କୌଶଳ ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଥିଲେ କରିସ୍ମା। ହେଲେ ତାଙ୍କ ଆଗ୍ରହରେ ପ୍ରଭାବିତ ହୋଇଥିଲେ କୋଚ୍ କାଜଲ ସାହୁ ଏବଂ ଆନ୍ତର୍ଜାତିକ ରେଫରି ତଥା କୋଚ୍ ରାଜନାରାୟଣ ପାତ୍ର। ପ୍ରାରମ୍ଭିକ ପର୍ଯ୍ୟାୟରେ କରିସ୍ମାଙ୍କୁ ଡ୍ରିବଲିଂ ଏବଂ ବଲ୍ ହୋଲଡିଂର ପ୍ରଶିକ୍ଷଣ ଦିଆଯାଇଥିଲା। ମାସେ ବ୍ୟାପୀ ପ୍ରଶିକ୍ଷଣ ଶିବିର ଚାଲିବା ପରେ ଉଦ୍‌ଯାପିତ ହୋଇଗଲା। ହେଲେ ଆଦ୍ୟ କ୍ରୀଡ଼ା ଜୀବନରେ ବାସ୍କେଟବଲ୍ ପ୍ରତି ଯେଉଁ ଭଲପାଇବା କରିସ୍ମାଙ୍କ ହୃଦୟରେ ସୃଷ୍ଟି ହୋଇଥିଲା, ତାହା ପରବର୍ତ୍ତୀ ସମୟରେ ବଢ଼ିବାରେ ଲାଗିଲା। ଶିବିର ଶେଷ ହେବା ପରେ ମଧ ସେ ଦୈନିକ ତାଲିମ୍ ନେବା ପାଇଁ ଷ୍ଟାଡିୟମ୍‌କୁ ଯାଉଥିଲେ। ସକାଳ ସାଢ଼େ ୬ରୁ ୯ଟା ଏବଂ ଅପରାହ୍ନ ସାଢ଼େ ୪ଟାରୁ ୬ଟା ପର୍ଯ୍ୟନ୍ତ ସେ ଅଭ୍ୟାସ କରୁଥିଲେ। କାଜଲ ଏବଂ ରାଜ୍‌ନାରାୟଣଙ୍କ ପ୍ରଶିକ୍ଷଣ ଏବଂ କରିସ୍ମାଙ୍କ କଠିନ ପରିଶ୍ରମ ଫଳପ୍ରଦ ହେଲା। ୨୦୧୬ରେ ରାଜ୍ୟସ୍ତରୀୟ ଆନ୍ତଃ ଜିଲା ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ପାଇଥିଲେ କରିସ୍ମା। ୨୦୧୬ ଫେବୃୟାରୀ ୨ରୁ ୮ତାରିଖ ପର୍ଯ୍ୟନ୍ତ ପଣ୍ଡିଚେରୀଠାରେ ଅନୁଷ୍ଠିତ ହୋଇଥିବା ୪୨ତମ ସବ୍–ଜୁନିୟର୍ ବାସ୍କେଟବଲ୍ ଚାମ୍ପିୟନଶିପ୍‌ରେ ସେ ଖେଳିବାକୁ ସୁଯୋଗ ପାଇଥିଲେ। ଏହା ଥିଲା ଆରମ୍ଭ ମାତ୍ର। ପରେ ସେହି ବର୍ଷ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଛତିଶଗଡ଼ଠାରେ ଆୟୋଜିତ ୬୨ତମ ଜାତୀୟ ସ୍କୁଲ ଗେମ୍‌ସରେ ଓଡ଼ିଶା ତରଫରୁ ଖେଳିଥିଲେ କରିସ୍ମା। ୨୦୧୭ ଜୁନ୍ ୪ତାରିଖରେ ନୋଏଡ଼ାଠାରେ ଅନୁଷ୍ଠିତ ହୋଇଥିବା ୬୮ତମ ଜୁନିୟର୍ ଜାତୀୟ ବାସ୍କେଟବଲ୍ ଚାମ୍ପିୟନଶିପ୍ ଏବଂ ଗତ ମେ' ୭ରୁ ୧୪ତାରିଖ ମଧରେ ଚଣ୍ଡିଗଡ଼ଠାରେ ଖେଳାଯାଇଥିବା ୬୯ତମ ଜୁନିୟର୍ ଜାତୀୟ ବାସ୍କେଟବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଛନ୍ତି କରିସ୍ମା।

ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢୁଥିଲେ ମଧ କରିସ୍ମାଙ୍କ ପାଖରେ ସାଧନର ପ୍ରବଳ ଅଭାବ ଦେଖାଦେଇଛି। ବାପା ପ୍ରକାଶ ବେହେରା ଜଣେ ଚାଷୀ। ମା ଲକ୍ଷ୍ମୀ ବେହେରା ଏକ କଲେଜର କ୍ୟାଣ୍ଟିନ୍‌ରେ ରୋଷେୟାଙ୍କ ସହାୟକ ଭାବେ କାର୍ଯ୍ୟ କରୁଛନ୍ତି। ଖୁବ୍ କମ୍ ଆୟ ସତ୍ତ୍ୱେ କରିସ୍ମାଙ୍କ ସ୍ୱପ୍ନ ପୂରଣ ଦିଗରେ କୌଣସି ଅଭାବକୁ ବାଟ ଓଗାଳିବାକୁ ଦେଇନାହାନ୍ତି ପ୍ରକାଶ ଏବଂ ଲକ୍ଷ୍ମୀ। କିନ୍ତୁ ଜଣେ ଜାତୀୟ ସ୍ତରୀୟ ବାସ୍କେଟବଲ୍ ଖେଳାଳି ଭାବେ ସରକାରଙ୍କ ଠାରୁ ଯେଉଁ ସୁବିଧା ସୁଯୋଗ ପାଇବା କଥା, ତାହା କରିସ୍ମାଙ୍କୁ ମିଳିପାରୁନାହିଁ। କରିସ୍ମାଙ୍କ କହିବାନୁଯାୟୀ, ବାସ୍କେଟବଲ୍ ଏକ ଇନ୍‌ଡୋର୍ ଗେମ୍। କିନ୍ତୁ ବ୍ରହ୍ମପୁରରେ ଗୋଟିଏ ହେଲେ ବାସ୍କେଟବଲ୍ ଇନ୍‌ଡୋର୍ ହଲ୍ ନାହିଁ। ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଯେଉଁ ଦୁଇଟି କୋର୍ଟ ରହିଛି, ଉଭୟ ସିମେଣ୍ଟରେ ତିଆରି। ଅନ୍ୟ ରାଜ୍ୟରେ ଇନଡୋର୍ ହଲ୍ ସହ ରହିଛି ଉଡେନ୍ କୋର୍ଟ। ବର୍ଷ ତମାମ୍ ସିମେଣ୍ଟ କୋର୍ଟରେ ଅଭ୍ୟାସ କରୁଛୁ। ହେଲେ ଜାତୀୟସ୍ତରୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗନେବା ବେଳକୁ ଉଡେନ୍ କୋର୍ଟରେ ଖେଳିବାକୁ ପଡୁଛି। ଉଭୟ କୋର୍ଟରେ ଅନେକ ପାର୍ଥକ୍ୟ ରହିଛି। ଉଡେନ୍ କୋର୍ଟରେ ଗ୍ରିପିଂ ଏବଂ ବଲ୍‌ର ବାଉନ୍‌ସ, ସିମେଣ୍ଟ କୋର୍ଟ ଅପେକ୍ଷା ଭିନ୍ନ ରହୁଛି। ଯାହା ଫଳରେ ଅନେକ ଅସୁବିଧା ଭୋଗିବାକୁ ପଡୁଛି। ସେହିଭଳି ଉଭୟ କୋର୍ଟ ପାଇଁ ଭିନ୍ନ ଭିନ୍ନ ଜୋତା ବ୍ୟବହାର କରିବାକୁ ପଡୁଛି। ଉଡେନ୍ କୋର୍ଟରେ ବ୍ୟବହାର ହେଉଥିବା ଜୋତାର ଦାମ୍ ୬ରୁ ୮ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। ମା ବାପାଙ୍କ ଅଳ୍ପ ରୋଜଗାର ଯୋଗୁ ଜୋତା କିଣିବା ସମ୍ଭବ ହେଉନି। କୋଚ୍ ରାଜ୍ ନାରାୟଣ ପାତ୍ର ଯଥେଷ୍ଟ ସାହାଯ୍ୟ କରୁଥିବା ଯୋଗୁ ଅନ୍ତତଃ ଖେଳିପାରୁଛି। ନିଜେ ଶୁଟିଂ ଗାର୍ଡ଼ ପୋଜିଶନ୍‌ରେ ଖେଳୁଥିବା କରିସ୍ମା, ଜାତୀୟ ଦଳର ସଫଳ ଶୁଟିଂ ଗାର୍ଡ଼ ପ୍ରଶାନ୍ତୀ ସିଂଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି। ଭବିଷ୍ୟତରେ ପ୍ରଶାନ୍ତୀ ସିଂଙ୍କ ଭଳି ଜାତୀୟ ଦଳରେ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତ। ବାସ୍! ଅପେକ୍ଷା କରିଛନ୍ତି ସରକାରୀ ସହାୟତାକୁ।

–ଆଶୀର୍ବାଦ ରାଉତ

### ଧୈର୍ଯ୍ୟ



ଇଣ୍ଡିଆଠୁ ହାରି ଇଣ୍ଡିଜ୍ କ୍ୟାପ୍‌ଟେନ
ଜାସନ ହୋଲ୍‌ଡର ଚିଡ଼ି
ନିଜ ଦଳ ସମାଲୋଚକଙ୍କୁ କହେ
ଅତୀତ ହିସାବ ଯୋଡ଼ି
ଲାରା ବି ନ ଥିଲେ ତାଡ଼ି
ପେସେନ୍‌ସ୍ ରଖିଲେ ବାଘଠୁ ଜିତିବୁ
ପୁଣି ଆମେ ନୂଆ ପିଢି ।।।୧

ହକି ବିଶ୍ୱକପ୍ ପାଇଁ ମୋ କଳିଙ୍ଗ
ଷ୍ଟାଡିୟମ ସଜବାଜ
ହକି ଷ୍ଟାଡିୟମ ଉଦ୍‌ଘାଟନ କରି
ନବୀନ ହେଲେଣି ସଜ
ଦିଲ୍ଲୀପ ଓ ଧନରାଜ
ପ୍ରଦର୍ଶନୀ ମ୍ୟାଚ୍ ଶେଷ ରିୟଲକୁ
ୱେଟ ଏଣ୍ଡ ରଖ ଧୈର୍ଯ୍ୟ ।।।୨

ୱାନ୍‌ଡେ କ୍ରିକେଟରେ ସବୁଠାରୁ କମ୍
ଇନିଂସରେ ସଫଳତା
ଦ୍ରୁତତମ ଟେନ ଥାଉଜାଣ୍ଡ ରନ୍
ଏ ନୁହେଁ ସହଜ କଥା
ବିରାଟ ଉଚ୍ଚ ମଥା
ପେସେନ୍‌ସ୍ ରଖିଲେ ବ୍ୟକ୍ତି ବଢିଥାଏ
ଏକ୍‌ଜାମ୍ପଲ ଅଛି ଲତା ।।।୩

–ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 11 ↑ 73.27 | 343.87 ↓ 33,690.09 | 99.85 ↓ 10,124.90 | ₹125 ↑ 32,625.00 | ₹130 ↓ 39,600.00 |

ବ୍ୟାଙ୍କିଙ୍ଗ ଶିଳ୍ପରେ ଲାଗି ରହିଥିବା ଏନ୍‌ପିଏ ସମସ୍ୟା ବଣ୍ଡ ମାର୍କେଟ ଉନ୍ନତୀକରଣ ଲାଗି ଏକ ସୁଯୋଗ ହେବ।

– ଅଜୟ ତ୍ୟାଗୀ, ସେବି ଅଧ୍ୟକ୍ଷ



ଦୀର୍ଘମିଆଦୀ ଜଗତୀକରଣ ଯୋଜନାରେ ସ୍ଲୋଭାକିଆରେ ସ୍ଥାପନ ହୋଇଥିବା ପ୍ଲାଣ୍ଟ କମ୍ପାନୀର ମାନୁଫାକଚରିଂରେ ନୂଆ ଅଧ୍ୟାୟ ଯୋଡ଼ିବ।

– ରାଫ୍ ସ୍ପେଥ୍, ଜାଗୁଆର୍ ଲ୍ୟାଣ୍ଡ ରୋଭର ମୁଖ୍ୟ ନିର୍ବାହୀ



## ସଂକ୍ଷେପରେ

### ବ୍ରଡ୍‌ବ୍ୟାଣ୍ଡରେ ଭାରତ ବିଶ୍ୱର ଟପ୍-୩ ଦେଶ ହେବ

**ନୂଆଦିଲ୍ଲୀ,୨୫-୧୦:** ଜିଓର ଫାଇବର ଆଧାରିତ ବ୍ରଡ୍‌ବ୍ୟାଣ୍ଡ ଯୋଗୁ ଦେଶ ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ବ୍ୟବହାରରେ ବିଶ୍ୱର ଶୀର୍ଷ ୩ ଦେଶ ମଧ୍ୟରେ ସାମିଲ ହୋଇପାରିବ ବୋଲି ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀ ଗୁରୁବାର କହିଛନ୍ତି। ଇଣ୍ଡିଆ ମୋବାଇଲ କଂଗ୍ରେସରେ ଉଦ୍‌ବୋଧନ ଦେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଅଧ୍ୟକ୍ଷ ଅମ୍ବାନୀ କହିଛନ୍ତି ଯେ, ମୋବାଇଲ ବ୍ୟବହାର କ୍ଷେତ୍ରରେ ଭାରତ ୨ ବର୍ଷ ଭିତରେ ୧୫୫ତମ ସ୍ଥାନରୁ ଉଠି ଆସି ଶୀର୍ଷ ସ୍ଥାନରେ ପହଞ୍ଚିଯାଇଛି। ଜିଓ ଯୋଗୁ ମୋବାଇଲରେ ଇଣ୍ଟରନେଟ୍ ସୁବିଧା ଦେବାରେ ଭାରତ ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି। ପୂର୍ବରୁ ଏହା ୧୩୫ ତମ ସ୍ଥାନରେ ଥିଲା। ସେ କହିଛନ୍ତି ଯେ, ୨ଜି/୩ଜିରୁ ୪ଜିକୁ ପରିବର୍ତ୍ତନର ଗତି ସାରା ବିଶ୍ୱରେ ସବୁଠାରୁ ଦ୍ରୁତତର ହୋଇଛି। ୨୦୨୦ ସୁଦ୍ଧା ଭାରତରେ ସମ୍ପୂର୍ଣ୍ଣ ରୂପେ ୪ଜି ବ୍ୟବହାର ଆରମ୍ଭ ହୋଇଯିବ ବୋଲି ସେ ମତପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଭାରତରେ ସବୁଠାରୁ ବଡ଼ ଡିଜିଟାଲ ପରିବର୍ତ୍ତନ ଆସିବ ବୋଲି ସେ ଅନୁମାନ କରିଛନ୍ତି।

### ଫ୍ଲାଟ କ୍ରେତାଙ୍କ ଅର୍ଥ ଆମ୍ରପାଲି ନିର୍ଦ୍ଦେଶକଙ୍କୁ ଦିଆଯାଇଛି: ଅଡିଟ୍ ରିପୋର୍ଟ

**ନୂଆଦିଲ୍ଲୀ,୨୫-୧୦:** ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ଫୋରେନ୍ସିକ ଅଡିଟର୍ସଙ୍କ ପକ୍ଷରୁ ଗୁରୁବାର ପ୍ରଥମ ଷ୍ଟାଟସ ରିପୋର୍ଟ ଦାଖଲ କରାଯାଇଛି। ଆମ୍ରପାଲି ଗ୍ରୁପ୍‌ରେ କିଭଳି ଫ୍ଲାଟକ୍ରେତାଙ୍କ ଅର୍ଥକୁ ହରିଲୁଟ୍ କରାଯାଉଥିଲା ସେ ସମ୍ପର୍କରେ ଏଥିରେ ସବିଶେଷ ବର୍ଣ୍ଣନା କରାଯାଇଛି। ଫ୍ଲାଟ୍‌କ୍ରେତାଙ୍କ ଅର୍ଥକୁ 'ପ୍ରଫେଶନାଲ ଚାର୍ଜ' ବା ପେସାଦାର ଦେୟ ଆକାରରେ ଆମ୍ରପାଲି ଗ୍ରୁପ୍‌ର ନିର୍ଦ୍ଦେଶକଙ୍କୁ ଦିଆଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଉଲ୍ଲେଖଥାଉ କି, ଘର କ୍ରେତାଙ୍କ ପକ୍ଷରୁ ଦିଆଯାଇଥିବା ୨୭୬୫ କୋଟି ଟଙ୍କା ସମ୍ପର୍କରେ ଫୋରେନ୍ସିକ୍ ଅଡିଟ୍ କରିବାକୁ ସୁପ୍ରିମକୋର୍ଟ ଦୁଇ ଅଡିଟର ରବି ଭାଟିଆ ଏବଂ ପବନ କୁମାର ଅଗ୍ରୱାଲଙ୍କୁ ନିଯୁକ୍ତ କରିଥିଲେ।

### ବିତ୍ତୀୟ ନିଅଣ୍ଟ ୯୫.୩% ଛୁଇଁଲା

**ନୂଆଦିଲ୍ଲୀ,୨୫-୧୦:** ଭାରତର ବିତ୍ତୀୟ ନିଅଣ୍ଟ ପରିମାଣ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ୯୫.୩%ରେ ପହଞ୍ଚିଯାଇଛି ବୋଲି ସରକାରୀ ତଥ୍ୟ କହୁଛି। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ବିତ୍ତୀୟ ନିଅଣ୍ଟ ପରିମାଣ ୫.୯୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ଚଳିତ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ୬.୨୪ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା। ଗତବର୍ଷ ଦେଶର ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୩.୫% ଥିବା ବେଳେ ଚଳିତ ବର୍ଷ ଏହାକୁ ୩.୩%ରେ ସୀମିତ ରଖିବାକୁ କେନ୍ଦ୍ର ସରକାର ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଚଳିତ ବର୍ଷର ଦ୍ୱିତୀୟ ୬ ମାସରେ ଖର୍ଚ୍ଚକାଟ୍ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ।

## ■ ଶେଷ ପର୍ଯ୍ୟାୟରେ ଆଇବିସି ମାମଲା

# ୫୪,୩୮୯ କୋଟି ଫେରାଇବ ଏସାର୍ ଷ୍ଟିଲ୍

**ନୂଆଦିଲ୍ଲୀ,୨୫-୧୦:**

ଆଇବିସି ଆଇନ ଅଧୀନରେ ଏସାର୍ ଷ୍ଟିଲ୍ ବିରୋଧରେ ଋଣ ସମାଧାନ ମାମଲା ଚାଲିଛି। ବିଶ୍ୱର ସର୍ବବୃହତ ଷ୍ଟିଲ ନିର୍ମାତା ଆର୍ସେଲର ମିତ୍ତଲ ଏହି କମ୍ପାନୀକୁ କିଣି ନେବା ଏକପ୍ରକାର ସ୍ଥିର ହୋଇଛି। ନିଜ ହାତରୁ କମ୍ପାନୀ ଚାଲିଯିବାର ଅନୁମାନ କରି ଏହାର ମାଲିକ ରୁଇୟା ପରିବାର ଶେଷ ମୁହୂର୍ତ୍ତରେ ନୂଆ ଚାଲ୍ ଖେଳିଛନ୍ତି। ସମସ୍ତଙ୍କୁ ଚକିତ କରି ଏସାର ଷ୍ଟିଲ୍ ସମସ୍ତ ବକେୟା ଋଣ ଫେରାଇ ଦେବ ବୋଲି କହିଛି। କମ୍ପାନୀ ଏଥିପାଇଁ ୫୪,୩୮୯ କୋଟି ଟଙ୍କାର ସମାଧାନ ପ୍ରସ୍ତାବ ଦେଇଛି। ତେବେ ଆଇବିସି(ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍) ଅଧୀନରେ ଚାଲିଥିବା ମାମଲାକୁ ପ୍ରତ୍ୟାହାର କରି ନେବା ପାଇଁ କମ୍ପାନୀ ବୋର୍ଡ ସର୍ତ୍ତ ଦେଇଛି। କମ୍ପାନୀ ଉପରେ ଏବେ ୪୯ ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ଅଧିଗ୍ରହଣ ଲାଗି ଆର୍ସେଲର ମିତ୍ତଲ ଗ୍ରୁପ୍ ୫୦ ହଜାର କୋଟି ଟଙ୍କାର ପ୍ରସ୍ତାବ ଦେଇଛି।

ଗୁରୁବାର ଏସାର ଷ୍ଟିଲ୍ ପକ୍ଷରୁ କୁହାଯାଇଛି ଯେ, ଏହା ଋଣପ୍ରଦାନକାରୀଙ୍କୁ ୫୪,୩୮୯ କୋଟି ଟଙ୍କା ଫେରାଇବାକୁ ରାଜି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏସାର ଷ୍ଟିଲ୍‌ର ଶେୟାରଧାରକଙ୍କ ପକ୍ଷରୁ ଏକ ପ୍ରସ୍ତାବ କମିଟି ଅଫ୍ କ୍ରେଡିଟର୍ସ(ସିଓସି) ବା ଋଣ ପ୍ରଦାନକାରୀଙ୍କ କମିଟିଙ୍କୁ ଗୁରୁବାର ଦିଆଯାଇଛି। ଏଥିରେ ଆଇବିସି କୋଡ୍‌ର ଧାରା ୧୨ଏ ଅନୁସାରେ ସମସ୍ତ ବକେୟା ଋଣ ଫେରସ୍ତ ସମ୍ପର୍କରେ କୁହାଯାଇଛି। ବୋର୍ଡର ଯୋଜନାନୁଯାୟୀ କମ୍ପାନୀ ସମସ୍ତ ଋଣ ପ୍ରଦାନକାରୀଙ୍କୁ ୪୭,୫୦୭ କୋଟି ଟଙ୍କା ନଗଦ ଆକାରରେ ପ୍ରଦାନ କରିବ। ତନ୍ମଧ୍ୟରେ ବରିଷ୍ଠ ସୁରକ୍ଷିତ ବିତ୍ତୀୟ ଋଣପ୍ରଦାନକାରୀଙ୍କ ୪୫,୫୫୯ କୋଟି ଟଙ୍କା ସାମିଲ କରାଯାଇଛି ବୋଲି ପ୍ରସ୍ତାବରେ ଉଲ୍ଲେଖ ରହିଛି। ଏହାଦ୍ୱାରା ସମସ୍ତ ଋଣପ୍ରଦାନକାରୀଙ୍କୁ ସେମାନଙ୍କ ବକେୟା ମିଳିଯିବ। ଉଲ୍ଲେଖ କରାଯାଇପାରେ ଯେ, ଏସାର ଷ୍ଟିଲ୍‌କୁ କିଣିବା ଲାଗି ବିଶ୍ୱର ସର୍ବବୃହତ୍ ଷ୍ଟିଲ କମ୍ପାନୀ ଆର୍ସେଲର ମିତ୍ତଲ ଏକମାତ୍ର ବିଡର ଭାବେ ଯେଉଁ ପ୍ରସ୍ତାବ ଦେଇଥିଲା ତାକୁ ସିଓସି ଗ୍ରହଣ କରିନେଇଛି। ଏହି ପ୍ରସ୍ତାବ ଅଦାଲତରେ ଉପସ୍ଥାପନ କରାଯିବ। ଅଦାଲତର ଅନୁମୋଦନ ପରେ ଆର୍ସେଲର ମିତ୍ତଲ ଏସାର ଷ୍ଟିଲ୍‌କୁ ଅଧିଗ୍ରହଣ କରିଥାନ୍ତା। ତେବେ ଏହା ପୂର୍ବରୁ ଏସାର ଷ୍ଟିଲ୍ ପକ୍ଷରୁ ନୂଆ ପ୍ରସ୍ତାବ ଦିଆଯାଇଛି। ବ୍ୟାଙ୍କ ବ୍ୟତୀତ ଅନ୍ୟ ସମସ୍ତ ଋଣ ପ୍ରଦାନକାରୀଙ୍କ ବକେୟା ଋଣ ପରିଶୋଧ କରିବାକୁ ଏସାର ଷ୍ଟିଲ୍ ପ୍ରସ୍ତାବ ଦେବା ପରେ ସମସ୍ତ ପ୍ରକ୍ରିୟା ଏବେ ଭିନ୍ନ ମୋଡ ନେଇଛି। ଏହି ପ୍ରସ୍ତାବ ଜରିଆରେ କମ୍ପାନୀକୁ ଆଇବିସି ପ୍ରକ୍ରିୟାରୁ ବାଦ୍ ଦେବାକୁ ସିଓସିକୁ ଅନୁରୋଧ କରାଯାଇଛି। ସୂଚନାଥାଉ କି, ଏହି ପ୍ରକ୍ରିୟାରୁ ଏସାରକୁ କେବଳ ସିଓସି ହିଁ ବାହାର କରିପାରିବ। ଏହାକୁ ଏଥିପାଇଁ କ୍ଷମତା ମିଳିଛି। ସୂଚନାଥାଉ କି, ଆର୍ସେଲର ମିତ୍ତଲର ପ୍ରସ୍ତାବ ଗ୍ରହଣ କଲେ ସିଓସିକୁ ମୋଟ୍ ଋଣର ଅଧିକାଂଶ ହରାଇବାକୁ ପଡିବ। ଅନ୍ୟପକ୍ଷରେ ଏସାର ଗ୍ରୁପ୍ ସମ୍ପୂର୍ଣ୍ଣ ଋଣ ଫେରାଇବାକୁ ପ୍ରସ୍ତାବ ଦେଇଛି। କମ୍ପାନୀର ଉକ୍ତ ପଦକ୍ଷେପକୁ ସମର୍ଥନ କରି ଏସାର ଗ୍ରୁପ୍ ଡାଇରେକ୍ଟର ପ୍ରଶାନ୍ତ ରୁଇୟା କହିଛନ୍ତି ଯେ, ବିଭିନ୍ନ ବାହ୍ୟ କାରଣରୁ ଏସାର ଷ୍ଟିଲ୍ ଅସୁବିଧାରେ ପଡିଯାଇଥିଲା। ସମସ୍ତ ପକ୍ଷଙ୍କୁ ସୁହାଇଲା ଭଳି ଶ୍ରେଷ୍ଠ ସମାଧାନ ସୂତ୍ର ବାହାର କରିବା ଲାଗି କମ୍ପାନୀ ଚେଷ୍ଟା ଚଳାଇ ଆସିଛି। ଏପରିକି ମାମଲା ଅଦାଲତକୁ ଯିବା ପୂର୍ବରୁ ସବୁକିଛି ରଫାଦଫା କରିବା ଲାଗି କମ୍ପାନୀ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଋଣପ୍ରଦାନକାରୀ ଏହାକୁ ମାନି ନ ଥିଲେ। ନୂଆ ପ୍ରସ୍ତାବରେ ସମସ୍ତ ଋଣପ୍ରଦାନକାରୀ ସେମାନଙ୍କ ଅର୍ଥ ଫେରିପାଇବେ, ଏଥିରେ ସନ୍ଦେହ ନାହିଁ।




- ■ ଋଣ ସମାଧାନ ପ୍ରକ୍ରିୟାରୁ ବାଦ୍ ଦେବାକୁ କମ୍ପାନୀର ସର୍ତ୍ତ
- ■ କମ୍ପାନୀ ଉପରେ ୪୯୦୦୦ କୋଟିର ଋଣ
- ■ ଅଧିଗ୍ରହଣ ପାଇଁ ଆର୍ସେଲର ମିତ୍ତଲ ଥିଲା ନଂ୧ ବିଡର

## ଗ୍ରେଭସ୍‌ର ନୂଆ ପମ୍ପସେଟ୍

**ଭୁବନେଶ୍ୱର,୨୫-୧୦**

ଗ୍ରେଭସ କଟନ୍ ଲିମିଟେଡ ପକ୍ଷରୁ ନୂଆ ଓଏଚ୍‌ଭି ପମ୍ପସେଟ୍ ବଜାରକୁ ଆସିଛି । ଭୁବନେଶ୍ୱରର ଏକ ହୋଟେଲରେ ଏହାର ବଜାର ପ୍ରବେଶ ହୋଇଥିଲା। ଏହି ପମ୍ପସେଟରେ ଗ୍ରାହକମାନେ ନ୍ୟୂନ ମେଣ୍ଟେନାନ୍ସ ଖର୍ଚ୍ଚ ଲାଭ କରିପାରିବେ। ଏଥିରେ ମେକାନିକାଲ ସିଲ୍ ଏବଂ ଡୁଆଲ୍ ଏୟାର କ୍ଲିନର, ଲୋ ନଏଜ, ହେଭି ଡ୍ୟୁଟି ପରଫରମାନ୍ସ, ପରିବେଶ ଉପଯୋଗୀ,ଲୋ ରନିଂ କଷ୍ଟ ଏବଂ ହାଇ ୱାଟର ଡିସ୍‌ଚାର୍ଜ ଭଳି ସୁବିଧା ଗ୍ରାହକ ଲାଭ କରିପାରିବେ। ଏହାଦ୍ୱାରା ଚାଷୀମାନେ ବିଶେଷ ଭାବେ ଲାଭବାନ ହୋଇ ପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।




## ପୁରୀ-ରାଉରକେଲା ପାସେଞ୍ଜର ଚାରିଦିନ ପାଇଁ ଆଂଶିକ ବାତିଲ୍

**ଭୁବନେଶ୍ୱର,୨୫-୧୦**

ଶୁକ୍ରବାରଠାରୁ ସୋମବାର ଯାଏ ରାଉରକେଲା-ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ ଆଂଶିକ ବାତିଲ ରହିବ। ସମ୍ବଲପୁର ଏବଂ ରେଢାଖୋଲ ଷ୍ଟେଶନ ମଧ୍ୟରେ ରେଲୱେର ବିଦ୍ୟୁତୀକରଣ କାର୍ଯ୍ୟ ତଥା ଅନ୍ୟାନ୍ୟ ନିରାପତ୍ତା କାର୍ଯ୍ୟ ପାଇଁ ଟ୍ରେନ ଆଂଶିକ ବାତିଲ ରହୁଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏହା ଉଭୟ ଦିଗରୁ ରାଉରକେଲା ଏବଂ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ। ଅପରପକ୍ଷରେ ସମ୍ବଲପୁର ଏବଂ ପୁରୀ ମଧ୍ୟରେ ଏହା ବାତିଲ ରହୁଥିବା ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## କୌଶଳ ବିକାଶ କ୍ଷେତ୍ରରେ ହୋଣ୍ଡା ଟୁହ୍ୱିଲର୍ସର ଯୋଗଦାନ




**ଭୁବନେଶ୍ୱର,୨୫-୧୦**

ଦେଶରେ କୁଶଳୀ ଯୁବଶକ୍ତିଙ୍କୁ ଗଢି ତୋଳିବା କ୍ଷେତ୍ରରେ ପ୍ରମୁଖ କମ୍ପାନୀ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଏହାର ଯୋଗଦାନ ରଖିଛି। ଏହି ଧାରାକୁ ଆଗକୁ ବଢାଇବା ଲାଗି କମ୍ପାନୀ ଜାତୀୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷ(ଏନ୍‌ଏସ୍‌ଡିସି) ସହ ଚୁକ୍ତିରେ ସାମିଲ ହୋଇଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ଦେଶରେ ୧୦ ଅଟୋମୋଟିଭ୍ ଲାବରେଟୋରୀ ସ୍ଥାପନ କରିବ। ଏନ୍‌ଏସ୍‌ଡିସି ଅଧୀନରେ ଥିବା ୧୦ ଲର୍ନିଂ ସେଣ୍ଟରକୁ ସହାୟତା କରିବା ଲାଗି କମ୍ପାନୀ ଯୋଜନା ଧାର୍ଯ୍ୟ କରିଛି। ପୂର୍ବାଞ୍ଚଳ ରାଜ୍ୟଗୁଡିକ କମ୍ପାନୀର ନଜରରେ ରହିଛି। କଲିକତା, ଗୁଆହାଟୀ, ରାଞ୍ଚି, ପାଟଣା, ଜୟପୁର, ଯୋଧପୁର, ବିଜୟୱାଡା, ଡେରାଡୁନ, ବାରାଣସୀ ଏବଂ କଟକ ଭଳି ସ୍ଥାନକୁ ପ୍ରାଥମିକତା ଦିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଆସନ୍ତା ବର୍ଷ ଶେଷ ସୁଦ୍ଧା ୧୨୦୦ଙ୍କୁ ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି। ଏଭଳି ପଦକ୍ଷେପ ଦ୍ୱାରା ଦେଶର ଯୁବକଙ୍କୁ ସଶକ୍ତ କରାଯାଇପାରିବ ବୋଲି କମ୍ପାନୀର ଗ୍ରାହକ ସେବା ଉପସଭାପତି ପ୍ରଦୀପ ପାଣ୍ଡେ ସୂଚନା ଦେଇଛନ୍ତି।

## ତିତ୍‌ଲି ପରେ ବିଦ୍ୟୁତ୍ ଭିତ୍ତିଭୂମି ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ



**ଭୁବନେଶ୍ୱର,୨୫-୧୦**

ତିତ୍‌ଲି ଦ୍ୱାରା ପ୍ରଭାବିତ ରାୟଗଡା, ଗଞ୍ଜାମ, ଗଜପତି ଏବଂ କନ୍ଧମାଳର ବିଦ୍ୟୁତ ଭିତ୍ତିଭୂମି ତଥା ବିଦ୍ୟୁତ୍ ସେବାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଶକ୍ତି ବିଭାଗ ଏହାର ଅଧୀନ ସମସ୍ତ ସରକାରୀ ଉଦ୍ୟୋଗଗୁଡିକ ଏହି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରଖିଛନ୍ତି। ଅତୀତର ଫାଇଲିନ ଏବଂ ହୁଡ୍‌ହୁଡ୍ ଅଭିଜ୍ଞତାକୁ ନଜରରେ ରଖି ଶକ୍ତି ବିଭାଗ ତିତ୍‌ଲି ମୁକାବିଲା ପାଇଁ ବ୍ୟାପକ ପ୍ରାକ୍ ପ୍ରସ୍ତୁତି କରିଥିଲା। ସମ୍ଭାବ୍ୟ ଜିଲାଗୁଡିକୁ ପୂର୍ବରୁ ଆବଶ୍ୟକୀୟ ଉପକରଣ ସହ ପୁନରୁଦ୍ଧାର ଦଳ ପଠାଯାଇଥିଲା। ଭୁବନେଶ୍ୱରଠାରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍ ଏହି ପୁନରୁଦ୍ଧାର ଦଳଗୁଡିକର କାର୍ଯ୍ୟକୁ ତଦାରଖ କରିଥିଲା। ପୁନରୁଦ୍ଧାର କାର୍ଯ୍ୟର ତଦାରଖ ଲାଗି ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଶକ୍ତି ସଚିବ ହେମନ୍ତ ଶର୍ମା ପ୍ରଭାବିତ ଜିଲାଗୁଡିକରେ କ୍ୟାମ୍ପ କରିଥିଲେ। ଯେଉଁ ପରିମାଣର ପୁନରୁଦ୍ଧାର କାର୍ଯ୍ୟ ୬ ଦିନ ମଧ୍ୟରେ ହୋଇ ପାରିଛି ତାହା କରିବାକୁ ୬ ମାସ ସମୟ ଲାଗିଥାନ୍ତା ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।

NATIONAL INSTITUTE OF FASHION TECHNOLOGY, BBSR
(Ministry of Textile, Govt. of India)

**E-TENDER NOTICE**

E-Tenders are invited by NIFT Bhubaneswar for procurement of items for Photography Lab, last date for receipt of e-tender is **16.11.2018**. Details available in e-tender portal and NIFT\website **www.nift.ac.in/bhubaneswar**

- Director

## ବଣିକ ପକ୍ଷରୁ ସିଭିଲ ସର୍ଭିସ ଲାଗି ସ୍ୱତନ୍ତ୍ର କୋଚିଂ

**ଭୁବନେଶ୍ୱର,୨୫-୧୦**

ସିଭିଲ ସର୍ଭିସର ପ୍ରମୁଖ କୋଚିଂ ପ୍ରତିଷ୍ଠାନ ବଣିକ୍ ଆଇଏଏସ୍ ପକ୍ଷରୁ ସିଭିଲ୍ ସର୍ଭିସ ଲାଗି ସ୍ୱତନ୍ତ୍ର କୋଚିଂ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୧୯ର ଭାରତୀୟ ପ୍ରଶାସନିକ ସେବା ଏବଂ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ଲାଗି ଏଠାରେ କୋଚିଂ ପ୍ରଦାନ କରାଯିବ। ଅକ୍ଟୋବର ୨୯ଠାରୁ ସକାଳ ଏବଂ ସନ୍ଧ୍ୟାରେ ଏହା ଆରମ୍ଭ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଆଶାୟୀଙ୍କୁ ଆଗାମୀ ବର୍ଷର ପରୀକ୍ଷା ଲାଗି ଆଗୁଆ ପ୍ରସ୍ତୁତିର ସୁଯୋଗ ପ୍ରଦାନ କରାଯାଉଥିବା ବଣିକ ଆଇଏଏସ୍ ପ୍ରତିଷ୍ଠାନର ସିଇଓ ସୁବ୍ରତ ଛାଟୋଇ ସୂଚନା ଦେଇଛନ୍ତି। ଏଥିଲାଗି ଏକ ସ୍କଲାରଶିପ ପରୀକ୍ଷା ସେହିଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ସେହିଭଳି ପ୍ରଶାସନିକ ସେବା ପ୍ରସ୍ତୁତି କୌଶଳ ସମ୍ପର୍କିତ ଏକ ସେମିନାର ଅନୁଷ୍ଠିତ ହେବ। ଏଥିରେ ଦିଲ୍ଲୀର ବରିଷ୍ଠ ପ୍ରଶିକ୍ଷକ ଗୌରବ ଝା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରମୋଦ ପାଢୀଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ସେବା ଲାଗି ଆଶାୟୀଙ୍କୁ ଏଠାରେ ପ୍ରସ୍ତୁତ କରାଯାଉଛି। ଭାରତୀୟ ପ୍ରଶାସନିକ ସେବା, ଓଡିଶା ପ୍ରଶାସନିକ ସେବା, ଓଡିଶା ଫରେଷ୍ଟ ସର୍ଭିସ ବାଦ ସିଭିଲ୍ ସର୍ଭିସ ଫାଉଣ୍ଡେସନ କୋର୍ସ ଏଠାରେ ପ୍ରଦାନ କରାଯାଉଛି। ପ୍ରତିଷ୍ଠାନରେ ୫୦ରୁ ଅଧିକ ପ୍ରଶିକ୍ଷକ ତାଲିମ ପ୍ରଦାନ କରୁଛନ୍ତି। ୨୪ ଘଣ୍ଟିଆ ଲାଇବ୍ରେରି ବ୍ୟବସ୍ଥା, ନିଜସ୍ୱ ହଷ୍ଟେଲ ସୁବିଧା, ୱାଇଫାଇ କ୍ୟାମ୍ପସ ସହ ବିଭିନ୍ନ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

VANIK-IAS
Exclusive Coaching for UPSC/OPSC/PSC

OFFICE OF THE HEADMASTER
KASTURABA GANDHI BALIKA VIDYALAYA, PONDUGUDA
BLOCK- KOSAGUMUDA, DIST.- NABRANGPUR, PIN- 764061
Cell: 9178507393 (HM) Email: kgbvponduguda@rediffmail.com
Letter No. 98/2018 Date: 25.10.2018
ଶିକ୍ଷା ଅଧିକାର

**TENDER CALL NOTICE**

Sealed tenders are invited from the registered / reputed firms who having valid PAN, GST registration for supply of Reading Writing Materials & Dress Materials to KGBV Ponduguda, Block- Kosagumuda, Dist.- Nabarangapur. Bids should be submitted in the envelope duly marked on the top "Tender for supply of Reading Writing Materials & Dress Materials" to the Headmistress, KGBV Ponduguda, Block- Kosagumuda during office hours by 5.00PM of Dt.27.11.18. The bid document shall be opened at 10.00AM on Dt.28.11.18 in the office of the Headmistress, KGBV Ponduguda, Block-Kosagumuda in the presence of the bidders or their authorised representatives. Any SMC member / official staffs related to the KGBV not allowed to participate as a bidder in tender process invited at KGBV level. The KGBV purchase Committee reserves the right to accept or reject the tender in whole or in part without assigning any reason thereof. The terms and conditions for the tender can be downloaded from the official website http://www.opepa.in and nabarangpur.nic.in.

*Sd./- Headmistress, KGBV Ponduguda, Kosagumuda*

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
OPTCL Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, CIN:U4102OR2004SGC007553

**e-TENDER NOTICE NO CPC-21/2018-19**

For and on behalf of ODISHA POWER TRANSMISSION CORPORATION LTD., Sr. G.M. [C.P.C.] invites Tenders from manufacturers in two part bidding system for supply of Control & Power Cables. Complete set of bidding documents are available at **www.tenderwizard.com/OPTCL** from dt. **26.10.2018** at **(10.30 Hrs.)** to dt. **22.11.2018** at **(11.00 Hrs.)** Interested Manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

**N.B:** All subsequent addendums/corrigendums to the tender shall be uploaded in **www.tenderwizard.com/OPTCL** only. Interested Bidders are requested to visit e-tender portal for update information of tender (Corrigendum/addendum etc.)

CR-Advt.No.- 49/18-19 Chief General Manager (C.P.C.)
Please connect us: optcl.odisha optcl_odisha energyodisha

idco Your power to grow | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022
No. HO/CIV/T&E/E4437/01/2018/21241 Date:23.10.2018

**EXPRESSION OF INTEREST**

Expression of Interest is invited from Architects for rendering Architectural Planning & Design Services for "Upgradation of Sports Infrastructure of Dharani Dhar Sports Complex (DDSC) at Sankarpur in Keonjhar District. The detail EOI notice can be seen in our web site **www.idco.in** (in tenders EoI/REP/Others) The bid document can be downloaded from 5.00 PM of 26.10.2018. The last date of submission of the EOI is 15.11.2018 by 5.00P.M.

Sd/-
Chief General Manager (Civil)I/C
IDCO, Bhubaneswar

**ତହସିଲଦାରଙ୍କ କାର୍ଯ୍ୟାଳୟ, କାକଟପୁର**
ନୋଟିସ ସଂଖ୍ୟା: ୪୨୪୯ ତାରିଖ: ୧୬।୧୦।୨୦୧୮

**ଦୀର୍ଘମିଆଦୀ ଲଘୁ ଖଣିଜ ଲିଜ୍ ନିମନ୍ତେ ସଂଶୋଧିତ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ ୨୦୧୭ ଅନୁଯାୟୀ କାକଟପୁର ତହସିଲ ଅନ୍ତର୍ଗତ ଲତାହରଣ ମୌଜାର ବାଲି ଉତ୍ସରେ ମହଜୁଦ ଥିବା (ଲଘୁ ଖଣିଜ ଦ୍ରବ୍ୟ)କୁ ଆଗାମୀ ୫ ବର୍ଷ ନିମନ୍ତେ ୨୦୧୮-୧୯ ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଆବେଦନକାରୀ ୩ କିତା "M" ଫର୍ମ ପୂରଣ କରିବା ସହିତ ଏହି ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୨୮୮ ତା.୧୬।୧୦।୨୦୧୮ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୨୨।୧୦।୨୦୧୮ ରିଖ ଠାରୁ ତା୧୫।୧୧।୨୦୧୮ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଆବେଦନ କରିପାରିବେ। ଏ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ପୁରୀ ଜିଲ୍ଲା Website-www.puri.nic.in ରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରୁ ଅବଗତ ହୋଇପାରିବେ।

ସ୍ୱା./-
ତହସିଲ୍‌ଦାର, କାକଟପୁର

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**
ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର– 751013
ଭୁବନେଶ୍ୱର, ତା. 25.10.2018

**ବିଜ୍ଞପ୍ତି**

No. 49-N : ସଂଖ୍ୟା– ପରୀକ୍ଷା ବିଭାଗ –I/281/18/5334/ ଉମାଶିପ/ ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ / ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା 2019 ମାର୍ଚ୍ଚ ମାସରେ ହେବାକୁଥିବା ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ନିମନ୍ତେ ପୂର୍ବ ନିୟମିତ (Ex-Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖ ଗୁଡିକ ଧାର୍ଯ୍ୟ କରାଯାଇଛି।

| | | | |
|---|---|---|---|
| ୧. | ବିନା ଜୋରିମାନା | – | ତା. 29.10.2018 ରୁ ତା. 03.11.2018 ପର୍ଯ୍ୟନ୍ତ |
| ୨. | 50 ଟଙ୍କା ଜୋରିମାନା | – | ତା. 05.11.2018 ରୁ ତା. 10.11.2018 ପର୍ଯ୍ୟନ୍ତ |
| ୩. | 350 ଟଙ୍କା ଜୋରିମାନା | – | ତା. 12.11.2018 ରୁ ତା. 14.11.2018 ପର୍ଯ୍ୟନ୍ତ |

ଏହାର ସବିଶେଷ ବିବରଣୀ www.samsodisha.gov.in ୱେବସାଇଟ୍‌ରେ ଉପଲବ୍ଧ ଅଛି।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ
ସ୍ୱା./– ବିଜୟ କୁମାର ସାହୁ
ପରୀକ୍ଷା ନିୟନ୍ତ୍ରକ

11003/11/0014/1819

ଧରିତ୍ରୀ DHARITRI
ଶୁକ୍ରବାର, ୨୬ ଅକ୍ଟୋବର, ୨୦୧୮





❝ମୋତେ ସରକାରୀ ଚାକିରି ମିଳିଥିଲେ ହେଁ ମୁଁ ଫୁଟ୍‌ବଲ ଛାଡ଼ିବି ନାହିଁ। କାରଣ ଏଥିରୁ ମୋତେ ବହୁତ ଆନନ୍ଦ ମିଳିଥାଏ।
–ଶେହନାଜ ବସିର, କଶ୍ମୀର ଫୁଟ୍‌ବଲର




## ସଂକ୍ଷେପରେ

### ଅନ୍ତର୍ଜାତୀୟ କ୍ରିକେଟରୁ ବ୍ରାଭୋଙ୍କ ସନ୍ୟାସ

**ପୋର୍ଟ ଅଫ୍ ସ୍ପେନ, ୨୫।୧୦(ପି.ଟି.):** ନିଜର ବିସ୍ଫୋରକ ବ୍ୟାଟିଂ, ଚତୁର ବୋଲିଂ ଓ ଜବରଦସ୍ତ ଫିଲ୍ଡିଂ ଲାଗି ବିଶ୍ୱ କ୍ରିକେଟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୱେଷ୍ଟଇଣ୍ଡିଜ ତାରକା ଅଲ୍‌ରାଉଣ୍ଡର ଡ୍ୱେନ ବ୍ରାଭୋ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଛନ୍ତି। ତେବେ ଅବସର ପରେ ବିଶ୍ୱର ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଥିବା ଟି୨୦ କ୍ରିକେଟ ଲିଗ୍‌ରେ ଖେଳ ଜାରି ରଖିବେ ବୋଲି ୩୫ ବର୍ଷୀୟ ବ୍ରାଭୋ କହିଛନ୍ତି। ବର୍ତ୍ତମାନ ଭାରତ ଗସ୍ତରେ ଥିବା ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ନ ଥିବା ବ୍ରାଭୋ ୨୦୦୪ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସୀମିତ ଓଭର କ୍ରିକେଟରେ ଜଣେ ସ୍ପେଶାଲିଷ୍ଟ ଭାବେ ପରିଚୟ ଲାଭ କରିଥିବା ଏହି ଅଲ୍‌ରାଉଣ୍ଡର ଦୀର୍ଘ ୧୪ ବର୍ଷର କ୍ରିକେଟ କ୍ୟାରିୟର ମଧ୍ୟରେ ୧୬୪ଟି ଦିନିକିଆ, ୪୦ଟି ଟେଷ୍ଟ ଓ ୬୬ଟି ଟି୨୦ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଯଥାକ୍ରମେ ୨୯୬୮, ୨୨୦୦ ଓ ୧୧୪୨ ରନ ସଂଗ୍ରହ କରିଛନ୍ତି। ସେହିଭଳି ଦିନିକିଆରେ ୧୯୯, ଟେଷ୍ଟରେ ୮୬ ଓ ଟି୨୦ରେ ୫୨ ଉଇକେଟ୍ ସହ ମୋଟ୍ ଉପରେ ସେ ୩୩୭ଟି ଅନ୍ତର୍ଜାତୀୟ ଉଇକେଟ୍ ନେଇଛନ୍ତି। ବ୍ରାଭୋ ଶେଷଥର ପାଇଁ ୨୦୧୬ରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଏକ ଟି୨୦ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ। ସେହିଭଳି ୨୦୧୪ ଓ ୨୦୧୦ରେ ଯଥାକ୍ରମେ ସେ ନିଜର ଅନ୍ତିମ ଦିନିକିଆ ଓ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ବ୍ରାଭୋଙ୍କ ନେତୃତ୍ୱ ସମୟରେ ୱେଷ୍ଟଇଣ୍ଡିଜ ଟିମ୍ ଜାତୀୟ ବୋର୍ଡର ନିଷ୍ପତ୍ତିକୁ ବିରୋଧ କରି ଭାରତ ଗସ୍ତ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ଜୋର୍‌ଦାର ଚର୍ଚ୍ଚା ହୋଇଥିଲା। ବ୍ରାଭୋଙ୍କ ଏହା ଅନ୍ତିମ ଦିନିକିଆ ସିରିଜ ଥିଲା।

**ସାଫ୍ ଚାମ୍ପିୟନଶିପ୍**

### ପରାଜୟରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ, ୨୫।୧୦(ପି.ଟି.):** ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଫୁଟ୍‌ବଲ ଦଳ ସାଫ୍ ଚାମ୍ପିୟନଶିପ୍ (୧୫ ବର୍ଷରୁ କମ୍) ପ୍ରତିଯୋଗିତାରେ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଗୁରୁବାର ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ନିକଟରୁ ୨-୧ ଗୋଲରେ ପରାସ୍ତ ହୋଇଛି। କାଠମାଣ୍ଡୁର ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ପାକିସ୍ତାନ ଅଗ୍ରଣୀ ହାସଲ କରିଥିଲା। ମ୍ୟାଚ୍‌ର ୩୦ତମ ମିନିଟ୍‌ରେ ଆଦନାନ୍ ଜଷ୍ଟିନ ଭାରତ ଗୋଲପୋଷ୍ଟକୁ ବଲ୍ ପଠାଇବାରେ ସଫଳ ହେବା ସହ ପାକିସ୍ତାନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଭାରତ ମ୍ୟାଚ୍‌କୁ ବରାବର୍‌ସ୍ଥିତିକୁ ଆଣିଥିଲା। ଭାରତ ପକ୍ଷରୁ ତଲାଚେଉ ଭନଲାଲ୍‌ରୁଟଫେଲା ୫୩ତମ ମିନିଟ୍‌ରେ ଗୋଲ ସ୍କୋର କରି ୧-୧ ସ୍ତରକୁ ଆଣିଥିଲେ। କିନ୍ତୁ ମ୍ୟାଚ୍‌ର ୮୫ତମ ମିନିଟରେ ପାକିସ୍ତାନ ନିର୍ଣ୍ଣାୟକ ୨ୟ ଗୋଲ ଦେଇ ଦଳକୁ ୨-୧ରେ ବିଜୟୀ କରାଇଥିଲେ। ଭାରତ ତା'ର ଅନ୍ତିମ ମ୍ୟାଚ୍‌ରେ ଶନିବାର ଭୁଟାନକୁ ଭେଟିବ।

### ଶୁବମନ ଗିଲଙ୍କ ଶତକ; ଫାଇନାଲରେ ଭାରତ ସି'

**ନୂଆଦିଲ୍ଲୀ, ୨୫।୧୦(ପି.ଟି.):** ୧୯ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଶୁବମନ ଗିଲଙ୍କ ଶତକ ବଳରେ ଭାରତ ସି' ଚଳିତ ଦେଓଧର ଟ୍ରଫିର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ସି'୬ ଉଇକେଟରେ ଭାରତ ଏ'କୁ ପରାସ୍ତ କରିଛି। ଜାତୀୟ ଚୟନକର୍ତ୍ତାଙ୍କ ଉପସ୍ଥିତିରେ ଶୁବମନ ୧୧୧ବଲର ସମ୍ମୁଖୀନ ହୋଇ ୧୦୬ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍‌ରେ ୩ ଛକା ଓ ୮ ଚୌକା ସାମିଲ ଥିଲା। ୨୯୪ ରନ୍‌ର ଟାର୍ଗେଟ ପିଛା କରୁଥିବା ଭାରତ ସି' ୮୫ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଶୁବମନଙ୍କୁ ଈଶାନ କିଶାନ ଓ ସୂର୍ଯ୍ୟକୁମାର ଯାଦବ ଆବଶ୍ୟକୀୟ ସହାୟତା ଦେଇଥିଲେ। କିଶାନ ୬୦ ବଲରୁ ୬୯ ରନ୍ କରିଥିବାବେଳେ ସୂର୍ଯ୍ୟକୁମାର ୩୬ ବଲରୁ ବିସ୍ଫୋରକ ୫୬ ରନ୍‌ର ଇନିଂସ୍ ଖେଳିଥିଲେ। ଏହାପୂର୍ବରୁ ଅଭିମନ୍ୟୁ ଈଶ୍ୱରନ (୬୯), ଅନମୋଲପ୍ରିତ ସିଂ (୫୯) ଓ ନୀତୀଶ ରାଣା (୬୮)ଙ୍କ ଅର୍ଦ୍ଧଶତକ ଯୋଗୁ ଭାରତ ଏ' ଧାର୍ଯ୍ୟ ୫୦ ଓଭରରେ ୬ ଉଇକେଟ ହରାଇ ୨୯୩ ରନ୍ କରିଥିଲା। ଶେଷ ଆଡକୁ ସିନିୟର ବ୍ୟାଟ୍ସମ୍ୟାନ କେଦାର ଯାଦବ ୨୫ ବଲରୁ ୪୧ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ଆହତ ସମସ୍ୟା ଲାଗି ଜାତୀୟ ଦଳରୁ ବାଦ୍ ପଡ଼ିବା ପରେ କେଦାର ଏହି ମ୍ୟାଚ୍ ଜରିଆରେ ପଡ଼ିଆକୁ ଫେରିଛନ୍ତି। ଭାରତ ସି' ପକ୍ଷରୁ ଅଭିଜ୍ଞ ରବିଚନ୍ଦ୍ର ଅଶ୍ୱିନ, ଧାବଲ କୁଲକର୍ଣ୍ଣି ଓ ଶାମ୍‌ସ ମୁଲାନି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଭୁବନେଶ୍ୱରରେ ହେବ ଏସିଆର ପ୍ରଥମ ଏକାମ୍ର ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ

**ଭୁବନେଶ୍ୱରରେ ହେବାକୁ ଯାଉଛି ଏସିଆର ସର୍ବବୃହତ୍ ତଥା ସମ୍ମାନଜନକ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ। ନଭେମ୍ବର ୨ ଓ ୩ ତାରିଖରେ ହେବାକୁଥିବା ଏହି ମେଗା କାର୍ଯ୍ୟକ୍ରମରେ ଦେଶ ବିଦେଶର ପ୍ରତିଷ୍ଠିତ କ୍ରୀଡ଼ା ତାରକା, ସାହିତ୍ୟିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଖବରଦାତା ଏବଂ ପ୍ରତିଷ୍ଠିତ ଲେଖକ ଗୋଟିଏ ସ୍ଥାନରେ ଏକାଠି ହେବେ।**

❝ଭୁବନେଶ୍ୱରରେ ଖେଳ ଓ ଲେଖକ ମହଲର ଉନ୍ନତ ଚିନ୍ତାଧାରା ସମ୍ପନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନଙ୍କୁ ନେଇ ଏକ ମହୋତ୍ସବର ଆୟୋଜନ ହେଉ ବୋଲି ମୁଁ ସ୍ୱପ୍ନ ଦେଖିଆସୁଥିଲି। ତାହା ଏବେ ସାକାର ହେବାକୁ ଯାଉଛି। କ୍ରୀଡ଼ା ପ୍ରତି ଓଡ଼ିଶା ଭଳି ରାଜ୍ୟ ଯେଭଳି ଆଗ୍ରହ ପ୍ରକାଶ କରିଛି, ବର୍ତ୍ତମାନ ଭାରତର ଅନ୍ୟ କୌଣସି ସହରଠାରୁ ତାହା ଆଶା କରାଯାଇ ପାରିବ ନାହିଁ ବୋଲି କହିଛନ୍ତି ଇମର୍ଜିଂ ସ୍ପୋର୍ଟ୍ସ ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ଖବରଦାତା ସନ୍ଦୀପ ମିଶ୍ର। ସ୍ପୋର୍ଟ୍ସ ଲିଟେରାରି ମହୋତ୍ସବକୁ ସନ୍ଦୀପ ସମସ୍ତ କ୍ରୀଡ଼ା ପ୍ରେମୀଙ୍କୁ ସ୍ୱାଗତ କରିଛନ୍ତି।



ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ହେବାକୁ ଯାଉଛି ଏସିଆର ସର୍ବବୃହତ୍ ତଥା ସମ୍ମାନଜନକ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ । ନଭେମ୍ବର ୨ ଓ ୩ ତାରିଖରେ ହେବାକୁଥିବା ଏହି ମେଗା କାର୍ଯ୍ୟକ୍ରମରେ ଗୋଟିଏ ସ୍ଥାନରେ ଏକାଠି ହେବେ ଦେଶ ବିଦେଶର ପ୍ରତିଷ୍ଠିତ କ୍ରୀଡ଼ା ତାରକା, ସାହିତ୍ୟିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ସାମ୍ବାଦିକ ଏବଂ ପ୍ରତିଷ୍ଠିତ ଲେଖକ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍ । ହକି ମହାକୁମ୍ଭ ଆୟୋଜନ ହେବାର କିଛି ସପ୍ତାହ ପୂର୍ବରୁ ସ୍ପୋର୍ଟ୍ସ ଲିଟେରାରୀ ଫେଷ୍ଟିଭାଲ ଭୁବନେଶ୍ୱରରେ ଖେଳର ଏକ ଭିନ୍ନ ମାହୋଲ ସୃଷ୍ଟି କରିବ ନିଶ୍ଚିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରିବା କର୍ଯ୍ୟକ୍ରମ ରହିଛି।

ସ୍ପୋର୍ଟ୍ସ ଲିଟେରାରୀ ଫେଷ୍ଟିଭାଲରେ କ୍ରୀଡ଼ା ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗର ହେଭିୱେଟ ବ୍ୟକ୍ତିବିଶେଷ ଯୋଗଦେବେ। ହୋଟେଲ ମେ ଫେୟାର ଲାଗୁନ୍‌ରେ ୨ ଦିନଧରି ହେବାକୁଥିବା ଏହି କ୍ରୀଡ଼ା ମହୋତ୍ସବରେ ୩୦ ଜଣ ଶ୍ରେଷ୍ଠ ବକ୍ତା ସେମାନଙ୍କ ବହୁମୂଲ୍ୟ କାର୍ଯ୍ୟ, କୃତିତ୍ୱ, ସଫଳତା ଓ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ କରାଇବେ। ଭାରତରେ ଏଭଳି ଏକ ମହୋତ୍ସବ ଆୟୋଜନ ହେବା ଏହା ପ୍ରଥମ। ଫଳରେ ଏଭଳି ଏକ ଉଚ୍ଚକୋଟୀର କାର୍ଯ୍ୟକ୍ରମ ନିଃସନ୍ଦେହରେ କ୍ରୀଡ଼ା ଓ ସାହିତ୍ୟ ଜଗତରେ ଚର୍ଚ୍ଚା ସୃଷ୍ଟି କରିବ। ଏଥିସହିତ ନୂଆ କ୍ରୀଡ଼ାଦର୍ଶନ ଓ ରଣନୀତିକୁ ଏହି ଉତ୍ସବ ବାଟ ଦେଖାଇବାରେ ସହାୟକ ହେବ।

ଦୁଇଦିନିଆ ଏହି ମହୋତ୍ସବରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଖ୍ୟାତିଲାଭ କରିଥିବା କ୍ରୀଡ଼ା ଲେଖକ, ଖେଳାଳି, କୋଚ୍ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଯୋଗଦେବେ। ୧୯୯୨ ଅଲିମ୍ପିକ୍ସ ୧୦୦ ମିଟର ଗୋଲ୍ଡ ମେଡାଲିଷ୍ଟ ଲିନ୍‌ଫୋର୍ଡ କ୍ରିଷ୍ଟି, ପୂର୍ବତନ କାନାଡ଼ାନିଆ ସ୍ପ୍ରିଣ୍ଟର ବେଞ୍ଜାମିନ୍ ସିନ୍‌କ୍ଲେୟାର ଜନସନ, ୨୦୦୮ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଶୁଟର ଅଭିନବ ବିନ୍ଦ୍ରା, 'ଦ ଡିର୍ଟିଏଷ୍ଟ ରେସ୍ ଇନ୍ ହିଷ୍ଟ୍ରି'ର ଲେଖକ ରିଚାର୍ଡ ମୁରେ, ୱେଷ୍ଟଇଣ୍ଡିଜ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କର୍ଟନୀ ୱାଲ୍ସ, ବ୍ରିଟିଶ୍ ଜର୍ନାଲିଷ୍ଟ ସାଇମନ ଜେମ୍ସ, କାନାଡ଼ିଆନ ଲେଖକ(ଏକାଡେମିକ୍) ଅଲିମ୍ପିଆନ ବ୍ରୁସ କିଡ୍, ମେଡିକାଲ ଆନ୍ଥ୍ରୋପୋଲୋଜିଷ୍ଟ ଡ. କାଟ୍ରିନା ଆଲିସିଆ କାର୍କାଜିସ, ପୂର୍ବତନ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ଶାନ୍ତି ସୁନ୍ଦରରାଜନ, ୨୦୧୬ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଦକ୍ଷିଣ ଆଫ୍ରିକାର କାଷ୍ଟର ସିମେନ୍ୟା, ୧୯୭୬ ଓ ୧୯୮୪ ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସ ଗୋଲ୍ଡ ମେଡାଲିଷ୍ଟ ଏଡ୍‌ୱିନ ମୋସେସ, ଭାରତୀୟ ସ୍ପ୍ରିଣ୍ଟର ଅଲିମ୍ପିଆନ ଓଡ଼ିଶାର ଶ୍ରାବଣୀ ନନ୍ଦ, ଭାରତର ପୂର୍ବତନ ସ୍ପ୍ରିଣ୍ଟ କୁଇନ୍ ପି.ଟି. ଉଷା, ୧୯୮୪ ଅଲିମ୍ପିକ୍ସ ୪୦୦ ମିଟର ହର୍ଡଲ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ମରକ୍କୋର ପୂର୍ବତନ କ୍ରୀଡ଼ାମନ୍ତ୍ରୀ ନାୱାଲ ଏଲ ମୌତାୱାକେଲ, ଭାରତୀୟ କ୍ରିକେଟ କିମ୍ବଦନ୍ତୀ ଇ.ଏ.ଏସ୍ ପ୍ରସନ୍ନା, ବି.ଏସ. ଚନ୍ଦ୍ରଶେଖର, ପୂର୍ବତନ ଅଧିନାୟକ ବିଶେନ ସିଂ ବେଦୀ, ଦିଲୀପ ଭେଙ୍ଗସରକାର, ମହମ୍ମଦ ଆଝାରୁଦ୍ଦିନ, ରାହୁଲ ଦ୍ରାବିଡ଼, ପୂର୍ବତନ କ୍ରିକେଟର ସଞ୍ଜୟ ମଞ୍ଜ୍ରେକର, ଅଜୟ ଜାଡେଜା, ପୂର୍ବତନ ଶ୍ରୀଲଙ୍କା ଅଫ୍‌ସ୍ପିନର ମୁଥୟା ମୁରଲୀଧରନ, ପୂର୍ବତନ ଭାରତୀୟ ହକି ଅଧିନାୟକ ଅନିଲ ଆଲେକଜାଣ୍ଡର ଆଲଡ୍ରିନ, ଧନରାଜ ପିଲ୍ଲେ, ବି.ଭାସ୍କରନ, ପଦ୍ମଶ୍ରୀ ଦିଲୀପ ତିର୍କୀ, ୧୯୬୮ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ କଲୋନେଲ ବଲବୀର ସିଂ, ଏଭରେଷ୍ଟ ଆରୋହୀ କଲୋନେଲ ଜୋରାୱର ସିଂ, ଭାରତୀୟ ଫୁଟବଲ ଅଧିନାୟକ ସୁନୀଲ ଛେତ୍ରୀ, ପୂର୍ବତନ ଭାରତୀୟ ଫୁଟବଲ ଗୋଲକିପର ଭାସ୍କର ଗାଙ୍ଗୁଲି, ପୂର୍ବତନ ଭାରତୀୟ ଫୁଟବଲର ମନୋରଞ୍ଜନ ଭଟ୍ଟାଚାର୍ଯ୍ୟ, ପ୍ରତିଷ୍ଠିତ ଭାରତୀୟ ଫୁଟବଲ ବିଶେଷଜ୍ଞ ନୋଭି କାପାଡିଆ, ସିନିୟର ଲେଖକ ଗ୍ରାଣ୍ଟ ୱାହଲ, ବ୍ରାଜିଲିଆନ କ୍ରୀଡ଼ା ପ୍ରତିନିଧି ତଥା ଲେଖକ ଆଣ୍ଡ୍ରୁ ଡୋୱିନ, ୧୯୭୬ ଅଲିମ୍ପିକ୍ସ ୪୦୦ ଓ ୮୦୦ ମିଟର ଗୋଲ୍ଡ ମେଡାଲିଷ୍ଟ ଆଲବର୍ଟୋ ଜୁଆନଟୋରେନା, ୧୯୭୫ ଏସିଆନ ଟ୍ରିପଲ ଗୋଲ୍ଡ ମେଡାଲିଷ୍ଟ ରାମ ସିଂ ଶେଖାୱତ, ଭାରତୀୟ ଫ୍ରିଷ୍ଟାଇଲ ରେସଲର ସୁଶୀଲ କୁମାର, ଭାରତୀୟ ପେସାଦାର ବକ୍ସର ବିଜେନ୍ଦର ସିଂ, ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ, ଇଂଲିଶ୍ କାଉଣ୍ଟି କ୍ରିକେଟର ତଥା ଲେଖକ ଆଲାନ ୱିଲକିନ୍ସ, ଭାରତୀୟ ହକି ତାରକା ସନ୍ଦୀପ ସିଂଙ୍କ ଉପରେ ନିର୍ମାଣାଧୀନ ଚଳଚ୍ଚିତ୍ର 'ସୁରମା'ରେ ଅଭିନୟ କରିଥିବା ଦିଲଜିତ ଦୋସାଞ୍ଜ, ଅଭିନେତା ଅକ୍ଷୟ କୁମାର ଏବଂ ଅଲିମ୍ପିଆନ ଅଭିନବ ବିନ୍ଦ୍ରାଙ୍କ ଉପରେ ନିର୍ମିତ ଚଳଚ୍ଚିତ୍ରର ଅଭିନେତା ହର୍ଷବର୍ଦ୍ଧନ କପୁର ପ୍ରମୁଖ ଏଥିରେ ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ବିଶାଲ ଦେବ ଓ କ୍ରୀଡ଼ା ପ୍ରଶଂସକ ମଧ୍ୟ ଏହି ଉତ୍ସବରେ ଯୋଗଦେବେ।

# ଏସିଆନ ବାଳିକା ରଗ୍‌ବୀ ସେଭେନ୍ସ ଆଜିଠାରୁ

**ଭୁବନେଶ୍ୱର, ୨୫।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଏସିଆ ରଗବୀ ଏବଂ ରଗବୀ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ ବର୍ଷରୁ କମ୍ ବାଳିକା ଏସିଆନ ରଗବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଆରମ୍ଭ ହେବ। ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାକୁ ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

ପ୍ରଥମଥର ପାଇଁ ଭାରତରେ ଏଭଳି ଅନ୍ତର୍ଜାତୀୟସ୍ତରର ବୟସବର୍ଗ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଭାରତୀୟ ଦଳ କୌଣସି ପ୍ରଥମ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ ଖେଳିବ। କ୍ରମାଗତ ତୃତୀୟ ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦୁଇଟି ସଂସ୍କରଣ ଦୁବାଇ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିଲା।

ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତୀୟ ୧୮ ବର୍ଷରୁ କମ୍ ବାଳିକା ଦଳର ସଦସ୍ୟାଙ୍କ ସମେତ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ବିଶାଲ ଦେବ, ପୂର୍ବତନ ଭାରତୀୟ ରଗ୍‌ବୀ ଖେଳାଳି, ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ରାହୁଲ ବୋଷ, ପୂର୍ବତନ ଭାରତୀୟ ରଗବୀ ଅଧିନାୟକ ତଥା ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ଜେନେରାଲ ମ୍ୟାନେଜର ନାସିର ହୁସେନ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

ଏଭଳି ଏକ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଆମ ପାଇଁ ଏକ ଗୌରବର ବିଷୟ ବୋଲି ବିଶାଲ କହିଥିଲେ। ବିଶ୍ୱର ଶ୍ରେଷ୍ଠ ୧୨ଟି ଦଳ ଏଥିରେ ଭାଗନେବ। ସେହିପରି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଲୋକପ୍ରିୟ କ୍ରୀଡ଼ା ରଗ୍‌ବୀ ଏବେ ଭାରତରେ ତା'ର ଚମକ ଦେଖାଇବା ଆରମ୍ଭ କରିଛି ବୋଲି ରାହୁଲ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଏବେକାର ଖେଳାଳି ଓ ଆଗାମୀ ପିଢି ପାଇଁ ପ୍ରେରଣାଦାୟୀ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ଏସିଆର ୧୨ ଦଳ ଅଂଶଗ୍ରହଣ କରିବେ। ଆୟୋଜକ ଭାରତ ସମେତ ହଂକଂ, ଚାଇନା, ୟୁଏଇ, ଫିଲିପାଇନ୍ସ, ଲାଓସ୍, କାତାର, ନେପାଳ, ଚାଇନିଜ ତାଇପେ, ଶ୍ରୀଲଙ୍କା, ବାଂଲାଦେଶ ଓ ଥାଇଲାଣ୍ଡ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ଚାଇନା ନମ୍ବର ୱାନ, ହଂକଂ ୨ୟ ଓ ଭାରତ ୩ୟ ସ୍ଥାନୀୟ ଦଳଭାବେ ପ୍ରତିଯୋଗିତା ଖେଳିବେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଫୁଟବଲର ସୁନୀଲ ଛେତ୍ରୀ, ତାରକା ମହିଳା ହେପ୍ଟାଥଲେଟ୍ ସ୍ୱପ୍ନା ବର୍ମନ, ଏସିଆ ରଗ୍‌ବୀ ଅଧକ୍ଷ ଆଗା ହୁସେନ, ଭାରତୀୟ ରଗବୀ ଫୁଟବଲ ୟୁନିୟନ ଅଧକ୍ଷ ନୁମାଜାର ମେହଜା ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ରାତି ୭ଟାରୁ ୯.୧୫, ଶନିବାର ଅପରାହ୍ନ ୧୨.୩୦ରୁ ରାତି ୮.୩୦ ଓ ରବିବାର ଅପରାହ୍ନ ୧ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡ଼ିକ ଖେଳାଯିବ ବୋଲି ସୂଚନା ଦିଆ ଯାଇଛି।



ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡାଠାରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କଠାରୁ ଖେଳାଳିମାନେ କପ୍ ନେଉଛନ୍ତି ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ଦାମନଯୋଡି ଚାମ୍ପିୟନ

**ତେନ୍ତୁଳିଖୁଣ୍ଟି, ୨୫।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡାଠାରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦାମନଯୋଡି ଓ ହରିଡାପୁଟ ଦଳ ପରସ୍ପରକୁ ଭେଟିଥିଲେ। ଦାମନଯୋଡି ହରିଡାପୁଟକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ତେନ୍ତୁଳିଖୁଣ୍ଟି ଲ୍ୟାମ୍ପ୍‌ସ ଏମ୍‌ଡି ବସନ୍ତ ପାଣିଗ୍ରାହୀ ମୁଖ୍ୟଅତିଥି, ଲ୍ୟାମ୍ପ୍‌ସ ସଭାପତି ଅଖିଳ ଭତ୍ରା ମୁଖ୍ୟବକ୍ତା ଓ ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ସିଂ, କୁମର ପୂଜାରୀ, ଭୀଷ୍ମ ଜାନି, ଲକ୍ଷ୍ମୀ ବିଶୋଇ, ବାରିଜ ପଟ୍ଟନାୟକ, ଜାନକୀ ବିଶୋଇ, ଧଣ୍ଡୁରା ସରପଞ୍ଚ ବୃନ୍ଦାବନ ନାୟକ, ଆଇନଜୀବୀ ତପନ ସିଂ, ଗ୍ରେସିମଣି ଖୁରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୁନୁ ନାୟକ, ଲକ୍ଷ୍ମଣ ପଣ୍ଡା ପ୍ରମୁଖ ମୁଖ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଟିମ୍ ଭାଗ ନେଇଥିଲେ।




# ଭାରତ ପ୍ରଥମଥର ଚାମ୍ପିୟନ

ହକି ବିଶ୍ୱକପ୍‌ର ତୃତୀୟ ସଂସ୍କରଣ ୧୯୭୫ରେ ଆୟୋଜିତ ହୋଇଥିଲା। ମାଲେସିଆ ରାଜଧାନୀ କୁଆଲାଲମ୍ପୁରରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ବିଶ୍ୱକପ୍ ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ବିଶ୍ୱକପ୍‌ର ଏହି ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା ଓ ଭାରତ ପାଇଁ ଏହା ପ୍ରଥମ ବିଶ୍ୱକପ୍ ଟାଇଟଲ ସାବ୍ୟସ୍ତ ହୋଇଥିଲା। ସାରା ଟୁର୍ଣ୍ଣାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ଫାଇନାଲକୁ ଉଠିଥିଲା। ଫାଇନାଲରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ ଗୋଲରେ ପରାସ୍ତ କରି ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ପଶ୍ଚିମ ଜର୍ମାନୀ ଆୟୋଜକ ମାଲେସିଆକୁ ୪-୦ ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଭୟ ଭାରତ ଓ ପାକିସ୍ତାନ ଦ୍ୱିତୀୟଥର ପାଇଁ ଏହି ସଂସ୍କରଣର ଫାଇନାଲରେ ପ୍ରବେଶ କରିଥିଲେ। ପାକିସ୍ତାନ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଟାଇଟଲ ହାସଲ କରିଥିଲା। ଭାରତ ୧୯୭୩ ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିଲା। ଏହି ବିଶ୍ୱକପ୍‌ରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। କୁଆଲାଲମ୍ପୁରର ମେର୍ଡେକା ଷ୍ଟାଡିୟମରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ମୋଟ ଉପରେ ୪୨ଟି ମ୍ୟାଚ୍ ଖେଳାଯାଇଥିଲା ମୋଟ ଉପରେ ୧୭୫ଟି ଗୋଲ ସ୍କୋର ହୋଇଥିଲା। ମ୍ୟାଚ୍ ପିଛା ହାରାହାରି ଗୋଲ ସଂଖ୍ୟା ଥିଲା ୪.୧୭। ଭାରତ ପୂର୍ବରୁ ଏକାଧିକବାର ଅଲିମ୍ପିକ୍ସ ଚାମ୍ପିୟନ ହୋଇଥିଲେ ମଧ୍ୟ ପ୍ରଥମଥର ପାଇଁ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଫଳରେ ଭାରତ ପାଇଁ ଏହି ବିଶ୍ୱକପ୍ ବିଶେଷ ଉପଲବ୍ଧି ଆଣିଦେଇଥିଲା। ଅବଶ୍ୟ ଏହା ପରେ ଭାରତ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହେବାର ସୌଭାଗ୍ୟ ହାସଲ କରିପାରିନାହିଁ।



ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ପାକିସ୍ତାନ ତରଫରୁ ଜାହିଦ ଶେଖ ୧୭ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହା ପରେ ଭାରତ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା ଓ ଦୁଇଟି ଗୋଲ ଦେଇ ମ୍ୟାଚ୍ ହାତେଇବା ସହ ଚାମ୍ପିୟନ ହୋଇଥିଲା। ଭାରତ ତରଫରୁ ୪୪ତମ ମିନିଟ୍‌ରେ ସୁରଜିତ୍ ସିଂ ରାନ୍ଧାୱା ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ୫୧ତମ ମିନିଟ୍‌ରେ ଅଶୋକ କୁମାର ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଉଭୟ ଦଳ ତରଫରୁ ଘନଘନ ଆକ୍ରମଣ ହୋଇଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା। ଫଳରେ ଭାରତ ମ୍ୟାଚ୍ ହାତେଇ ନେଇଥିଲା। ସେମିଫାଇନାଲରେ ଭାରତ ମାଲେସିଆକୁ ୩-୨ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପଟେ ପାକିସ୍ତାନ ୫-୧ ଗୋଲରେ ପଶ୍ଚିମ ଜର୍ମାନୀକୁ ହରାଇ ଫାଇନାଲ ଟିକେଟ ହାସଲ କରିଥିଲା।

ଭାରତ ପୁଲ୍ ବି'ରେ ସ୍ଥାନ ପାଇଥିଲା। ପୁଲ ପର୍ଯ୍ୟାୟରେ ଭାରତ ମୋଟ ୫ଟି ମ୍ୟାଚ୍ ଖେଳି ୩ଟି ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୧୦ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଅନ୍ୟପଟେ ପାକିସ୍ତାନ ପୁଲ ଏ'ରେ ୫ଟି ମ୍ୟାଚ୍ ଖେଳି ୩ଟି ବିଜୟ, ୨ଟି ଡ୍ର ସହ ୧୧ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ପୁଲ ପର୍ଯ୍ୟାୟରେ ଭାରତ ପ୍ରଥମେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇଥିଲା। ସେହିପରି ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୧-୧ ଗୋଲରେ ଡ୍ର ରଖିଥିଲା। ଏହାପରେ ତୃତୀୟ ମ୍ୟାଚ୍‌ରେ ଭାରତ ୭-୦ ଗୋଲରେ ଘାନାକୁ ହରାଇଥିଲା। ଚତୁର୍ଥ ମ୍ୟାଚ୍‌ରେ ଭାରତ ୧-୨ ଗୋଲରେ ଆର୍ଜେଣ୍ଟିନାଠାରୁ ପରାସ୍ତ ହୋଇଥିଲା। ପଞ୍ଚମ ମ୍ୟାଚରେ ଭାରତ ପଶ୍ଚିମ ଜର୍ମାନୀକୁ ୩-୧ ଗୋଲରେ ହରାଇଥିଲା।

ବିଶ୍ୱକପ୍‌ର ଏହି ସଂସ୍କରଣରେ ମାଲେସିଆ ଚତୁର୍ଥ, ଅଷ୍ଟ୍ରେଲିଆ ପଞ୍ଚମ, ଇଂଲଣ୍ଡ ଷଷ୍ଠ, ନ୍ୟୁଜିଲାଣ୍ଡ ସପ୍ତମ, ସ୍ପେନ୍ ଅଷ୍ଟମ, ଗତଥରର ଚାମ୍ପିୟନ ନେଦରଲାଣ୍ଡ ନବମ, ପୋଲାଣ୍ଡ ଦଶମ, ଆର୍ଜେଣ୍ଟିନା ଏକାଦଶ ଓ ଘାନା ଦ୍ୱାଦଶ ସ୍ଥାନରେ ରହିଥିଲା।

ଟୁର୍ଣ୍ଣାମେଣ୍ଟରେ ୩ଜଣ ଖେଳାଳି ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ପାକିସ୍ତାନ ମଞ୍ଜୁର- ଉଲ- ହାସନ, ନେଦରଲାଣ୍ଡର ଟିଏସ୍ କ୍ରୁଇଜ୍ ଓ ଷ୍ଟିଫେନ ଓଟୁଲାକୋୱସ୍କି ୭ଟି ଲେଖାଏ ଗୋଲ ସ୍କୋର କରି ମିଳିତ ଭାବେ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ।

**ଭାରତୀୟ ଦଳ:** ଲେସିଲି ଫର୍ଣ୍ଣାଣ୍ଡିଜ୍, ଅଶୋକ ଦିୱାନ, ସୁରଜିତ୍ ସିଂ, ମାଇକେଲ କିଣ୍ଡୋ, ଅସଲାମ ସେର ଖାଁ, ବରିନ୍ଦର ସିଂ, ଓନ୍‌କାର ସିଂ, ମହିନ୍ଦର ସିଂ, ଅଜିତ୍ ପାଲ ସିଂ, ଅଶୋକ କୁମାର, ବି.ପି. ଗୋବିନ୍ଦା, ହରଚରଣ ସିଂ, ହରଜିନ୍ଦର ସିଂ, ଭାଡିଭେଲଉ ଫିଲିପ୍ସ, ଶିବାଜୀ ପାୱାର ଓ ବିପି କାଲିଆ।

“ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ କାକରରେ ବୋଲିଂ କରିବା କଷ୍ଟକର ହୋଇଥିଲା ।
–କୁଲଦୀପ ଯାଦବ, ଭାରତୀୟ ବୋଲର



“ଭାରତ ବିପକ୍ଷ ଦିନିକିଆ ସିରିଜରେ ଭଲ କରିବାକୁ ହେଲେ ଆମକୁ ଦଳଗତ ସ୍ଥିର ପ୍ରଦର୍ଶନ କରିବାକୁ ପଡ଼ିବ ।
–ସାଇ ହୋପ୍, ୱେଷ୍ଟଇଣ୍ଡିଜ ଉଇକେଟକିପର ବ୍ୟାଟ୍ସମ୍ୟାନ




## ସଂକ୍ଷେପରେ

### ଭାରତୀୟ ଦଳରେ ଭୁବନେଶ୍ୱର, ବୁମ୍ରା ସାମିଲ



**ମୁମ୍ବାଇ, ୨୫।୧୦:** ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତିମ ୩ଟି ଦିନିକିଆ ମ୍ୟାଚ୍ ଲାଗି ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ପ୍ରଥମ ଦୁଇଟି ଦିନିକିଆ ଖେଳିଥିବା ଭାରତୀୟ ଦଳରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଘୋଷିତ ୧୫ ଜଣିଆ ଦଳରୁ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ବାଦ୍ ଦିଆଯାଇଛି। ଅପରପକ୍ଷରେ ଦୁଇ ପ୍ରମୁଖ ବୋଲର ଭୁବନେଶ୍ୱର କୁମାର ଓ ଯଶପ୍ରୀତ୍ ବୁମ୍ରା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରଥମ ଦୁଇ ମ୍ୟାଚ୍ ଲାଗି ଉଭୟଙ୍କୁ ବିଶ୍ରାମ ଦିଆଯାଇଥିଲା। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍‌କୁ ଭାରତ ୮ ଉଇକେଟ୍‌ରେ ଜିତିଥିଲା। କିନ୍ତୁ ବିଶାଖାପାଟଣାରେ ବୁଧବାର ଖେଳାଯାଇଥିବା ୨ୟ ମ୍ୟାଚ୍ ରୋମାଞ୍ଚକ ଭାବେ ଟାଇରେ ସମାପ୍ତ ହୋଇଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଶତକ ବଳରେ ଭାରତ ୬ ଉଇକେଟ୍ ହରାଇ ୩୨୧ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ବିନିମୟରେ ସେହି ସମାନ ସ୍କୋର କରିଥିଲା। ସାଇ ହୋପ୍ସ ଅପରାଜିତ ଶତକ ସହ ଶେଷ ବଲରେ ଚୌକା ମାରି ମ୍ୟାଚ୍‌କୁ ଟାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସିରିଜର ୩ୟ ମ୍ୟାଚ୍ ୨୭ରେ ପୁଣେରେ ଖେଳାଯିବ।

**ଘୋଷିତ ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ମହେନ୍ଦ୍ର ସିଂ ଧୋନୀ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ, କୁଲଦୀପ୍ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ୍ ବୁମ୍ରା, ଖଲିଲ ଅହମ୍ମଦ, ଲୋକେଶ ରାହୁଲ ଓ ଉମେଶ ଯାଦବ।

# ରେକର୍ଡ ସ୍କୋର ସହ ଭାରତ ବିଜୟୀ

## ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ

- ଭାରତ ୨-୦ରେ ସିରିଜ ଅଗ୍ରଣୀ
- ଅଜୟ 'ମ୍ୟାନ ଅଫ ଦି ମ୍ୟାଚ୍'
- ଓଡ଼ିଆ ଖେଳାଳି ଲିଙ୍ଗରାଜଙ୍କ ଅର୍ଦ୍ଧଶତକ

କଟକ ଅଫିସ,୨୫।୧୦

ନିମପୁର ଗ୍ରାଉଣ୍ଡରେ ଇତିହାସ ରଚିଛି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ। ଗୁରୁବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତ ୪୬୪ ରନ୍ କରିବା ସହ ଘରୋଇ ମାଟିରେ ସର୍ବାଧିକ ରନ୍ ସଂଗ୍ରହ କରିବାର ରେକର୍ଡ ସୃଷ୍ଟି କରିଛି। ଜାତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୦ ମସିହାରେ ଇଂଲଣ୍ଡ ମାଟିରେ ଇଂଲଣ୍ଡ ବିପକ୍ଷରେ ଭାରତ ୫୦୮ ରନ୍ କରିଥିଲା। ଗୁରୁବାର ମ୍ୟାଚ୍‌ରେ ଭାରତ ୧୧୩ ରନ୍‌ରେ ବିଜୟୀ ହୋଇ ୨–୦ରେ ଅଗ୍ରଣୀ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ନିଜ ଅକ୍ତିଆରରେ ରଖିଛି। ଅଧିନାୟକ ଅଜୟ କୁମାର ରେଡ୍ଡୀ ଅଲରାଉଣ୍ଡର ପ୍ରଦର୍ଶନ ଯୋଗୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ ।

ଶ୍ରୀଲଙ୍କା ଟସ୍ ଜିତି ଭାରତକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଡି. ଭେଙ୍କଟେଶ୍ୱରଙ୍କ ସହ ଓପନିଂ କରିଥିଲେ ଓଡ଼ିଆ ପ୍ରତିଭା ଲିଙ୍ଗରାଜ ରାଉତରା। ଉଭୟ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ। ଦଳୀୟ ସ୍କୋର ୩୫ ହୋଇଥିବା ବେଳେ ଓପନର ଭେଙ୍କଟେଶ୍ୱର ୧୨ବଲରୁ ୨୦ରନ୍ କରି ଆଉଟ ହୋଇଥିଲେ। ପରେ କ୍ରିଜ୍‌କୁ ଆସିଥିଲେ ଅନ୍ୟତମ ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକ୍‌ବାଲ । ଜାଫର ମାତ୍ର ୬ ରନ୍‌ରେ କ୍ଲିନ ବୋଲ୍ଡ ହେବା ସହ ଉପସ୍ଥିତ ଘରୋଇ ଦର୍ଶକଙ୍କୁ ନିରାଶ କରିଥିଲେ । ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଟି.ଦୁର୍ଗାରାଓ ମଧ ଅଧିକ ସମୟ କ୍ରିଜ୍‌ରେ ତିଷ୍ଠି ନ ପାରି ୧୧ ରନ୍‌ରେ ଆଉଟ ହୋଇଥିଲେ । ୬୩ ରନ୍‌ରେ ଭାରତ ପ୍ରଥମ ୩ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ମାତ୍ର ଓଡ଼ିଆ ଖେଳାଳି ଲିଙ୍ଗରାଜ ଓ ଅଧିନାୟକ ଅଜୟ କୁମାର ରେଡ୍ଡୀ ୪ର୍ଥ ଉଇକେଟରେ ୯୮ରନ୍ ଯୋଡ଼ିଥିଲେ। ଉଭୟ ଭାରତର ସ୍କୋରକୁ ଦ୍ରୁତଗତିରେ ଆଗେଇ ନେଉଥିବା ବେଳେ ଲିଙ୍ଗରାଜ ଦୁର୍ଭାଗ୍ୟବଶତଃ ରନ୍‌ଆଉଟର ଶିକାର ହୋଇଥିଲେ। ଲିଙ୍ଗରାଜ ୪୪ ବଲରୁ ୬୪ ରନ୍ କରିଛନ୍ତି। ବ୍ୟାଟିଂକ୍ରମ ୬ନଂରେ କ୍ରିଜ୍‌କୁ ଆସିଥିବା ବସାପା ୱାଡଗୁଲ ମାତ୍ର ୮ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ୧୬୭ ରନ୍‌ରେ ଭାରତ ୫ଟି ଉଇକେଟ ହରାଇଥିଲା। ୬ଷ୍ଠ ଉଇକେଟ ଯୋଡ଼ିରେ ଅଧିନାୟକ ଅଜୟ ଓ ଉପଅଧିନାୟକ ସୁନୀଲ ରମେଶ ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଉଭୟ ଶ୍ରୀଲଙ୍କା ବୋଲରଙ୍କଠାରୁ ସହଜରେ ବାଉଣ୍ଡାରି ରନ୍ ହାସଲ କରୁଥିବା ଦେଖିବାକୁ ମିଳିଥିଲା। ୨୧ ବଲରୁ ୫୩ ରନ୍ କରି ସୁନୀଲ ଆଉଟ ହେବା ପରେ କ୍ରିଜ୍‌କୁ ଆସିଥିବା ଅନିଲ ଭାଇ ଗାରିୟା ଖେଳିଥିଲେ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଇନିଂସ୍। ଅନିଲ ଅନ୍ତିମ କିଛି ଓଭରରେ ବଡ଼ ଶଟ୍‌ମାନ ଖେଳି ଶ୍ରୀଲଙ୍କା ବୋଲରଙ୍କୁ ନାକେଦମ କରିଥିଲେ। ନିର୍ଦ୍ଧାରିତ ୪୦ ଓଭରରେ ଭାରତ ୪୬୪ ରନ୍ କରିଥିବା ବେଳେ ଅଧିନାୟକ ଅଜୟ ସର୍ବାଧିକ ରନ୍ କରିଥିଲେ। ସେ ୮୨ ବଲରୁ ଅପରାଜିତ ୧୬୨ ରନ କରିଛନ୍ତି। ଅନ୍ୟପକ୍ଷରେ ଅନିଲ ୪୭ ବଲରୁ ୧୧୩ ରନ୍ କରି ଅପରାଜିତ ଥିଲେ । ଶ୍ରୀଲଙ୍କା ପକ୍ଷରୁ ସୁରଙ୍ଗ ସମ୍ପଥ ୭୧ରନ୍ ବିନିମୟରେ ସର୍ବାଧିକ ୩ଟି ଉଇକେଟ ଦଖଲ କରିଛନ୍ତି। ଜବାବରେ ୪୬୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ଶ୍ରୀଲଙ୍କା ପ୍ରାରମ୍ଭରୁ ୨ଟି ଉଇକେଟ ହରାଇଥିଲା। ଓପନର ସୁରାଂଶା ସମ୍ପଥ ୭ରନ୍‌ରେ ଓ ରୁୱାନ ୱାଶାନ୍ଥା ୧୫ ରନରେ ଆଉଟ ହୋଇଥିଲେ । ପରେ ଅନ୍ୟତମ ଓପନର ସହନ କୁମାରା ଓ ଶ୍ରୀଲଙ୍କାର ଦୁର୍ଦ୍ଧର୍ଷ ଖେଳାଳି ଚନ୍ଦନା ଦେଶପ୍ରିୟ ଦଳକୁ ବିଜୟୀ କରିବା ନିମନ୍ତେ ଚେଷ୍ଟା କରିଥିଲେ। ସହନ ୬୦ ରନ୍‌ରେ ଓ ଚନ୍ଦନା ୧୦୪ ରନ୍‌ରେ ଆଉଟ ହେବା ପରେ ଶ୍ରୀଲଙ୍କା ବିଜୟ ଲକ୍ଷ୍ୟଠାରୁ ପଛରେ ପଡ଼ିଯାଇଥିଲା । କେ. ସିଲ୍‌ଭା ୪୧ରନ୍, ଚନ୍ଦନା ବନ୍ଦରା ୨୧ ରନ୍, ପ୍ରିୟନ୍ଥା ପେରେରା ୩୦ରନ୍, ଦିମାଥୁ ରବୀନ୍ଦ୍ର ୪ ରନ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ୮ ଉଇକେଟ ହରାଇ ୩୫୦ ରନ୍ କରିଥିଲା । ଜଣେ ଖେଳାଳି ରିଟାୟର୍ଡହର୍ଟ ହୋଇ ପଡ଼ିଆ ଛାଡ଼ିଥିଲେ। ଭାରତ ପକ୍ଷରୁ ଦୀପକ ମଲ୍ଲିକ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଅଧିନାୟକ ଅଜୟ ରେଡ୍ଡୀଙ୍କ ସମେତ ୨ ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଓ ଲିଙ୍ଗରାଜ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଛନ୍ତି । ଅଧିନାୟକ ଅଜୟ ଆଗାମୀ ମ୍ୟାଚ୍‌କୁ ଜିତି ସିରିଜ ମୂଳପୋଛ କରିବାର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି । ଶ୍ରୀଲଙ୍କା କୋଚ୍ ଲକ୍ଷ୍ମଣ ଦେବପ୍ରିୟ ଭାରତର ପ୍ରଦର୍ଶନ ଆମଠାରୁ ଭଲ ରହିଛି ବୋଲି କହିଥିଲେ। କୋଲକାତାରେ ଖେଳାଯିବାକୁ ଥିବା ଅନ୍ତିମ ମ୍ୟାଚ୍ ଜିତିବା ନିମନ୍ତେ ଚେଷ୍ଟା କରିବୁ ବୋଲି ଲକ୍ଷ୍ମଣ ମତ ଦେଇଥିଲେ। ଅର୍ଦ୍ଧଶତକ ହାସଲକାରୀ ଓଡ଼ିଆ ଖେଳାଳି ଲିଙ୍ଗରାଜ ଶତକ ହାସଲରୁ ଦୁର୍ଭାଗ୍ୟବଶତଃ ଭାବେ ବଞ୍ଚିତ ହୋଇଛି ବୋଲି କହିଥିଲେ।



ଶ୍ରୀଲଙ୍କା ବିପକ୍ଷରେ ବିଜୟୀ ଭାରତୀୟ ଦଳ ଅତିଥିଙ୍କ ଗହଣରେ ।

## ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନର ବୃହତ ବିଜୟ

ଆବୁଧାବି, ୨୫।୧୦(ଏଏଫ୍‌ପି)

ସ୍ଥାନୀୟ ଶେଖ୍ ଜାଭେଦ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ଦଳ ୬୬ ରନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୮ ଉଇକେଟ୍‌ରେ ୧୫୫ ରନ କରିଥିବାବେଳେ ଅଷ୍ଟ୍ରେଲିଆ ମାତ୍ର ୮୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଟି୨୦ ଫର୍ମାଟରେ ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନର ଏହା ବୃହତ ବିଜୟ। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଦୁବାଇରେ ଖେଳାଯିବ।

୧୫୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୧୬.୫ ଓଭରରେ ୮୯ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ନାଥନ କଲ୍ଟର–ନିଲ ସର୍ବାଧିକ ୩୪ ରନ କରିଥିବାବେଳେ ଅଧିନାୟକ ଆରୋନ ଫିଞ୍ଚ (୦), କ୍ରିସ୍ ଲିନ୍ (୧୪), ଗ୍ଲେନ ମ୍ୟାକ୍ସୱେଲ (୨), ଡି ଆର୍ସି ଶର୍ଟ (୪) ନିରାଶ କରିଥିଲେ। ପାକିସ୍ତାନ ପକ୍ଷରୁ ବାମହାତୀ ସ୍ପିନର ଇମାଦ୍ ୱାସିମ ୩ଟି ଏବଂ ଶାହିନ ଆଫ୍ରିଦି ଓ ଫହିମ୍ ଅସ୍ରଫ୍ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ବାବର ଆଜମଙ୍କ ଅପରାଜିତ ୬୮ ରନ ବଳରେ ୨୦ ଓଭରରେ ୮ ଉଇକେଟ୍‌ରେ ୧୫୫ ରନ କରିଥିଲା। ମହମ୍ମଦ ହାଫିଜ ୩୯ ଓ ଫାଖର ଜମାନ ୧୪ ରନ କରିଥିଲେ। ଆଣ୍ଡ୍ରିଉ ଟଏ ଓ ବିଲି ଷ୍ଟାନଲେକ୍ ୩ଟି ଲେଖାଏ ଉଇକେଟ୍ ନେଇଥିଲେ।

DSPL-214

EY Building a better working world
Govt. of Odisha
NFSSM Alliance

# ପରିମଳ ମାର୍ଗଦର୍ଶନରେ ଅଗ୍ରଣୀ ଓଡ଼ିଶା



**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କଦ୍ୱାରା
ତା.୨୬.୧୦.୨୦୧୮ରିଖରେ ଭୁବନେଶ୍ୱରରେ ୧୦.୩୦ ଘଣ୍ଟା ସମୟରେ
"ଫିକାଲ୍ ସ୍ଲଜ୍ ଓ ସେପ୍ଟେଜ୍ ମ୍ୟାନେଜ୍‌ମେଣ୍ଟ୍" ସମ୍ପର୍କୀୟ
ଜାତୀୟ କର୍ମଶାଳାର ଉଦ୍‌ଘାଟନ

ଏବଂ

ଭିଡିଓ ସମ୍ମେଳନ ମାଧ୍ୟମରେ
ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଢ଼େଙ୍କାନାଳ ଓ ପୁରୀଠାରେ
ନିର୍ମିତ ଛଅଟି ସେପ୍ଟେଜ୍ ବିଶୋଧନାଗାର ଲୋକାର୍ପଣ

ପୁନଶ୍ଚ

କଟକ, ଅନୁଗୁଳ, ବାରିପଦା, ବାଲେଶ୍ୱର ଓ ଭଦ୍ରକଠାରେ
ପାଞ୍ଚଟି ସେପ୍ଟେଜ୍ ବିଶୋଧନାଗାରର ନିର୍ମାଣ ହେଉଛି

ଓଡ଼ିଶାରେ ଫିକାଲ୍ ସ୍ଲଜ୍ ଓ ସେପ୍ଟେଜ୍ ନିମନ୍ତେ ବିଶୋଧନାଗାରର ନିର୍ମାଣ
ଆମ ରାଜ୍ୟରେ ନଦୀମାନଙ୍କର ଓ ଅନ୍ୟ ଜଳ ଉତ୍ସର ପ୍ରଦୂଷଣ ନିବାରଣ କରିବା
ସହ ସହରାଞ୍ଚଳରେ ବସବାସ କରୁଥିବା ୬୦ ଭାଗରୁ ଅଧିକ ନାଗରିକଙ୍କ ନିମନ୍ତେ
ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବ






**ସ୍ୱଚ୍ଛ ଓଡ଼ିଶା – ସୁସ୍ଥ ଓଡ଼ିଶା**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

13001/13/0030/1819

# ଆଦିବାସୀ ଦଶହରା ପାଳିତ

**ଡାବୁଗାଁ,୨୫।୧୦(ଡି.ଏନ.ଏ.)–** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଠାରେ ପାରମ୍ପରିକ ଆଦିବାସୀ ଦଶହରା ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ଲାଠି ,କୁର୍ସି ଓ ଶିରାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଅପରାହ୍ନରେ ସମସ୍ତ ଲାଠି, କୁର୍ସି ଡାବୁଗାଁ ମା' ଠାକୁରାଣୀ ମନ୍ଦିରରେ ପହଞ୍ଚି ଥିଲେ। ସେଠାରୁ ଲାଠି ,କୁର୍ସି, ସିରା ଓ ଦିଶାରିମାନେ ସୁସଜିତ ହୋଇ ପାରମ୍ପରିକ ଢୋଲ , ମୁର୍ଦ୍ଦଳ ତାଳେ ତାଳେ ନୃତ୍ୟ କରି ଗ୍ରାମ ପରିକ୍ରମା କରିଥିଲେ । ପରେ ମା' ଡାବାଦେଇ ମନ୍ଦିରରେ ପହଞ୍ଚିଥିଲେ। ଗୁରୁବାର ସାପ୍ତାହିକ ହାଟ ଥିବାରୁ ଶହଶହ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଏନେଇ ଡାବୁଗାଁ ଥାନା ପକ୍ଷରୁ ଶାନ୍ତି ସୁଙ୍ଖଳା ରକ୍ଷାନିମନ୍ତେ ପୋଲିସ ମୃତୟନ କରଯାଇଥିଲା। ମା' ଦୁର୍ଗାଙ୍କ ଦଶମୀ ପୂଜା ପରେ ଯେଉଁ ଗୁରୁବାର ପଡିଥାଏ ସେହିଦିନ ଆଦିବାସୀ ଦଶହରା ପାଳିତ ହୋଇଥାଏ । ଏଥିରେ ଗ୍ରାମର ପ୍ରାୟ ବହୁ ଲୋକଙ୍କ ସମାଗମ ହୋଇଥିଲା।



ଠାକୁରାଣୀଙ୍କ ଲାଠିକୁ ଶୋଭାଯାତ୍ରାରେ ନିଆଯାଉଛି ।

# ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ତେନ୍ତୁଳିଖୁଣ୍ଟି, ୨୫।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତାସ୍ଥିତ ଇଡେନ ଗାର୍ଡେନଠାରେ ୟେହୋବା ଜିରି ଆନ୍ତର୍ଜାତିକ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହା ୨୯ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ। ପ୍ରଥମ ମ୍ୟାଚ ଭୁବନେଶ୍ୱର–କର୍ଣ୍ଣାଟକ ଓ ଦ୍ୱିତୀୟ ମ୍ୟାଚ ଝାଡଖଣ୍ଡ–ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭାବେ ମହିଳା ଫୁଟବଲ ମ୍ୟାଚ ମଧ୍ୟ ଏଠାରେ ଆୟୋଜନ କରାଯାଉଛି। ଝାରସୁଗୁଡା ଓ ସମ୍ବଲପୁରର ମହିଳା ଦଳ ନଭେମ୍ବର ୧ରେ ପରସ୍ପରକୁ ଭେଟିବେ। ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ ରାଜସ୍ଥାନ–ପଶ୍ଚିମବଙ୍ଗ ମଧ୍ୟରେ ଖେଳାଯିବ। ୫ମ ମ୍ୟାଚ ମହାରାଷ୍ଟ୍ର ସହ ତେନ୍ତୁଳିଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ହେବ। ୩ ନଭେମ୍ବରରେ ପ୍ରଥମ ସେମିଫାଇନାଲ ଓ ୪ ନଭେମ୍ବରରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ, ୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରଥମଥର ପାଇଁ ଦେଶ ବାହରୁ ଏକ ଟିମ୍ ଏଥିରେ ଭାଗ ନେଉଛି। ଏହାଛଡା ଦେଶର ପ୍ରମୁଖ ରାଜ୍ୟର ବଛା ବଛା ଦଳ ଭାଗ ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବାରୁ ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ଖେଳାଳିମାନଙ୍କ ରହିବା ପାଇଁ ନବରଙ୍ଗପୁରଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ତନୟ ସାଗର, ଟୁର୍ନାମେଣ୍ଟର ମାର୍ଗଦର୍ଶକ ତୀର୍ଥଚରଣ ନାୟକ, ପ୍ରଦୀପ କୁମାର ବେପାରି, ମିଳନ ଭତ୍ରା, ମହେନ୍ଦ୍ର ବାଘ, ବସନ୍ତ ସଗରିଆ, କେଦାର କଟିମ, ସଞ୍ଜୟ ବାଘ, ଚନ୍ଦ୍ରଶେଖର ବାଣୁଆ, ବଳରାମ ଜାନି, ଶେଖର ହିଆଲ, ହରି ବେଗମ, ଟଙ୍କଧର ସୁନା, ସିମିୟନ ବେପାରି ପ୍ରମୁଖଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ଦିଆଯାଇଛି। ଶୃଙ୍ଖଳିତ ଭାବେ ଟୁର୍ନାମେଣ୍ଟ ଆୟୋଜନ ପାଇଁ ସ୍ୱେଚ୍ଛାସେବୀ ଦଳ ଗଠନ ସହ ସେମାନଙ୍କୁ ସ୍ୱତନ୍ତ୍ର ତାଲିମର ବ୍ୟବସ୍ଥା କରାଯାଇଛି ।

# ମନ୍ତ୍ରୀ, ଏମ୍‌ପିଙ୍କ ଗାଡିଙ୍କୁ ଅଣ୍ଡାମାଡ଼ ଘଟଣାକୁ ନିନ୍ଦା

**ଚନ୍ଦାହାଣ୍ଡି,୨୫।୧୦(ଡି.ଏନ.ଏ)–** ଉମରକୋଟ ବ୍ଲକର ନେଉରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏବଂ ବଳଭଦ୍ର ମାଝି ବୁଧବାର ଯାଇଥିଲେ। ଏହି ସମୟରେ କିଛି ଲୋକ ମନ୍ତ୍ରୀ ଓ ଏମପିଙ୍କ ଗାଡିକୁ ଅଣ୍ଡା ମାଡ ସହ କଳାପତାକା ପ୍ରଦର୍ଶନ କରିଥିଲେ। ଏହି ଘଟଣାକୁ ଚନ୍ଦାହାଣ୍ଡି ବ୍ଲକ ବିଜେଡି ତରଫରୁ ନିନ୍ଦା କରାଯାଇଛି। ବ୍ଲକ ବିଜେଡି ସଭାପତି ଗୌରହରି ନାୟକଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ସମ୍ପାଦକ ଯୁବରାଜ ଜଗତ, ବ୍ଲକ ଯୁବ ସଭାପତି ତ୍ରିନାଥ ଦାଶ, ବ୍ଲକ ପ୍ରଚାର କମିଟି ସଭାପତି ଚଇତୁରାମ ଦଣ୍ଡସେନା, ବିଜେଡି ନେତା ଭୁବନେଶ୍ୱର ବେଶ୍ରା, ରତ୍ନାକର ପୁଜାରୀ, ସାନ ନାଗ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

# ଗୌସିକ ଫିଟ୍‌ନେସ ପାର୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ନବରଙ୍ଗପୁର,୨୫।୧୦(ବି.ପ୍ର.)** ପଞ୍ଜାବ ଅମୃତସର ଠାରେ ରାବଣ ପୋଡି ସମୟରେ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟଣାରେ ଦିବଂଗତଙ୍କ ଆତ୍ମାର ସଦଗତି ନିମନ୍ତେ ନବରଙ୍ଗପୁର ଗୌସିକ ଫିଟନେସ ପାର୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଫିଟନେସ ପାର୍କର ମୁଖ୍ୟ ଲଲାଟେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ରବି ସାମଲ, କିଶାନ ପାତ୍ର, ରଘୁ ନାୟକ ସମେତ ୨ଶହ ସଭ୍ୟ ଉପସ୍ଥିତ ଥିଲେ । ସ୍ଥାନୀୟ ରାମମନ୍ଦିର ଛକ ଠାରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗାନ୍ଧିଛକ ନିକଟରେ ପହଞ୍ଚିଥିଲା । ସେଠାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।



ଗୌସିକ୍ ଫିଟ୍‌ନେସ ପାର୍କର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି ।







ଝରିଗାଁ ବ୍ଲକର ଧୋଡ୍ରାର ବକଡାବେଡା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ।

# ଯାନବାହନ ଯାଞ୍ଚ

**ପାପଡାହାଣ୍ଡି/ କୋଷାଗୁମୁଡା, ୨୫।୧୦ (ବି.ପ୍ର.)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡିଙ୍ଗା କଲେଜ ନିକଟରେ ଗୁରୁବାର ପୋଲିସ ଓ ଏମଭିଆଇ ମିଳିତ ଭାବେ ଯାନବାହନ ଯାଞ୍ଚ କରିଥିଲେ। ମିଥୁନ ପ୍ରଧାନ, ଏସଆଇ ଅଞ୍ଜନ କୁମାର ଜାଲ, ଅମର କୁମାର ମିଶ୍ର ଓ କର୍ମଚାରୀ ଯାନବାହନ ଯାଞ୍ଚ କରିଥିଲେ। ଲାଇସେନ୍ସ ଇନସୁରାନ୍ସ, ହେଲମେଟ ଆଦି ଯାଞ୍ଚ କରି ୫୫୦୦ ଟଙ୍କା ଆଦାୟ କରିଥିଲେ। ମୋବାଇଲରେ କଥାବାର୍ତ୍ତା ହୋଇ ଗାଡି ଚଳାଉଥିବାରୁ ଗୋଟିଏ ଲାଇସେନ୍ସ ରଦ୍ଦ କରିଥିଲେ। ଲୋକମାନଙ୍କୁ ଗାଡି ଚଳାଇବାବେଳେ ହେଲମେଟ୍, ସିଲ୍ଟବେଲ୍ଟ ପିନ୍ଧିବା , ମୋବାଇଲରେ ନ ଗପିବା ପାଇଁ ସଚେତନ କରାଯାଇଥିଲା ।





# ବ୍ଲକ ଘେରାଉ ପାଇଁ ଭାଜପାର ବୈଠକ

**ଚନ୍ଦାହାଣ୍ଡି,୨୫।୧୦(ବି.ପ୍ର.)**

ନବରଙ୍ଗପୁର ଜିଲାର ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଘେରାଉ ପାଇଁ ଚନ୍ଦାହାଣ୍ଡି ମଣ୍ଡଳ ଓ ମାଲଗାଁ ମଣ୍ଡଳ ପକ୍ଷରୁ ଭାଜପା କାର୍ଯ୍ୟାଳୟଠାରେ ମଣ୍ଡଳ ସଭାପତି ପ୍ରତାପ ବାଘଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଗୋବିନ୍ଦ କୁମାର ଜୈନ ଯୋଗ ଦେଇଥିବା ବେଳେ ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁ ମାଝି, ସାଧାରଣ ସମ୍ପାଦକ ସୁବଳ ବାଘ, ଗୋକୁଳ ବେଶ୍ରା, ଜିଲା ପରିଷଦ ସଭ୍ୟ ଶ୍ୟାମ ସୁନ୍ଦର ମାଝି, ଓବିସି ସଭାପତି ଗୌରାଙ୍ଗ ମନହିରା, ଭାଜପା ନେତା ମନଧର ଧୁରୁଆ, ଟେକରାମ ମାଝି, ମହେନ୍ଦ୍ର ନାୟକ, ଭରତ ବାଘ, ଗଗନ ମାଝି, ଟେକରାମ ମାଝି, ଗୋବିନ୍ଦ ବଗର୍ତ୍ତୀ, ଯାଦବ ବଗର୍ତ୍ତି ପ୍ରମୁଖ ଯୋଗ ଦେଇ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ଷା ଅଭାବରୁ ବ୍ଲକରେ ଦେଖା ଦେଇଥିବା ମରୁଡି ସମସ୍ୟା, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଦୁର୍ନୀତି, ବିଜୁ ଯୁବ ବାହିନୀ ନାମରେ ଦୁର୍ନୀତି ନେଇ ଆଲୋଚନା ହୋଇଥିଲା। ଆସନ୍ତା ୩୦ ତାରିଖ ବ୍ଲକ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

# କୃଷକ ଜାଗୃତିକ କାର୍ଯ୍ୟକ୍ରମ

**ନବରଙ୍ଗପୁର,୨୫।୧୦(ବି.ପ୍ର.)**

ଚକିଲି ଟସର ଫାର୍ମ ଠାରେ ବୁଧବାର ଟସର କୃଷକ ଜାଗୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀଗୁଡା ସରପଞ୍ଚ ଅରୁଣା ଭତ୍ରା , ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ଖୋସ୍ଲା, ବୈଜ୍ଞାନିକ ଡ. ଏଚ. ଜୟରାମ, ବୈଷୟିକ ପରାମର୍ଶଦାତା ପାର୍ବତୀ ରାଉତରାୟ, ଶିବ ବିଷୋୟୀ, ସୁବାଷ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ଚାଷୀଙ୍କୁ ବିଭିନ୍ନ ଜ୍ଞାନ କୌଶଳ ସୂଚନା ଦେଇଥିଲେ । ଟସର ଚାଷ କରି ନବରଙ୍ଗପୁର ଜିଲାର କଂଗ୍ରା ଗାଁର ଦେବେନ୍ଦ୍ର ହିଆଲ, ମହେନ୍ଦ୍ର ହିଆଲ, ହରି ରାଓ, ବିଜ୍ରାଗୁଡା ଗାଁର ଭଳା ବାଘ, ଚିକିଲି ଗାଁର ତ୍ରିନାଥ ବିଷୋୟୀ, କୁମ ହରିଜନ, ପର୍ଶୁରାମ ଭତ୍ରା ଆଦି ଚାଷୀ ବର୍ଷକୁ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାରକ୍ଷମ ହୋଇପାରିଛନ୍ତି। ଚାଷୀମାନେ ଟସର ଚାଷ ପ୍ରତି ଧ୍ୟାନ ଦିଅନ୍ତିଓ ଆଗ୍ରହ ସୃଷ୍ଟି କରନ୍ତିତେବେ ଆର୍ଥୀକ ସ୍ଥିତି ସୁଦୃଢ ହୋଇ ପାରିବ ବୋଲି କହିଥିଲେ । ଏନେଇ କୁକୁଡା ବାଇ, କଂଗ୍ରା, ବିଜ୍ରାଗୁଡା, ଚକିଲି ଆଦି ଗାଁର ଚାଷୀଙ୍କୁ କେନ୍ଦ୍ରସରକାରଙ୍କ ଟସର କେନ୍ଦ୍ର ପକ୍ଷରୁ ବୈଷୟୀକ ଜ୍ଞାନ ଯୋଗାଇ ଦେବା ପାଇଁ ମଧ୍ୟ କୁହା ଯାଇଥିଲା ।

# ଜୈବିକ ଚାଷ ଉପରେ ଗୁରୁତ୍ୱ

**ଚିତ୍ରକୋଣ୍ଡା, ୨୫।୧୦–**

ଦୋରାଗୁଡ଼ା ପଞ୍ଚାୟତରେ ଶିଶୁ ଓ ମହିଳା କଲ୍ୟାଣ ସମିତି ସହଯୋଗରେ ବ୍ଲକସ୍ତରୀୟ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ନାବାର୍ଡ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଶିଶୁ ଓ ମହିଳା କଲ୍ୟାଣ ସମିତି କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ନାବାର୍ଡ ଡ଼ିଡ଼ିଏମ ସୁବାଶ ଚନ୍ଦ୍ର ମଙ୍ଗରାଜ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ଉଦ୍ୟାନ କୃଷିର ଉପ ନିର୍ଦ୍ଦେଶକ ପି . ଡମ୍ବରୁ ରାଓ, ଜିଲା କୃଷି ଅଧିକାରୀ କୈଳାଶ ଚନ୍ଦ୍ର ସ୍ୱାଇଁ, କେସିସି ବ୍ୟାଙ୍କ ପରିଚାଳକ ଏମ୍‌କେ ମୁର୍ତ୍ତି, ଭିଏଲଡବ୍ଲ୍ୟୁ ଅରବିନ୍ଦନାଥ ପ୍ରଧାନ ଓ କୋରୁକୋଣ୍ଡା ଲ୍ୟାମ୍ପ୍ସ ଏମ୍‌ଡ଼ି କାଳୁ ପ୍ରଧାନ ଯୋଗ ଦେଇଥିଲେ। ବିଭିନ୍ନ ଯୋଜନାର ସୁବିଧା ସୁଯୋଗର ଲାଭ ନେବାକୁ ଅତିଥିମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ଗଜାନନ



@ ନକୁଳ



@ ସ୍ୱରାଜ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ — rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ସ୍ୱତନ୍ତ୍ର ଜିଲାପରିଷଦ ବୈଠକ

# ୨୪୭.୨ କି.ମି. ନିର୍ମାଣ ପାଇଁ ଅର୍ଥ ଅନୁମୋଦନ

ପାରଳାଖେମୁଣ୍ଡି, ୨୫।୧୦ (ସ୍ୱ.ପ୍ର.)



ବୈଠକରେ ଜିଲା ପରିଷଦ ସଭାପତି ଅନିତାରାଣୀ ବେହେରା ଏବଂ ଅନ୍ୟମାନେ।

ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ସଭାପତି ଅନିତାରାଣୀ ବେହେରା ସଭାପତିତ୍ୱ କରିଥିଲେ। ଜିଲାପାଳ ଅନୁପମ ଶାହା ଯୋଗଦେଇ ଜିଲାର ୭ଟି ଗ୍ରାମ୍ୟ ଉନ୍ନୟନ ବିଭାଜନ ବିଭାଗ ପକ୍ଷରୁ ପ୍ରସ୍ତାବିତ ୨୩ଟି ରାସ୍ତାର ୨୪୭.୨ କି.ମି. ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ ଅନୁଦାନ ରାଶି ଅନୁମୋଦନ କରିଥିଲେ। ତିତ୍‌ଲି ପ୍ରଭାବରେ ଶତାଧିକ ରାସ୍ତାର ସ୍ଥିତି ଉପରେ ଅବଗତ ହୋଇ ଏବଂ ସେଗୁଡିକର ଉନ୍ନତୀକରଣ ଦିଗ ଉପରେ ପ୍ରସ୍ତାବିତ ରାସ୍ତା ନିର୍ମାଣ କାର୍ଯ୍ୟର ଅନୁମୋଦନ କରି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଆବଶ୍ୟକସ୍ଥଳେ ମେଶିନ ଦ୍ୱାରା କାର୍ଯ୍ୟ ସମ୍ପାଦନ କରି ଅଞ୍ଚଳବାସୀଙ୍କ ଆସ୍ଥା ଭାଜନ ହେବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପାରଳାଖେମୁଣ୍ଡି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀଧର ନାୟକ ଏବଂ ମୋହନା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ବେହେରା ଯୋଗଦେଇ ରାସ୍ତା ନିର୍ମାଣ ସମ୍ପର୍କରେ ତଥ୍ୟ ରଖିଥିଲେ। ପ୍ରତି ବ୍ଲକ ଅଞ୍ଚଳରେ ୩୬କିମି ଦୂରତା ହିସାବରେ ଯନ୍ତ୍ରୀ, ପଞ୍ଚାୟତ ପ୍ରତିନିଧି, ବ୍ଲକ ଅଧ୍ୟକ୍ଷ ଏବଂ ବିଧାୟକମାନଙ୍କ ଉପସ୍ଥିତିରେ ରାସ୍ତା କାମ ଅନୁମୋଦନ ହୋଇ ସେଥିମଧ୍ୟରୁ ଯେଉଁ ୧୨ କିମି ଦୂରତା ରାସ୍ତା ଅଧିକ ଆବଶ୍ୟକ ତାହା ନିର୍ମାଣ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଉକ୍ତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ମୋହନା ବିଧାୟିକା ବାସନ୍ତି ମଲିକ, ଜିଲାପରିଷଦ ଉପାଧ୍ୟକ୍ଷ ଆର୍.ବିଜୟ କୁମାର, ଗ୍ରାମ୍ୟ ଉନ୍ନୟନ ବିଭାଗର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ୩ଶହରୁ ଅଧିକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମିତ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏହି ସବୁ ରାସ୍ତାର ପୁନରୁଦ୍ଧାର ତଥା ନିର୍ମାଣ ନିମନ୍ତେ ସ୍ୱତନ୍ତ୍ର ଭାବେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।



ମଣ୍ଡପରେ ପୂଜା ପାଉଥିବା ମା’ ଗଜଲକ୍ଷ୍ମୀ।

## ଓଡ଼ିଆ ଭଣ୍ଡାରିସାହିରେ ଲକ୍ଷ୍ମୀପୂଜା

ପାରଳାଖେମୁଣ୍ଡି, ୨୫।୧୦(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରିସାହି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ବୁଧବାରଠାରୁ ଲକ୍ଷ୍ମୀପୂଜା ଉତ୍ସବ ଆରମ୍ଭ ହୋଇଛି। ଏହା ୯ଦିନ ଧରି ଚାଲିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂଜାର୍ଚ୍ଚନା, ହୋମ ଯଜ୍ଞ ହେବା ସହ ଅନ୍ନପ୍ରସାଦ ବଣ୍ଟନ କରାଯିବ। ଏଠାକାର ପରମ୍ପରା ଅନୁଯାୟୀ ପୂଜା ଶେଷ ଦିନରେ ମା’ଙ୍କ ପାଖରେ ମହିଳାମାନେ ଚୁଡି ଦାନ କରିବେ ବୋଲି କମିଟି ସଦସ୍ୟ ରଘୁନାଥ ପାଣିଗ୍ରାହୀ କହିଛନ୍ତି।

## ନଦୀପଠାରୁ ମିଳିଲା ଅଜଣା ବ୍ୟକ୍ତିଙ୍କ ମୃତଦେହ

■ ବେକର କିଛି ଅଂଶ କଟା ଯୋଗୁ ହତ୍ୟା ସନ୍ଦେହ

ରାୟଗଡ (ଗଜପତି), ୨୫।୧୦(ଡି.ଏନ.ଏ.)

ଗଜପତି ଜିଲା ରାୟଗଡ ଥାନା ଅଧୀନ କରଡାସିଂ ପଞ୍ଚାୟତର ବୁରୁଜାଙ୍ଗ ଗ୍ରାମ ପାର୍ଶ୍ୱ ଦେଇ ବୋହିଯାଇଥିବା ମହେନ୍ଦ୍ରତନୟା ନଦୀପଠାରୁ ଗୁରୁବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହଟି ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ପଡ଼ିଥିବାବେଳେ ବେକର କିଛି ଅଂଶ କଟାଯାଇଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ କେହି ହତ୍ୟାକରି ନଦୀରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିବା ବେଳେ ଏ ନେଇ ପୋଲିସ ଅପମୃତ୍ୟୁ ମାମଲା ନଂ. ୧୮/୧୮ ରୁଜୁ କରି ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ କରୁଣାକର ମୁର୍ମୁଙ୍କୁ ପଚାରିବାରେ କହିଛନ୍ତି ଯେ, ଏହା ହତ୍ୟା କି ଆତ୍ମହତ୍ୟା ଘଟଣା ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଜାରି ରହିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ। ସେହିପରି ୩ଦିନ ପର୍ଯ୍ୟନ୍ତ ମୃତଦେହକୁ ମର୍ଗରେ ରଖାଯିବ। ଯଦି ତାଙ୍କର କେହି ଦାବିଦାର କିମ୍ବା ସମ୍ପର୍କୀୟ ନ ଆସନ୍ତି ତାହାଲେ ନିୟମାନୁଯାୟୀ ପୋଲିସ ପକ୍ଷରୁ ସତ୍କାର ବ୍ୟବସ୍ଥା କରାଯିବ।

## ବାତ୍ୟାରେ ୨୬୩୪ ଗୃହପାଳିତ ପଶୁପକ୍ଷୀ ମୃତ

ରାୟଗଡ (ଗଜପତି), ୨୫।୧୦(ଡି.ଏନ.ଏ.)

### ରାୟଗଡ଼ ବ୍ଲକ କ୍ଷୟକ୍ଷତି ରିପୋର୍ଟ

ତିତ୍‌ଲି ବାତ୍ୟା ପ୍ରଭାବରେ ଗଜପତି ଜିଲା ରାୟଗଡ ବ୍ଲକରେ ବହୁ ଧନଜୀବନ ନଷ୍ଟ ହେବା ସହ ଅନେକ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି। ୨୦୧୨ ମସିହାର ସର୍ଭେ ଅନୁଯାୟୀ, ରାୟଗଡ ବ୍ଲକରେ ଗାଈ, ବଳଦ, ବାଛୁରୀ ୧୮, ୯୯୬ଟି, ମଇଁଷି ୮୮୬, ଛେଳି ୨୦, ୬୯୬, ମେଣ୍ଢା ୮୪୧, ଘୁଷୁରି ୪୫୬ଟି ଥିବା ବେଳେ ବାତ୍ୟାରେ ଅନେକଙ୍କ ମୃତ୍ୟୁ ଯୋଗୁ ବହୁ ମାତ୍ରାରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଛି। ଗୋରୁ, ଛେଳିଙ୍କ ମୃତ୍ୟୁ ପରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଥିଲେ। ତେବେ ସରକାରଙ୍କ କ୍ଷତିପୂରଣ ଘୋଷଣା ଶୁଣିବା ପରେ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ରିପୋର୍ଟ ପାଇବା ପାଇଁ ସେମାନେ ଏବେ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଭିଡ ଲଗାଉଥିବା ଦେଖିବାକୁ ମିଳିଛି। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଥମ ପର୍ଯ୍ୟାୟ ରିପୋର୍ଟ ଦେବା ପାଇଁ ସ୍ଥିର ହୋଇଛି। ଏହି ରିପୋର୍ଟରେ ଗାଈ ୪୩, ବାଛୁରୀ ୧୩, ବଳଦ ୧୨୮, ମଇଁଷି ୧, ଛେଳି ୧୫୩୦, ମେଣ୍ଢା ୨୫, ଘୁଷୁରି ୫, କୁକୁଡା ୮୮୯ଟିର ମୃତ୍ୟୁ ଘଟିଥିବା ଉଲ୍ଲେଖ ରହିଛି। ରାୟଗଡ ବ୍ଲକ ଅଧୀନ ସମସ୍ତ ୨୧ଟି ପଞ୍ଚାୟତର ୩୧୯ଟି ଗ୍ରାମରେ ବହୁ ଗୃହପାଳିତ ପଶୁ ପକ୍ଷୀ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏନେଇ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯାଇଛି। କ୍ଷତିପୂରଣ ପାଇବା ପାଇଁ ଆହୁରି ୫ଶହ ଆବେଦନ ଫର୍ମ ଆସିଥିବା ଜଣାପଡ଼ିଛି। ସମସ୍ତ ଆବେଦନ ଉପରେ ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡାକ୍ତର ପ୍ରଶାନ୍ତ ସାମଲ କହିଛନ୍ତି।

## ୨ ଜୁଆ ଆଡ୍ଡାରେ ଚଢ଼ାଉ: ୨୩ ଗିରଫ

### ୩,୦୪,୧୦୦ ଟଙ୍କା ଜବତ

ପାରଳାଖେମୁଣ୍ଡି, ୨୫।୧୦ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ୨ଟି ଜୁଆ ଆଡ୍ଡାରେ ବୁଧବାର ମଧ୍ୟରାତ୍ରିରେ ପୋଲିସ ପକ୍ଷରୁ ଚଢାଉ କରାଯାଇଛି। ଦୁଇଟି ସ୍ଥାନରୁ ମୋଟ ୨୩ଜଣ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ୩ଲକ୍ଷ ୪ହଜାର ଏକଶହ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବଜାର ଛକ ପାଖରେ ଜୁଆଖେଳ ଚାଲିଥିବା ବେଳେ ସୂଚନା ପାଇ ପାରଳାଖେମୁଣ୍ଡି ଥାନା ପୋଲିସ ଚଢାଉ କରିଥିଲା। ସେଠାରୁ ୮ଜଣଙ୍କୁ ଗିରଫ କରାଯିବା ସହ ୧୦ହଜାର ୧ଶହ ଟଙ୍କା ଜବତ କରାଯାଇଛି। ଏ ନେଇ କେସ୍ ନଂ. ୨୧୦/୧୮ ରୁଜୁ ହୋଇଥିବା ଏଏସ୍‌ଆଇ ଜଗଦୀଶ ପଣ୍ଡା କହିଛନ୍ତି। ସେହିପରି ପୋଲିସ୍‌ର ଅନ୍ୟ ଏକ ଟିମ୍ ଏଏସ୍‌ଆଇ ପି.କେ. ତାରିଣୀଙ୍କ ନେତୃତ୍ୱରେ ଖଞ୍ଜାସାହି ରୋଡ ନିକଟ ଏକ ଜୁଆ ଆଡ୍ଡାରେ ଚଢାଉ କରି ୧୫ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ମୋଟ ୨ଲକ୍ଷ ୯୪ହଜାର ଟଙ୍କା ଜବତ କରାଯାଇଛି। ଏନେଇ କେସ୍ ନଂ. ୨୧୧/୧୮ ରୁଜୁ ହୋଇଥିବା ଏସ୍‌ଆଇ ଏନ୍.ସି. ପତି କହିଛନ୍ତି।

## ଡିଇଓଙ୍କ ଦାୟିତ୍ୱ ଗ୍ରହଣ

ପାରଳାଖେମୁଣ୍ଡି, ୨୫।୧୦(ସ୍ୱ.ପ୍ର.)

ଗଜପତି ଜିଲାର ନୂତନ ଶିକ୍ଷାଧିକାରୀ ଭାବେ ପ୍ରଦୀପ କୁମାର ନାଗ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅଧାପନ୍ତରିଆ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ସହ ଶିକ୍ଷା ବ୍ୟବସ୍ଥା ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ନାଗ କହିଛନ୍ତି। ବିଭାଗୀୟ କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ ।

CLASSIFIED DISPLAY

SEIKO CLOCKS
CELEBRATION OF TIME WITH SEIKO CLOCKS
FLAT 20% OFF
AUTHORISED DEALER
Lingaraj Watch & Communication: 89, Janpath, Bapuji Nagar, Bhubaneswar, Ph: 0674-2598023
Gouri Watch Co.: Plot No.: 90, Bapuji Nagar, Bhubaneswar, Ph: 0674-2597944/ 08018830606

ଶିକ୍ଷାର୍ଥୀଙ୍କ ପାଇଁ ଟ୍ରେନିଂ
ଶୁଶ୍ରୁଷା ଅଧୀନରେ ଘରୋଇସେବା ବା ହୋମନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ପାଇଁ ଟ୍ରେନିଂ। ୨ ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ନଭେମ୍ବର ୧ ତାରିଖ ୨୦୧୮ ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ଅକ୍ଟୋବର ୩୦, ୨୦୧୮। ଟ୍ରେନିଂ ସମୟରେ କୌଣସି କୋର୍ସ ଫି’ ନିଆଯିବ ନାହିଁ ଏବଂ ହଷ୍ଟେଲ୍‌ରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା:
ସମ୍ପାଦିକା ଶୁଶ୍ରୁଷା, ପ୍ଲଟ୍ ନଂ: ୪୯୩, ଭିମପୁର, କାର୍‌ଗିଲ୍ ରୋଡ୍, ପଲାସପଲ୍ଲି, ଭୁବନେଶ୍ୱର-୭୫୧୦୨୦
ଟେଲିଫୋନ୍: ୯୭୭୮୭୦୩୦୬୭, ମୋ: ୮୮୯୫୩୪୦୫୪୫
ଯୋଗାଯୋଗ ସମୟ: ୧୦.୩୦ ଠାରୁ ୪ଟା ପର୍ଯ୍ୟନ୍ତ

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

NON WOVEN BAG & PAPER CUP MACHINE
Full Automatic & Manual Non Woven Bag, Paper Cup & Plate Making Machines are Available Earn Monthly ₹ 20,000/- to ₹ 2,00,000/- with Buy Back Agreement
BLU IMPEX
NEAR BIG BAZAR, PATIA, BHUBANESWAR.
8106447191

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୧% ସମାଧାନ ପାଆନ୍ତୁ ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ, କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
9773820765-8512004851

DHARITRI Quiz No.12
Puja Quiz- 2018
Main Sponsor TVS
Co-Sponsors CENTRAL Nikon
☑ Tick mark the box which is correct
୧. ‘‘ମାଉଣ୍ଟ ଇନ୍ଦିରା’’ ଦୀପଟି କେଉଁ ମହାସାଗରରେ ଅବସ୍ଥିତ ?
କ. ଭାରତ ମହାସାଗର ☐ ଖ. ବଙ୍ଗୋପସାଗର ☐ ଗ. ଆରବସାଗର ☐ ଘ. କେଉଁଟି ନୁହେଁ ☐
୨. କେଉଁଟି ସର୍ବୋତ୍କୃଷ୍ଟ କୋଇଲା ?
କ. ଲିଗ୍‌ନାଇଟ୍ ☐ ଖ. ବିଟୁମିନସ୍ ☐ ଗ. ଆନ୍ଥ୍ରାସାଇଟ୍ ☐ ଘ. କେଉଁଟି ନୁହେଁ ☐
୩. ମହାତ୍ମାଗାନ୍ଧୀ କେଉଁ ସାପ୍ତାହିକ ପତ୍ରିକା ପ୍ରକାଶ କରୁଥିଲେ ?
କ. ୟଙ୍ଗ ଇଣ୍ଡିଆ ☐ ଖ. କେଶରୀ ☐ ଗ. କମ୍ରେଡ୍ ☐ ଘ. କେଉଁଟି ନୁହେଁ ☐
୪. ‘‘ଏସିଆର ଆଲୋକ’’ କିଏ ?
କ. ମହାବୀର ☐ ଖ. ବୁଦ୍ଧଦେବ ☐ ଗ. ବିବେକାନନ୍ଦ ☐ ଘ. କେଉଁଟି ନୁହେଁ ☐
୫. ‘‘ଲୋକନାୟକ’’ ଉପାଧି କିଏ ପାଇଥିଲେ ?
କ. ବିଜୁ ପଟ୍ଟନାୟକ ☐ ଖ. ହରେକୃଷ୍ଣ ମହତାବ ☐ ଗ. ଜୟପ୍ରକାଶ ନାରାୟଣ ☐ ଘ. କେଉଁଟି ନୁହେଁ ☐
Participant's Name:
Address:
Education
Mobile: Age:
E-mail:
Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply
Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes: Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 12
B-15, Industrial Estate, Rasulgarh, Bhubaneswar-10
TVS Apache RTR 160 4V
India's Most Powerful 160cc Motorcycle



ଶୁଦ୍ଧ ପବିତ୍ର ହୁଅ, ଈଶ୍ୱରଙ୍କୁ ବିଶ୍ୱାସ କର। ସବୁବେଳେ ତାଙ୍କ ଉପରେ ନିର୍ଭର କର, ତା'ହେଲେ କେହି ତୁମକୁ ବାଧା ଦେଇ ପାରିବେ ନାହିଁ। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା କରନାହିଁ।
- ସ୍ୱାମୀ ବିବେକାନନ୍ଦ





ରାୟଗଡ଼ା ନ୍ୟୁ କଲୋନୀରେ ମା' ଗଜଲକ୍ଷ୍ମୀଙ୍କ ନିର୍ମିତ ତୋରଣ ।



ରାୟଗଡ଼ା ସବ୍ କଲେକ୍ଟର ଅଫିସ ସମ୍ମୁଖ ରେ ପୂଜା ପାଉଥିବା ମା' ଲକ୍ଷ୍ମୀ ।



ରାୟଗଡ଼ା ନ୍ୟୁ କଲୋନୀ ।



ପଦ୍ମପୁର



ସବ୍ କଲେକ୍ଟର ଅଫିସ ସମ୍ମୁଖରେ ନିର୍ମିତ ତୋରଣ ।



ରାମ ଟକିଜ୍



ଗୁଣପୁର ମରାଠୀଗୁଡ଼ା ପୂଜା କମିଟି ।



ପୁରୁଣା ଗୁଣୁପୁର ପାଇକସାହି ।



ରାମ ଟକିଜ୍ ।

# ମଣ୍ଡପରେ ପୂଜା ପାଉଛନ୍ତି ମା'ଲକ୍ଷ୍ମୀ

**ରାୟଗଡା ଅଫିସ/ଗୁଡ଼ାରୀ/ଗୁଣପୁର/ପଦ୍ମପୁର, ୨୫।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ଏନେଇ ପୁରା ଜିଲା ଆଲୋକମାଳାରେ ଝଲସୁଛି । ରାୟଗଡା ସହରସ୍ଥିତ ନ୍ୟୁକଲୋନୀଠାରେ ୨୩ତମ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ପୂଜା କମିଟି ସଭାପତି ସହଦେବ ଚୌଧୁରୀ, ଉପସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ଏନ୍.ତ୍ରିନାଥ ରାଓ, ସହକାରୀ ସମ୍ପାଦକ ଅଶୋକ କୁମାର ସାହୁ, ଉପଦେଷ୍ଟା ଶଙ୍କର୍ଷଣ ମଙ୍ଗରାଜଙ୍କ ସମେତ ଅନ୍ୟ ସଦସ୍ୟମାନେ ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ରୟତ କଲୋନୀ ପୂଜା କମିଟି, ରାମାଟକିଜ୍ ନିକଟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଶିବପ୍ରସାଦ ମିଶ୍ର, ସମ୍ପାଦକ ସୋମନାଥ ପାଢ଼ୀ, ଉପସଭାପତି ସୁନ୍ଦର ସାମଲ, ସମ୍ପାଦକ ଅଶ୍ୱିନ କୁମାର ସାହୁଙ୍କ ନେତୃତ୍ୱରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମଧ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ନାଗାବଳୀ ଓ ଝଞ୍ଜାବତୀ ନଦୀ କୂଳରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ କଳସ ଶୋଭାଯାତ୍ରା ବାହାରି ଥିଲା। ବୁଧବାର ମଧ୍ୟରାତ୍ରୀରେ ପ୍ରତ୍ୟେକ ପୂଜା ମଣ୍ଡପରେ ମା'ଙ୍କୁ ଆବାହନ କରାଯିବା ସହ ସୂର୍ଯ୍ୟପୂଜା, ହୋମ ଓ ଷୋଡଶ ଉପଚାର ସହିତ ମା'ଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପ ନିକଟରେ ବିରାଟକାୟ ତୋରଣ ସହିତ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। ନ୍ୟୁକଲୋନୀ ପୂଜାମଣ୍ଡପ ନିକଟରେ ଶତାଧିକ ଅସ୍ଥାୟୀ ଷ୍ଟଲ୍ ଓ ମିନାବଜାର ଖୋଲାଯାଇଛି। ସେହିପରି ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଗୁଡାରୀ ସହର ଉତ୍ସବମୁଖର। ସ୍ଥାନୀୟ ଡେରା ସାହି, ମିଲ ଢେପ ସାହିଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଚାଲିଛି। ଗଙ୍ଗା ଆବାହନ ସ୍ୱରୂପ ମହିଳାମାନେ ବଂଶଧାରା ନଦୀରୁ ସଂକୀର୍ତ୍ତନ କରି କଳସ ଯାତ୍ରାରେ ବାହାରିଥିଲେ। ନିଘାମନ ସାହି ପୂଜା ମଣ୍ଡପରେ ପୁରୋହିତ ଉଦ୍ଧବ ମହାପାତ୍ର, ନରସିଂହ ମିଶ୍ର, ବିଘ୍ନରାଜ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ଜଗନ୍ନାଥ ମିଶ୍ର ଓ ସବିତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କମିଟି ସମ୍ପାଦକ ପ୍ରକାଶ ରଥଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ଚାଲିଛି। ସେହିଭଳି ମିଲୁ ଢେପ ସାହି ପୂଜା ମଣ୍ଡପରେ ରାଜ ପୁରୋହିତ ରାମ ପ୍ରସାଦ ଶର୍ମା ଓ ତାଙ୍କ ୩ ଭାଇ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପଗୁଡିକୁ ସୁସଜ୍ଜିତ କରାଯାଇଛି। ସେହିପରି ଗୁଣପୁର ସହର ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଉତ୍ସବ ମୁଖରିତ ହୋଇପଡିଛି । ସହରର ୫ଟି ସ୍ଥାନରେ ସୁନ୍ଦର ଆଲୋକମାଳା ସହ ତୋରଣରେ ପୂଜା ମଣ୍ଡପ ଝଲସି ଉଠିଛି । ଚଳିତ ବର୍ଷ ବିବିଏନ ପୂଜା କମିଟି ,ଷ୍ଟେଶନ ରୋଡ ଏବଂ ପୁରୁଣା ଗୁଣପୁର ପାଇକ ସାହିଠାରେ ପ୍ରଥମ ଥର କରି ମା' ଲକ୍ଷ୍ମୀଙ୍କ ପୂଜା ଆୟୋଜନ କରାଯାଉଛି । ସେହିପରି ମରାଠିଗୁଡାର ବ୍ଲକ ଅଫିସ ସମ୍ମୁଖ , ବ୍ରାହ୍ମଣସାହିଠାରେ ମଧ ମା'ଙ୍କ ପୂଜା ଆୟୋଜନ କରାଯାଇଛି । ମରାଠିଗୁଡାଠାରେ ମା'ଙ୍କ ପୂଜା ୭ ଦିନ ବ୍ୟାପି ଅନୁଷ୍ଠିତ ହେବ । ଏଥିସହ ଏଠାରେ ହ୍ୟାଣ୍ଡିକ୍ରାଫଟ ଏବଂ ହ୍ୟାଣ୍ଡଲୁମ ମେଳା ଆୟୋଜନ କରାଯାଇଛି । ମରାଠିଗୁଡା ଏବଂ ବିବିଏନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଛି । ଏଥିଲାଗି ମରାଠିଗୁଡା ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ବଂଶଧାରା ନଦୀରୁ ଗଙ୍ଗା ଆବାହନ ସହ ମହାଲକ୍ଷ୍ମୀ ମନ୍ଦିର ମା'ଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା । ଏଠାରେ କର୍ତ୍ତା ସୂର୍ଯ୍ୟ ନାରାୟଣ ରଥ ଏବଂ ପୂଜକ ଭାବେ ନବୀନ ରଥ ପୂଜା କାର୍ଯ୍ୟ ସଂପାଦନା କରିଥିଲେ । ସେହିପରି ବିବିଏନ ପୂଜା କମିଟି ପକ୍ଷରୁ ମଧ ସକାଳେ କଳସ ଶୋଭାଯାତ୍ରା ହୋଇଥିଲା । ସେହିପରି ପଦ୍ମପୁର ମୁଖ୍ୟ ବଜାର ଶାନ୍ତି ମାର୍କେଟଠାରେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ପ୍ରତ୍ୟେକ ଦିନ ପୂଜାପାଠ, ହୋମଯଜ୍ଞ ଅନୁଷ୍ଠିତ ହେଉଛି। ପୂଜା ମଣ୍ଡପ ଆକର୍ଷଣୀୟ ଆଲୋକମାଳାରେ ସଜ୍ଜିତ ହୋଇଛି। ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଗୁରୁବାର ଗଞ୍ଜାମ ଜିଲା ଚକାତେନ୍ତୁଳି ଗ୍ରାମର ସାଂସ୍କୃତିକ ଦଳ 'ଭାରତ ଲୀଳା' ପରିବେଶଣ କରିଥିଲେ। ଏହାର ନୃତ୍ୟ ନିର୍ଦ୍ଦେଶନା ହରିକୃଷ୍ଣ ବିଶ୍ୱାଳ ଦେଇଥିଲେ। ନୃସିଂହ ସାମନ୍ତରାୟ ପୂଜାକାର୍ଯ୍ୟ କରୁଛନ୍ତି। କମିଟି ସଭାପତି ସଭା ସୁନ୍ଦର ସାହୁ, ଦାମୋଦର ଅଧିକାରୀ, ଟୁକା ସାହୁ, ସୌରା ସାହୁ, ରାଜୁ ସାହୁ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରୁଛନ୍ତି।

## ନନ୍ଦିଆମ୍ମା ପୂଜା ପାଳିତ

**ଗୁଡ଼ାରୀ,୨୫।୧୦(ଡ଼ି.ଏନ.ଏ)**

କୁମାର ପୂର୍ଣ୍ଣିମା ଅବସରରେ ଗୁଡ଼ାରୀର ଧୋବାସାହିରେ ଭଗବାନ ନନ୍ଦିଆମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଗୁର୍ଜାପୁ ନାନ୍ଦିଙ୍କ ବାସଭବନରେ ଏହି ପୂଜା ଆୟୋଜନ କରାଯାଇଥିଲା । ଏହାକୁ ମହିଳାମାନେ ପୂଜାର୍ଚ୍ଚନା କରିଥିଲେ । ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ । ସେହିପରି ବିରିସା ଗ୍ରାମରେ ମଧ୍ୟ ନନ୍ଦିଆମାଙ୍କ ପୂଜା ଅନୁଷ୍ଠିତ ହୋଇଛି । ପୂର୍ଣ୍ଣିମା ରାତିରେ ଭଗବାନଙ୍କୁ ଆବାହନ କରାଯାଇଥିଲା। ଏହି ପୂଜା ଦେଖିବା ପାଇଁ ବିରିସାରେ ଭକ୍ତଙ୍କ ଭିଡ଼ ଜମିଥିଲା ।



ବିରିସାରେ ନନ୍ଦିଆ ମା'ଙ୍କୁ ନିଆଯାଉଛି ।

## ପରିଭ୍ରମଣରେ ଗଲେ ୩୦୦ ଜନଜାତି ଲୋକ

**ରାୟଗଡା ଅଫିସ/ରାମନାଗୁଡ଼ା ୨୫।୧୦(ଡ଼ି.ଏନ.ଏ)**

ଜିଲାର ରାୟଗଡା, ଚନ୍ଦ୍ରପୁର, ଗୁଣପୁର, ରାମନାଗୁଡା, ପଦ୍ମପୁର ଓ କୋଲନରା ବ୍ଲକରୁ ଗୁରୁବାର ୩୦୦ଜଣ ଜନଜାତି ସଦସ୍ୟଙ୍କୁ ଓଡ଼ିଶା ପର୍ଯ୍ୟଟନ ନିଗମର ୭ଟି ବସ୍ ଯୋଗେ ରାଜ୍ୟର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ପରିଭ୍ରମଣରେ ପଠାଯାଇଛି। ପୁରୀ, କୋଣାର୍କ, ଭୁବନେଶ୍ୱରର ବିଭିନ୍ନ ସ୍ଥାନ ଏମାନେ ବୁଲି ଦେଖିବେ। ସ୍ୱତନ୍ତ୍ର ବିକାଶ ପରିଷଦ ପକ୍ଷରୁ ସେମାନଙ୍କୁ ପଠାଯାଇଛି। ୨୮ତାରିଖରେ ସେମାନେ ଫେରିବେ । ଗୁରୁବାର ରାୟଗଡ଼ାରେ ଜିଲାପାଳ ଗୁହା ପୁନମ ତାପସ କୁମାର ସବୁଜ ପତାକା ଦେଖାଇ ବସ୍‌ର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ପେଦେଣ୍ଟି ରାମୁଲୁ, ପରିଷଦ ସଦସ୍ୟ ଶଙ୍କର ବିଡିକା, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜନଜାତି ବର୍ଗର ଲୋକେ ରାଜ୍ୟର ବିଭିନ୍ନ ସ୍ଥାନ ସମ୍ପର୍କରେ ଜାଣିପାରିବେ ବୋଲି ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି। ସେହିପରି ରାମନାଗୁଡ଼ା ବ୍ଲକରୁ ୩୮ ଜଣ ଜନଜାତି ପ୍ରତିନିଧି ବିଭିନ୍ନ ଦର୍ଶନୀୟ କ୍ଷେତ୍ର ପରିଦର୍ଶନ କରିଛନ୍ତି। ରାମନାଗୁଡାଠାରେ ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ବିଡିଓ ସୁଧାକର ରଇତ ପତାକା ଦେଖାଇ ଏହି ବସର ଶୁଭାରମ୍ଭ କରିଥିଲେ । ଉନ୍ନୟନ ପରିଷଦର ସଭ୍ୟ ଜଳନ୍ଧର ମୁଡ଼ିକା ଏବଂ ଡବ୍ଲ୍ୟୁଇଓ ଜୟଶ୍ରୀ ବିଷୋୟୀ ଏହି ଟିମ୍ ସହିତ ଯାତ୍ରା କରିଛନ୍ତି।

## ଦୁର୍ଘଟଣାରେ ଛାତ୍ରୀ ଆହତ

**ପଦ୍ମପୁର,୨୫।୧୦(ଡି.ଏନ୍.ଏ.)**

ପଦ୍ମପୁର ତ୍ରିବେଣୀ ଯୁକ୍ତ ଦୁଇ ବିଜ୍ଞାନ କଲେଜ ଛାତ୍ରୀ ଜି. ଶିବାନୀ(୧୬) ଦୁର୍ଘଟଣାରେ ଆହତ ହୋଇଛନ୍ତି। ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ଛାତ୍ରୀଙ୍କୁ ଉଦ୍ଧାର କରି ପଦ୍ମପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଶିବାନୀ କଲେଜ ଛୁଟି ପରେ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ଖିଲାମଣ୍ଡା ଗ୍ରାମ ନିକଟରେ ଜଣେ ବାଇକ୍ ଆରୋହୀ ତାଙ୍କୁ ଧକ୍କାଦେଇ ଫେରାର୍ ହୋଇଯାଇଥିଲେ।



## ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ



ବିଧାୟକ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛନ୍ତି ।

**ଗୁଣପୁର,୨୫।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ବ୍ଲକ ଚାଲକମ୍ବା ପଞ୍ଚାୟତ କାଲମା ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡରେ ୬ ଜଣଙ୍କ ୧୫ ବଖରା ଭସ୍ମୀଭୂତ ହୋଇଯାଇଥିଲା । ଗୁରୁବାର ବିଧାୟକ ତ୍ରିନାଥ ଗମାଙ୍ଗ ଗ୍ରାମକୁ ଯାଇ ଅଗ୍ନିବିପନ୍ନଙ୍କୁ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ଟାୱେଲ, ଚଦର, ଶାଢ଼ି ଆଦି ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବତନ ଏନଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଉପସ୍ଥିତ ଥିଲେ ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ଗୁଣପୁର,୨୫।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ତାଲୁକ ଆଇନ ସେବା ସଂସ୍ଥା ଅଧ୍ୟକ୍ଷ ତଥା ଏଡିଜେ ନିଶିତ ନିଶଙ୍କ, ସବ୍‌ଜଜ୍ ସତ୍ୟ ନାରାୟଣ କର ଏବଂ ଏସଡିଜେଏମ ବିଭୁଦତ୍ତ ନାୟକ ଉପସ୍ଥିତ ରହି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କୁ ରୁଟି ଏବଂ ଫଳ ବଣ୍ଟନ କରିଥିଲେ । ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ରମେଶଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ରୋଗୀଙ୍କୁ ଫଳ ପ୍ରଦାନ କରାଯାଉଛି ।

## ନାରୀଶିକ୍ଷା,ଯୌତୁକ ନିରୋଧ ନେଇ ସଚେତନତା

**ରାମନାଗୁଡା,୨୫।୧୦(ଡ଼ି.ଏନ.ଏ)**

ରାମନାଗୁଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଚଇତି ମଣ୍ଡପରେ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ,ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନାରୀ ଶିକ୍ଷାକୁ ଗୁରୁତ୍ୱ ଦେବା ଏବଂ ଯୌତୁକକୁ ବିରୋଧ କରିବା ନେଇ ସମଗ୍ର ଓଡ଼ିଶାର ଯୁବବର୍ଗ ସଚେତନ ହେବାକୁ ପଡ଼ିବ । ତାହାହେଲେ ସୁନ୍ଦର ଓଡ଼ିଶା ଗଠନ ହୋଇପାରିବ । ଏନେଇ ୫୦୦ ଯୁବବର୍ଗ ଏକାଠି ହୋଇ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଆଦାମଗୁଡା ଗ୍ରାମର ମାତାରବନମ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ନେଇ ଗୁଲୁଣ୍ଡି ଯୁବ ବାହିନୀ ତରଫରୁ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଏହି ଉତ୍ସବରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ଏମ୍‌ପି ପ୍ରତିନିଧି ଗଗନ ଆଚାର୍ଯ୍ୟ, ବିଧାୟକ ପ୍ରତିନିଧି ଦାମ କୈବର୍ତ୍ତ, ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ବିଜୁ ଯୁବବାହିନୀ ଜିଲା ସଂଯୋଜକ ଶିଶିର କୁମାର ମିଶ୍ର, ଜିଲା କ୍ରୀଡା ଅଧିକାରୀ ଶେଖ ଆଲିମୁର, ପ୍ରଧାନଶିକ୍ଷକ ବିପିନ ବିହାରୀ ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ମାଧବ ସୁଡୁକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧାକର ରଜତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ପିଇଓ ବଂଶୀଧର ଅତିଥି ପରିଚୟ ପ୍ରଦାନ କରିଥିଲେ ।